# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

VOLUME- 43 ◆ISSUE-23 ◆THURSDAY ◆17 JULY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୩ ◆ଗୁରୁବାର ◆୧୭ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଆଜି ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ

### ସାମିଲ ହେବେ ୮ ଟି ରାଜନୈତିକ ଦଳ

**ସାରା ରାଜ୍ୟରେ ବନ୍ଦ ରହିବ ପେଟ୍ରୋଲ ପମ୍ପ**

■ **ଭୁବନେଶ୍ୱର, ୧୬।୭ (ସମିସ):** ଫକୀରମୋହନ ଛାତ୍ରୀ ମୃତ୍ୟୁ ଘଟଣାରେ କଂଗ୍ରେସ ସମେତ ୮ ଟି ରାଜନୈତିକ ଦଳ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ଡକରା ଦିଆଯାଇଛି। ବୁଧବାର ପୂର୍ବାହ୍ନରେ ଭୁବନେଶ୍ୱରରେ ଆୟୋଜିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ବନ୍ଦ ସଫଳ କରିବାକୁ ଓଡ଼ିଶାର ସମସ୍ତ ବାମପନ୍ଥୀ ଓ ଗଣତାନ୍ତ୍ରିକ ଦଳ, ଟ୍ରେଡ୍ ୟୁନିୟନ, କୃଷକ ସଂଗଠନ, ମହିଳା, ଯୁବକ, ଛାତ୍ର ଏବଂ ସମାଜର ସମସ୍ତବର୍ଗଙ୍କୁ ନିବେଦନ କରାଯାଇଛି। ଏକ ମିଳିତ ପ୍ରେସ୍‌ବାର୍ତ୍ତାରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ କୁହାଯାଇଛି ଯେ ଡବଲ ଇଞ୍ଜିନ ବିଜେପି ସରକାରଙ୍କ କୁଶାସନ ବିରୋଧରେ ଏହି ବନ୍ଦ ଡକରା ▶ପୃଷ୍ଠା-୭

## ବିଜେଡିର ଲୋକସେବା ଭବନ ଘେରାଉ

# ବର୍ବରତାର ସୀମା ଟପିଲା ପୁଲିସ

### ଆନ୍ଦୋଳନକାରୀଙ୍କ ଉପରେ ପାଣି, ଲୁହବୁହା ଗ୍ୟାସ୍, ରବର ବୁଲେଟ୍ ମାଡ଼

### ପ୍ରଣବ ପ୍ରକାଶ, ପ୍ରୀତିରଞ୍ଜନ ଓ ସୁଲତା ଗୁରୁତର, ଶତାଧିକ କର୍ମୀ ଆହତ

### ପୁଲିସକୁ ସରକାର ଗୁଣ୍ଡାବାହିନୀରେ ପରିଣତ କରିଛନ୍ତି: ବିଜେଡି



■ **ଭୁବନେଶ୍ୱର, ୧୬।୭ (ସମିସ):** ନିର୍ଯାତନା ନିଆଁରେ ଦଗ୍ଧ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ଲୋକସେବା ଭବନ ଘେରାଉ କରିଥିବା ବିଜେଡ଼ି କର୍ମୀ ଓ କର୍ମକର୍ତ୍ତାଙ୍କ ଉପରେ ପୁଲିସ କରିଛି ପ୍ରଚଣ୍ଡ ଆକ୍ରମଣ। ଲୋୟର ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣ ଭାବରେ ଘେରାଉ ବେଳେ ପୁଲିସ ବର୍ବରତାର ସୀମା ଅତିକ୍ରମ ଟପିଛି। ବିଜେଡି କର୍ମୀଙ୍କ ଉପରେ ଆଖିବୁଜା ପାଣିମାଡ଼, ଲୁହବୁହା ଗ୍ୟାସର ପ୍ରୟୋଗ କରି ସେମାନଙ୍କୁ ଘାଇଲା କରିଛି। ଏତିକିରେ ପୁଲିସର ହିଂସ୍ର ଆଚରଣ ଅଟକି ନାହିଁ; ସବୁ ଆଇନ କାନୁନକୁ ମୋଡି ମକଚି ଦେଇ ପୁଲିସ ବିଜେଡି କର୍ମୀଙ୍କ ଉପରକୁ ବେଆଇନ ଭାବେ ରବର ଗୁଳି ଚାଳନା କରିଥିବା ଅଭିଯୋଗ ହୋଇଛି। ପୁଲିସ ଆକ୍ରମଣରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ପ୍ରୀତି ରଞ୍ଜନ ଘଡ଼ାଇ ଓ ରାଜ୍ୟସଭା ସାଂସଦ ସୁଲତା ଦେଓ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେହିପରି ଦଳର ଶତାଧିକ କର୍ମୀ ଓ କର୍ମକର୍ତ୍ତା ଆହତ ହୋଇ ବିଭିନ୍ନ ଘରୋଇ ହସପିଟାଲରେ ଭର୍ତ୍ତି ହୋଇଛନ୍ତି। ପୁଲିସର ମାତ୍ରାଧିକ ପ୍ରତିକ୍ରିୟାଶୀଳ ଆଚରଣ ଓ ବର୍ବରୋଚିତ ଆକ୍ରମଣକୁ ସାରା ରାଜ୍ୟରେ ନିନ୍ଦା କରାଯାଇଛି। ବିଜେଡିର ଜୋରଦାର ପ୍ରତିବାଦରେ ସରକାର ଡ଼ରିଯାଇଛନ୍ତି ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୁଲିସକୁ ସରକାର ଗୁଣ୍ଡାବାହିନୀରେ ପରିଣତ କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି ।

ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ଦାବିରେ ବିଜେଡି ପକ୍ଷରୁ ଦିଆ ଯାଇଥିବା ଲୋକସେବା ଭବନ ଘେରାଉରେ ଆଜି ଦଳର ବରିଷ୍ଠ ନେତାମାନଙ୍କ ସହ ହଜାର ହଜାର କର୍ମୀ ସାମିଲ ହୋଇଥିଲେ। ମାଷ୍ଟର କ୍ୟାଣ୍ଟିନ ଛକଠାରୁ ପିଏମଜି ଛକ ପର୍ଯ୍ୟନ୍ତ ବିଜେଡି କର୍ମୀମାନେ ଏକଜୁଟ ହୋଇ ମୋହନ ସରକାରଙ୍କ ବିରୋଧରେ ସ୍ଲୋଗାନ ସହ ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବି କରିଥିଲେ। ଏହି ଘଟଣାରେ ରାଜ୍ୟ ▶ପୃଷ୍ଠା-୭

## ୮ ଘଣ୍ଟା ଅଟକିଲା ବାଲେଶ୍ୱର

**ଗଡ଼ିଲାନି ଚକ-ଅଖ**

■ **ବାଲେଶ୍ୱର, ୧୬।୭ (ସମିସ):** ଆତ୍ମାହୁତି ଦେଇଥିବା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ସ୍ୱରକୁ ଅଧିକ ଶାଣିତ କରିଛି ବିଜେଡି। ବାଲେଶ୍ୱର, ରେମୁଣା, ନୀଳଗିରି, ସୋର, ସିମୁଳିଆ, ବସ୍ତା, ଜଳେଶ୍ୱର, ଭୋଗରାଇ ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରତିବାଦ ଜୋର୍‌ଦାର୍ ହୋଇଛି। ଦଳ ପକ୍ଷରୁ ଦିଆଯାଇଥିବା ଜିଲ୍ଲା ବନ୍ଦ ଡକରାକୁ ମଧ୍ୟ ସ୍ୱତଃସ୍ଫୂର୍ତ୍ତ ଜନସମର୍ଥନ ମିଳିଛି। ସବୁଠି ଲୋକଙ୍କ ମଧ୍ୟରେ କୋହ ଦେଖିବାକୁ ମିଳିଥିବା ବେଳେ ଚକ-ଅଖ ନ ଗଡ଼ିବା ଫଳରେ ବୁଧବାର ୮ ଘଣ୍ଟା କାଳ ଅଟକିଯାଇଥିଲା ପୂରା ଜିଲ୍ଲା। ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ ଆନ୍ଦୋଳନକୁ ଓହ୍ଲାଇ ବିଜୁ ଜନତା ଦଳ କହିଛି, ସରକାରଙ୍କ ଅବହେଳା ପାଇଁ ଛାତ୍ରୀଙ୍କ ଜୀବନ ଯାଇଛି। ଏଥିପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ ଉତ୍ତରଦାୟୀ। ପୀଡ଼ିତା ଜଣକ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେହି ତାଙ୍କ କଥା ଶୁଣିଲେନି। ନ୍ୟାୟ ପାଇଁ ଏଠି ସେଠି ଘୁରି ▶ପୃଷ୍ଠା-୭

## ପୁଲିସର ଆକ୍ରମଣ ଅମାନୁଷିକ: ନବୀନ

### ସ୍ପଷ୍ଟୀକରଣ ରଖନ୍ତୁ ସରକାର



"ଓଡ଼ିଶାବାସୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ବଜାୟ ରଖିବା ପାଇଁ ଆମର ପ୍ରତିବଦ୍ଧତାକୁ କୌଣସି ଶକ୍ତି ଦମନ କରିପାରିବ ନାହିଁ"

■ **ଭୁବନେଶ୍ୱର, ୧୬।୭ (ସମିସ):** ଲାୟର ପିଏମଜିରେ ଏଫ୍‌ଏମ୍ ସ୍ୱୟଂଶାସିତ କଲେଜର ମୃତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜେଡିର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଉପରେ ପୁଲିସର ଅମାନୁଷିକ ଆକ୍ରମଣକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ପୁଲିସର ଏହି ଆକ୍ରମଣ ବର୍ବରୋଚିତ ବୋଲି ବର୍ଣ୍ଣନା କରି ମୃତ ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜେଡି ଅବିଚଳିତ ଭାବରେ ଲଢ଼େଇ ଜାରି ରଖିବ ବୋଲି ଘୋଷଣା କରିଛନ୍ତି। ପାଣି ମାଡ଼, ରବର ଗୁଳି, ଲୁହବୁହା ଗ୍ୟାସ ଆମର ସଂକଳ୍ପକୁ ଦୁର୍ବଳ କରିପାରିବ ନାହିଁ ବୋଲି ଶାସକ ବିଜେପିକୁ ସିଧାସଳଖ ଆହ୍ୱାନ ଦେଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଓଡ଼ିଶାରେ ଗଣତାନ୍ତ୍ରିକ ▶ପୃଷ୍ଠା-୭

## ସଂସଦ ଘେରିବ କଂଗ୍ରେସ




ମହିଳାଙ୍କ ପାଇଁ ଓଡ଼ିଶା ମୃତ୍ୟୁକୂପ: ଅଲକା ଲାମ୍ବା

■ **ଭୁବନେଶ୍ୱର, ୧୬।୭ (ସମିସ):** ଆସନ୍ତା ୨୧ ତାରିଖରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହି ସମୟରେ କଂଗ୍ରେସ ସଂସଦ ଘେରାଉ କରିବ। ଘେରାଉ ବେଳେ ଓଡିଶା ପ୍ରସଙ୍ଗକୁ ପ୍ରାଥମିକତା ଦିଆଯିବ; ଏଠି ସରକାରୀ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍। ତେଣୁ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଉ ବୋଲି କଂଗ୍ରେସ ଦାବି କରିଛି। ବୁଧବାର କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା କହିଛନ୍ତି ଯେ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ପ୍ରସଙ୍ଗରେ ▶ପୃଷ୍ଠା-୭







## ସବୁଠୁ ପତଳା କାର୍



ସାମାଜିକ ଗଣମାଧ୍ୟମରେ ବିଭିନ୍ନ ସମୟରେ ବେଶ୍ ଅଜବ ଜିନିଷ ସବୁ ଭାଇରାଲ ହୋଇଥାଏ । ଏହି କ୍ରମରେ ଏବେ ସାମାଜିକ ଗଣମାଧ୍ୟମରେ ଏକ କାର୍‌ର ଫଟୋ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଚର୍ଚ୍ଚା ସାଉଁଟୁଛି । ତେବେ ଏହାର ଡିଜାଇନ୍ ଏଭଳି ଭାବେ କରାଯାଇଛି ଯେ, ଏହାକୁ ବିଶ୍ୱର ସବୁଠୁ ପତଳା କାର୍ ବୋଲି କୁହାଯାଉଛି । ଏହାର ଚଉଡ଼ା ମାତ୍ର ୧୯ ଇଞ୍ଚ । ଏହି ମଡେଲର ନାଁ ପାଣ୍ଡା ରଖାଯାଇଛି । ହାଲୁକା ନୀଳ ରଙ୍ଗର ଏହି କାର୍ ଏତେ ପତଳା ଯେ, ଏହା ଦେଖିବାକୁ ୨ଡି କାର୍ଟୁନ ଭଳି । ଏହାର ସାମ୍ନାରେ ଗୋଟିଏ ହେଡ୍‌ଲାଇଟ୍ ଏବଂ ଏହାର ଦୁଇ ପାର୍ଶ୍ୱରେ ଦୁଇଟି ଛୋଟ ଇଣ୍ଡିକେଟର ଲାଇଟ୍ ଅଛି । କାର୍‌ଟିର ଚାରିଟି ଚକ ରହିଛି । ଏହାର ଚକ ମଧ୍ୟ ଖୁବ୍ ପତଳା । ଏହି କାର୍‌ରେ ଗୋଟିଏ ଫ୍ରଣ୍ଟ ସିଟ୍ ଅଛି । ଏହା ପଛରେ ଅତିରିକ୍ତ ସିଟ୍‌ଟିଏ ଅଛି । ଏହିପ୍ରକାରେ ଉକ୍ତ ଅଜବ କାର୍‌ର ଦୁଇଟି ସିଟ୍ ହୋଇଯାଉଛି । ଅନ୍ୟପଟେ ଡ୍ରାଇଭର ସିଟ୍ ପାଖରେ କାର୍‌ର ଗୋଟିଏ ଡୋର୍ ଅଛି । ଯିଏ ବି ପଛରେ ବସିବାକୁ ଚାହିଁବେ, ଏହି ଡୋର୍ ଦେଇ ଯିବାକୁ ହେବ । ଅବଶ୍ୟ ପଛ ସିଟ୍ କେବଳ ଜଣେ ଛୋଟ ପିଲା ପାଇଁ ପର୍ଯ୍ୟାପ୍ତ କହିଲେ ଭୁଲ ହେବ ନାହିଁ । କାର୍‌ର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ତା'ସହ କାର୍‌ଟିକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି ଏବଂ ଏଥିରେ ବେଶ୍ ମଜାଳିଆ ପ୍ରତିକ୍ରିୟା ବି ଦେଉଛନ୍ତି ।

## ଅନ୍ତରାଷ୍ଟ୍ରୀୟ ନ୍ୟାୟ ଦିବସ



ପ୍ରତିଟି ମଣିଷକୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସେତିକି ପ୍ରାସଙ୍ଗିକ ମଧ୍ୟ । ସମସ୍ତଙ୍କ ପାଇଁ ନ୍ୟାୟ ଅପରିହାର୍ଯ୍ୟ । ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜୁଲାଇ ୧୭ ତାରିଖକୁ ଅନ୍ତର୍ଜାତୀୟ ନ୍ୟାୟ ଦିବସ ଭାବେ ପାଳନ କରାଯାଇ ଆସୁଛି । ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ପୃଥିବୀର ପ୍ରତିଟି ନିଷ୍ପେଷିତ, ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରୋମ ସମ୍ମିଳନୀର ବର୍ଷପୂର୍ତ୍ତି ଅବସରରେ ସମ୍ମିଳିତ ହୋଇଥିବା ରାଷ୍ଟ୍ରସମୂହ ସ୍ୱତନ୍ତ୍ର ଭାବେ ଏକ ଅନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟ ସ୍ଥାପନ କରିବା ଲାଗି ସହମତି ଜଣାଇଥିଲେ । ପରବର୍ତ୍ତୀ ସମୟରେ ଏଥିଲାଗି ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ୨୦୦୨ ଜୁଲାଇ ୧ଠାରୁ ନେଦରଲାଣ୍ଡ୍‌ର ହେଗ୍ ସହରରେ ବିଧିବଦ୍ଧ ଭାବେ ଏହା ଆରମ୍ଭ ହୋଇଥିଲା । ଆଇସିସି ହେଉଛି ସ୍ୱତନ୍ତ୍ର ଅନ୍ତର୍ଜାତୀୟ ନ୍ୟାୟିକ ସଂସ୍ଥାନ । ବିଶ୍ୱସ୍ତରରେ ହେଉଥିବା ଜଘନ୍ୟ ମାନବାଧିକାର ଉଲ୍ଲଂଘନ ମାମଲାଗୁଡ଼ିକର ଶୁଣାଣି ଏଠାରେ ହୋଇଥାଏ । ଗଣସଂହାର, ଯୁଦ୍ଧ ଅପରାଧ, ମାନବତା ପ୍ରତି ବିପଦ ଥିବା ପ୍ରତ୍ୟେକ ମାମଲାର ଶୁଣାଣି ଏହି ଅଦାଲତରେ କରାଯାଏ । ସେଇ ଐତିହାସିକ ମୁହୂର୍ତ୍ତକୁ ସ୍ମରଣୀୟ କରିବା ଲାଗି ୨୦୧୦ ମସିହାରୁ ପ୍ରତିବର୍ଷ 'ଆନ୍ତର୍ଜାତିକ ନ୍ୟାୟ ଦିବସ' ପାଳନ କରାଯାଇ ଆସୁଛି । ସଂପ୍ରତି ୧୨୫ଟି ରାଷ୍ଟ୍ର ଆଇସିସିର ସଦସ୍ୟ ଅଛନ୍ତି । ଅନ୍ତର୍ଜାତୀୟ ନ୍ୟାୟାଳୟରେ ୧୫ ଜଣ ନ୍ୟାୟାଧୀଶ ରହିଛନ୍ତି, ଯିଏକି ସଂଯୁକ୍ତ ରାଷ୍ଟ୍ର ମହାସଭା ଓ ସୁରକ୍ଷା ପରିଷଦ ଦ୍ୱାରା ୯ ବର୍ଷ ଲାଗି ଚୟନ ହୋଇଥାନ୍ତି । ଏହି ଦିବସ ଅପରାଧ ବିରୋଧରେ ଲଢ଼େଇ ଜାରି ରଖିବା ଲାଗି ଲୋକଙ୍କୁ ସଚେତନ କରେ । ଯୁଦ୍ଧପୀଡ଼ିତ, ମାନବିକତା ବିରୋଧରେ ସଂଘଠିତ ଅପରାଧ, ଅନ୍ୟ ଉପରେ ଆକ୍ରମଣ ଜନିତ ଅପରାଧ ତଥା ହତ୍ୟା ଶିକାର ହେଉଥିବା ଲୋକମାନଙ୍କୁ ନ୍ୟାୟ ଦେବା ଉପରେ ଏହି ଦିବସ ଗୁରୁତ୍ୱ ଦେଇ ଆସୁଛି ।

## ସୂର୍ଯ୍ୟାଲୋକରୁ ସୁରକ୍ଷା ଦେଉଛି ପଦ୍ମପତ୍ର



ଚୀନ୍‌ରେ ନିୟମିତ ନୂଆ ନୂଆ ଟ୍ରେଣ୍ଡ ସବୁ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏଠାରେ ଏବେ ଏକ ଅଜବ ଟ୍ରେଣ୍ଡ ଭାଇରାଲ ହେବାରେ ଲାଗିଛି । ଏଠାକାର ଲୋକେ ସନ୍‌ବର୍ଣ୍ଣରୁ ରକ୍ଷା ପାଇବା ପାଇଁ ପଦ୍ମପତ୍ରକୁ ଫେସ୍‌କଭର୍ ଭଳି ବ୍ୟବହାର କରୁଥିବାର ଦେଖାଯାଇଛି । ବିଶେଷକରି ଦକ୍ଷିଣ ଚୀନ୍‌ର ଝୋଜିଆଙ୍ଗ, ସିଚୁଆନ୍, ଏବଂ ଫୁଜିୟାନ ପ୍ରାନ୍ତର ଲୋକେ ଖରା ଏବଂ ଗରମରୁ ମୁହଁକୁ ସୁରକ୍ଷା ଦେବା ପାଇଁ ଏହି ନିଆରା ଉପାୟ ବାହାର କରିଛନ୍ତି । ଏବେ ସେମାନେ ବଜାରରୁ ସନ୍‌ସ୍କ୍ରିନ୍ ନ କିଣି, ପୋଖରୀରୁ ପଦ୍ମପତ୍ର ଛିଡ଼ାଇ ନିଜ ମୁହଁ ଘୋଡ଼ାଉ ଥିବା ଦେଖିବାକୁ ମିଳୁଛି । ସେହିପରି ବଡ଼ ବଡ଼ ପଦ୍ମପତ୍ରକୁ ହେଲ୍‌ମେଟ୍ କିମ୍ବା ଟୋପିରେ ସେଟ୍ କରି ମୁହଁରେ ବାନ୍ଧୁଥିବାର ଦେଖାଯାଉଛି । ଏହାସହ ଆଖି, ନାକ ଏବଂ ପାଟି ପାଖରେ ଛୋଟ ଛୋଟ ଛିଦ୍ର କରିଥାନ୍ତି । ଏନେଇ ଫୁଜିୟାନ ଅଞ୍ଚଳର ଜଣେ ଯୁବକଙ୍କ କହିବା କଥା, ସେ ପ୍ରଥମେ ବିୟୁଟି ମାସ୍କ ଲଗାଇବାକୁ ଭାବୁଥିଲେ । କିନ୍ତୁ ଘର ପାଖ ପୋଖରୀରେ ଥିବା ପଦ୍ମପତ୍ର ଦେଖି ତାଙ୍କ ମନ ବଦଳି ଯାଇଥିଲା । ତେବେ ଏହା ଏକ ପ୍ରାକୃତିକ ଉପଚାର ହେବା ସହ ମାଗଣାରେ ମିଳୁଥିବାରୁ ଲୋକେ ଏହି ଟ୍ରେଣ୍ଡକୁ ବେଶ୍ ପସନ୍ଦ କରୁଛନ୍ତି । କିଛି ଲୋକେ ଏହି ଟ୍ରେଣ୍ଡ ବେଶ୍ ମଜାଦାର କହୁଥିବାବେଳେ କିଛି ଏହାକୁ କ୍ଷତିକାରକ ବୋଲି କହିଛନ୍ତି । ଏଭଳି ପତ୍ର ପିନ୍ଧି ବାଇକ୍ ଚଲାଇବା ସମୟରେ ଦୁର୍ଘଟଣା ଘଟିପାରେ ବୋଲି କିଛି ଲୋକ ମନ୍ତବ୍ୟ ଦେଇଛନ୍ତି । ତେବେ ୧୦ ବର୍ଷ ପୂର୍ବେ ଚୀନ୍‌ର ସେଡୋଙ୍ଗ ପ୍ରାନ୍ତରେ ଫେସ୍‌କିନି ନାମକ ଏକ ଜିନିଷ ଭାଇରାଲ ହୋଇଥିଲା । ସମୁଦ୍ରକୂଳକୁ ଯାଉଥିବା ମହିଳାମାନେ ମୁହଁକୁ ସୂର୍ଯ୍ୟକିରଣରୁ ସୁରକ୍ଷା ଦେବା ପାଇଁ ଏହାକୁ ପିନ୍ଧୁଥିଲେ ।

## 'ଦ ରାଜା ସାବ୍'

## ପ୍ରଭାସ ନେଇଛନ୍ତି ୧୫୦ କୋଟି


ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ପ୍ରଭାସଙ୍କ ଫିଲ୍ମ 'ଦ ରାଜା ସାବ୍' ରିଲିଜ୍ ହେବାକୁ ଆହୁରି ପାଞ୍ଚମାସ ବାକି ଅଛି । କିନ୍ତୁ ବକ୍ସ ଅଫିସ୍‌ରେ ଏହା ରେକର୍ଡ ଆୟ କରିବ ବୋଲି ଏବେଠୁ ଚର୍ଚ୍ଚା ହେଲାଣି । ମାରୁତିଙ୍କ ନିର୍ଦ୍ଦେଶିତ ଏହି ହରର୍ କମେଡି ଫିଲ୍ମର ବଜେଟ୍ ୪୫୦ କୋଟି ରହିଛି । ପ୍ରଭାସ ପାରିଶ୍ରମିକ ବାବଦରେ ନେଇଛନ୍ତି ୧୫୦ କୋଟି । ତେବେ 'ଦ ରାଜା ସାବ୍'କୁ ବକ୍ସ ଅଫିସ୍‌ରେ ସଫଳ ହେବା ପାଇଁ ଅତି କମ୍‌ରେ ୯୦୦ କୋଟି ଆୟ କରିବାକୁ ହେବ । ଯଦି ଫିଲ୍ମଟି ସର୍ବଭାରତୀୟ ସ୍ତରରେ ବଜେଟ୍‌ର ୧୦୦ ପ୍ରତିଶତ ରିଟର୍ଣ୍ଣ ଦିଏ ତାହେଲେ ଯାଇ ଏହା ୯୦୦ କୋଟି ଆୟ କରିପାରିବ । ଯାହା ଏକପ୍ରକାର ଅସମ୍ଭବ ଜଣାପଡୁଛି । 'ଦ ରାଜା ସାବ୍'ରେ ପ୍ରଭାସଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ନିଧି ଅଗ୍ରୱାଲ, ମାଳବିକା ମୋହନନ୍, ରିଦ୍ଧି କୁମାର, ଯୋଗୀ ବାବୁ ଆଦି କାମ କରୁଛନ୍ତି । ଏହା ଡିସେମ୍ବର ୫, ୨୦୨୫ରେ ରିଲିଜ୍ ହେବ ।




## ଆଜିର ଇତିହାସ


- ୧୯୨୯ - ସୋଭିଏତ୍ ସଂଘ ଚୀନ୍ ସହିତ କୂଟନୈତିକ ସମ୍ପର୍କ ଛିନ୍ନ କଲା ।
- ୧୯୪୮ - ଭାରତୀୟ ମହିଳାଙ୍କୁ ପ୍ରଶାସନିକ ସେବା ସହିତ ସାର୍ବଜନୀନ ସେବାଗୁଡ଼ିକରେ ଭର୍ତ୍ତି ହେବା ପାଇଁ ଅନୁମତି ମିଳିଲା ।
- ୧୯୫୦- ପଞ୍ଜାବର ପଠାନ୍‌କୋଟ୍ ଠାରେ ଭାରତର ପ୍ରଥମ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ।
- ୧୯୯୫- ଫୋର୍ବସ୍ ପତ୍ରିକା ମାଇକ୍ରୋସଫ୍ଟର ସଂସ୍ଥାପକ ବିଲ୍ ଗେଟସ୍‌ଙ୍କୁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଭାବେ ଘୋଷଣା କଲା ।
- ୨୦୧୪- ମାଲେସିଆ ଏୟାରଲାଇନ୍ସର ବିମାନ-୧୭ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୮୩ ଯାତ୍ରୀଙ୍କ ସହ ଚାଳକ ଦଳର ୧୫ ଜଣ ସଦସ୍ୟଙ୍କ ପ୍ରାଣହାନି ।

## ୫୨ ବର୍ଷ ଧରି ପେଟ ଭିତରେ ଥିଲା ଟୁଥ୍‌ବ୍ରଶ





ପୂର୍ବ ଚୀନ୍‌ର ଅନହୁଇ ଅଞ୍ଚଳରୁ ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି । ଏଠାରେ ୬୪ ବର୍ଷ ବୟସ୍କ ୟାଙ୍ଗଙ୍କ ଅନ୍ତନଳୀରୁ ୧୭ ସେଣ୍ଟିମିଟର ଲମ୍ବା ଟୁଥ୍‌ବ୍ରଶ ବାହାର କରାଯାଇଛି । ବିଡମ୍ବନାର ବିଷୟ ହେଉଛି, ଟୁଥ୍‌ବ୍ରଶଟି ୫୨ ବର୍ଷ ଧରି ତାଙ୍କ ଅନ୍ତନଳୀରେ ରହି ଆସିଥିଲା । ଏହି ଘଟଣା କେବଳ ଡାକ୍ତରଙ୍କୁ ଆଶ୍ଚର୍ଯ୍ୟଚକିତ କରି ନାହିଁ, ସାଧାରଣ ଲୋକେ ବି ଏଥିରେ ବିସ୍ମିତ ହୋଇଛନ୍ତି । ୟାଙ୍ଗ ଦୀର୍ଘ ଦିନ ହେବ ପେଟରେ ଯନ୍ତ୍ରଣା ଅନୁଭବ କରୁଥିଲେ । ଏହାପରେ ସେ ହସ୍‌ପିଟାଲରେ ପରୀକ୍ଷା କଲେ । ତାଙ୍କ ପେଟରେ ଟୁଥ୍‌ବ୍ରଶ ଥିବା ଜଣାପଡ଼ିଥିଲା । ତେବେ ୧୨ ବର୍ଷ ବୟସରେ ସେ ଏହି ଟୁଥ୍‌ବ୍ରଶକୁ ଭୁଲବଶତଃ ଗିଳି ଦେଇଥିଲେ ବୋଲି ୟାଙ୍ଗ ଡାକ୍ତରଙ୍କୁ କହିଛନ୍ତି । ବାପାମାଆ ଗାଳି କରିବେ ବୋଲି ଭୟରେ ଏହି ଘଟଣାକୁ ସେ ସେତେବେଳେ ସମସ୍ତଙ୍କଠାରୁ ଲୁଚାଇ ରଖିଥିଲେ । ଅବଶ୍ୟ ସେ ଭାବିଥିଲେ ପରବର୍ତ୍ତୀ ସମୟରେ ଆପେ ଆପେ ଏହା ପେଟରୁ ବାହାରି ଯିବ, କିନ୍ତୁ ସେମିତି କିଛି ହେଲା ନାହିଁ । ତେବେ ସେବେଠୁ ସେ ସ୍ୱାଭାବିକ ଜୀବନ ଅତିବାହିତ କରି ଆସୁଥିଲେ । ଅଚାନକ ପେଟରେ ଯନ୍ତ୍ରଣା ବଢ଼ିବାରୁ ସେ ହସ୍‌ପିଟାଲ ଯାଇଥିଲେ ଓ ପେଟରେ ଟୁଥ୍‌ବ୍ରଶ୍ ଥିବା କଥା ଜାଣିବାକୁ ପାଇଥିଲେ । ୮୦ ମିନିଟ୍ ପର୍ଯ୍ୟନ୍ତ ତାଙ୍କ ଅପରେସନ୍ ଚାଲିଲା ଏବଂ ଡାକ୍ତର ତାଙ୍କ ପେଟରୁ ଟୁଥ୍‌ବ୍ରଶ ବାହାର କରିଥିଲେ । ଡାକ୍ତରଙ୍କ ମତରେ, ସାଧାରଣତଃ ଏତେ ବର୍ଷ ଧରି ଶରୀରରେ କୌଣସି ତୀକ୍ଷ୍ଣ କିମ୍ବା ସୂକ୍ଷ୍ମ ଜିନିଷ ଅନ୍ତନଳୀରେ ରହିଲେ ଛିଦ୍ର କିମ୍ବା ସଂକ୍ରମଣ ହୋଇପାରେ । ଯାହାକି ଜୀବନ ପାଇଁ ମାରାତ୍ମକ ହୋଇଥାଏ । ହେଲେ ୟାଙ୍ଗ ଭାଗ୍ୟବାନ ଯେ, ଟୁଥ୍‌ବ୍ରଶ ଅନ୍ତନଳୀରେ ଏଭଳି ଭାବେ ଅଟକି ରହିଥିଲା ଯେ, ତାଙ୍କୁ ଏ ଲାଗି କୌଣସି ଗୁରୁତର କ୍ଷତି ପହଞ୍ଚି ନାହିଁ । ଅନ୍ୟପଟେ ୨୦୧୯ ମସିହାରେ ଗୁଆଙ୍ଗଡୋଙ୍ଗ ଅଞ୍ଚଳର ୫୧ ବର୍ଷୀୟ ଜଣେ ବ୍ୟକ୍ତିଙ୍କ ଅନ୍ତନଳୀରୁ ୧୪ ସେଣ୍ଟିମିଟରର ଟୁଥ୍‌ବ୍ରଶ ବାହାର କରାଯାଇଥିଲା । ଏହି ବ୍ୟକ୍ତି ଜଣକ ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ଏହାକୁ ଗିଳି ଦେଇଥିଲେ ।



## ଭିନ୍ନ ଏକ ଗଛ

ବିଶ୍ୱରେ ଅନେକ ପ୍ରଜାତିର ଗଛଲତା ରହିଛି । ତନ୍ମଧ୍ୟରୁ କିଛି ଗଛଲତା ତା'ର ବିଶେଷତା ତଥା ସ୍ୱତନ୍ତ୍ରତା ପାଇଁ ଜଣାଯାଏ । ସେମିତି ଏକ ଗଛ ହେଉଛି ପୁୟା ରାଇମୋଣ୍ଡି । ଏହି ଗଛରେ ୧୦୦ ବର୍ଷରେ ମାତ୍ର ଥରେ ଫୁଲ ଫୁଟିଥାଏ । ତେଣୁ ଜଣେ ଲୋକ ତା'ର ଜୀବନକାଳରେ ଥରୁଟିଏ ଏହାର ଫୁଲକୁ ଦେଖିବାର ସୁଯୋଗ ପାଇଥାଏ । ଏହାକୁ ଆଣ୍ଡିଜ୍‌ର ରାଣୀ ମଧ୍ୟ କୁହାଯାଏ । ଗଛର ବୟସ ୮୦ ରୁ ୧୦୦ ବର୍ଷ ହେଲେ ହିଁ ଏଥିରେ ଫୁଲ ଦେଖାଯାଏ । ଏହା କାକଟସ୍ ପ୍ରଜାତିର । ଦକ୍ଷିଣ ଆମେରିକାରେ ୧୨,୦୦୦ ଫୁଟ ଉଚ୍ଚରେ ପୁୟା ରାଇମୋଣ୍ଡି ଦେଖିବାକୁ ମିଳିଥାଏ । ଏହି ଗଛଟି ଅତି ଅନୁନ୍ନତ ମାଟି ସହିତ ଥଣ୍ଡା ଏବଂ ଶୁଷ୍କ ଜଳବାୟୁରେ ବଢ଼ିଥାଏ । ପୁୟା ରାଇମୋଣ୍ଡି ହେଉଛି ବିଶ୍ୱର ସବୁଠାରୁ ବଡ଼ ବ୍ରୋମେଲିଆଡ ପ୍ଲାଣ୍ଟ । ତେବେ ଏହାର ଫୁଲ ଫୁଟିବାକୁ କେତେ ସମୟ ଲାଗେ ତାହା ଏବେ ବି ବିତର୍କର ବିଷୟ ହୋଇ ରହିଛି । ପୁୟା ରାଇମୋଣ୍ଡି ୩୩ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରେ । ଯେତେବେଳେ ଏଥିରେ ଫୁଲ ଫୁଟେ ଏହା ବହୁତ ସୁନ୍ଦର ଦେଖାଯାଏ । କାରଣ ଏଥିରେ ହଜାର ହଜାର ସଂଖ୍ୟାରେ ଧଳା ଫୁଲ ଫୁଟେ ଏବଂ ସମ୍ପୂର୍ଣ୍ଣ ଗଛ ଫୁଲରେ ପରିପୂର୍ଣ୍ଣ ହୋଇଯାଏ । କିନ୍ତୁ ଫୁଲ ଫୁଟିବା ପରେ ହିଁ ଗଛଟି ମରିଯାଏ ।

## ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ବ୍ୟବସାୟରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ଉଧାର ଧନ ଫେରିପାଇବେ । ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ । ଲୋକ ସମ୍ପର୍କ ବଢ଼ିବ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିପାରନ୍ତି । ଧନ ଆଗମନ ଯୋଗ ଅଛି । ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ । ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ । ଅତିରିକ୍ତ ଦାୟିତ୍ୱ ତୁଲାଇବେ । ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ସଫଳତା ପାଇଁ କଠିନ ପରିଶ୍ରମ କରିବେ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ସମାଜରେ ପ୍ରତିଷ୍ଠା ବଢ଼ିବ । ମାନ ସମ୍ମାନ ବୃଦ୍ଧି ହେବ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିପାରେ । ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ସାମାଜିକ କାର୍ଯ୍ୟରେ ସାମିଲ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ଯାତାୟତ ସମୟରେ ଧ୍ୟାନ ଦିଅନ୍ତୁ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ଉତ୍‌ଫୁଲ୍ଲିତ ରହିବେ । ଦୀର୍ଘ ଦିନର ଆଶା ପୂରଣ ହୋଇପାରେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ପାରିବାରିକ ବିବାଦରୁ ଦୂରେଇ ରହିବେ ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ । ଗୁରୁଜନଙ୍କ ଆଦେଶ ପାଳନ କରିବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହେବ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ଦାନଧର୍ମ କରନ୍ତୁ ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିପାରନ୍ତି । ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ଦାନ ଧର୍ମ କରିବେ ।






ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣା ପ୍ରତିବାଦରେ ବୁଧବାର ବିଜେଡି ପକ୍ଷରୁ ଲୋକସେବା ଭବନ ଘେରଉ ବେଳେ ପୁଲିସ ଆକ୍ରମଣରେ ପ୍ରଣବ ପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡ଼େଇ ଏବଂ ସୁଲତା ଦେଓ ଆହତ

# ହସ୍ପିଟାଲରେ ଆହତ ବିଜେଡି ନେତାଙ୍କୁ ଭେଟିଲେ ପାଣ୍ଡିଆନ ଦମ୍ପତି

ଭୁବନେଶ୍ୱର,୧୬ା୭(ସମିସ): ବିଜେଡି ପକ୍ଷରୁ ଲୋକସେବା ଭବନ ଘେରାଉ ସମୟରେ ପୁଲିସ ଆକ୍ରମଣରେ ଆହତ ବିଜେଡି ନେତାମାନଙ୍କୁ ଡାକ୍ତରଖାନାରେ ଭେଟିଛନ୍ତି ପୂର୍ବତନ '୫-ଟି' ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଓ ତାଙ୍କ ପତ୍ନୀ ତଥା ପୂର୍ବତନ ଆଇଏଏସ୍ ସୁଜାତା ରାଉତ କାର୍ତ୍ତିକେୟନ। ଏହି ଅବସରରେ ସେ ଚିକିତ୍ସାଧୀନ ବିଜେଡି ନେତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଡାକ୍ତରଙ୍କ ସହ ମଧ୍ୟ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି।

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ନ୍ୟାୟ ଦାବି କରି ବିଜେଡି ପକ୍ଷରୁ ଆଜି ଲୋକସେବା ଭବନ ଘେରଉ କରାଯାଇଥିଲା। ଏହି ସମୟରେ ଦଳର ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ। ମାତ୍ର ପୁଲିସର ପାଣିମାଡ଼, ଲୁହାବୁହା ଗ୍ୟାସ ଓ ରବର ଗୁଳି ମାଡ଼ରେ ଦଳର ଦୁଇ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡ଼େଇ ଓ ସାଂସଦ ସୁଲତା ଦେଓ ଗୁରୁତର ଆହତ ହୋଇଥିଲେ। ଏହା ସହ ଶତାଧିକ କର୍ମୀ ଓ କର୍ମକର୍ତ୍ତା ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏହି ସୂଚନା ପାଇବା ପରେ ପୂର୍ବତନ '୫-ଟି' ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଓ ତାଙ୍କ ପତ୍ନୀ ସୁଜାତା ରାଉତ କାର୍ତ୍ତିକେୟନ ଆପୋଲୋ ହସ୍‌ପିଟାଲରେ ଚିକିତ୍ସାଧୀନ ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ଉତ୍କଳ ହସ୍‌ପିଟାଲରେ ଚିକିତ୍ସାଧୀନ ପ୍ରୀତିରଞ୍ଜନ ଘଡ଼ାଇ ଓ ସୁଲତା ଦେଓଙ୍କୁ ଭେଟିଛନ୍ତି। ଏହି ସମୟରେ ପାଣ୍ଡିଆନ ଦମ୍ପତି ଡାକ୍ତରମାନଙ୍କ ସହ ମଧ୍ୟ ଆଲୋଚନା କରି ସେମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

# ସରକାରଙ୍କ ସବୁ ଗୁଳି ସରିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ: ସଂତୃପ୍ତ

ଭୁବନେଶ୍ୱର,୧୬ା୭(ସମିସ): ବୁଧବାର ଲୋକସେବା ଭବନ ଘେରଉ ସମୟରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ବର୍ଷିଛନ୍ତି ବିଜେଡିର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ ଲେଖିଛନ୍ତି ଯେ ରାଜ୍ୟ ସରକାର ନିଜର ଅପାରଗତା ଓ ଦୋଷକୁ ଘୋଡ଼ାଇବା ପାଇଁ ବିଜେଡ଼ି ନେତା ଓ କର୍ମୀମାନଙ୍କ ଉପରେ ବର୍ବର ଆକ୍ରମଣ କରିଛନ୍ତି। ଯଦି ସରକାର ଶାନ୍ତି ପୂର୍ବକ ଗଣତନ୍ତ୍ର ପ୍ରକ୍ରିୟାକୁ ସମ୍ମାନ ଦେଇପାରିବେ ନାହିଁ ଓ ପୁଲିସ ଶକ୍ତି ଦ୍ୱାରା ଲୋକଙ୍କର ସ୍ୱରକୁ ଚାପିବା ପାଇଁ ଚେଷ୍ଟା କରିବେ,ତେବେ ସେମାନେ ଗାଦି ଛାଡ଼ି ଦେବା ଉଚିତ୍। ଏପରି ଏକ ଭଣ୍ଡ ଓ ଭ୍ରଷ୍ଟ ସରକାର ଓଡ଼ିଶାରେ ଚାଲିବ ନାହିଁ। ରାଜ୍ୟବାସୀ ଏହାକୁ ସହିବେ ନାହିଁ। ଓଡ଼ିଶା ସରକାରଙ୍କର ସମସ୍ତ ଗୁଳି ସରିବା ପର୍ଯ୍ୟନ୍ତ ବିଜେଡିର ଲଢ଼େଇ ଜାରି ରହିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

# ବିରୋଧୀଙ୍କ ସ୍ୱର ବନ୍ଦ ଲାଗି ଘୃଣ୍ୟ ରାଜନୀତି: ମାନସ

ଭୁବନେଶ୍ୱର,୧୬ା୭(ସମିସ): ବିଜେଡ଼ି ନେତା ଓ କର୍ମୀଙ୍କ ଉପରେ ପୁଲିସର ରବର ବୁଲେଟ ମାଡକୁ ଦୃଢ ନିନ୍ଦା କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ। ସାମାଜିକ ଗଣମାଧ୍ୟମ 'ଏକ୍ସ' ସେ କହିଛନ୍ତି ଯେ ରବର ବୁଲେଟ ଗୁରୁତର ଆଘାତ ଦେଇପାରେ ଏହା ଓଡ଼ିଶା ପୁଲିସ ଜାଣିଛି। ଏହାର ବ୍ୟବହାର ପାଇଁ ନିର୍ଦ୍ଦିଷ୍ଟ ନିୟମାବଳୀ ରହିଛି। ଏହାସତ୍ତ୍ୱେ ପୁଲିସ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଆନ୍ଦୋଳନକାରୀଙ୍କ ବିରୋଧରେ ଏହାକୁ କେମିତି ପୁଲିସ ପ୍ରୟୋଗ କଲା ତାହା ସବୁଠାରୁ ବଡ଼ ପ୍ରଶ୍ନ। ସମସ୍ତ ଶାନ୍ତିପୂର୍ଣ୍ଣ ଉପାୟ ଯେତେବେଳେ ବିଫଳ ହୁଏ, ସେତେବେଳେ ରବର ବୁଲେଟ ବ୍ୟବହାର ବ୍ୟବହାର କରିବାର ନିୟମ ରହିଛି। ଏହାର ଅପବ୍ୟବହାର କାରଣରୁ ଆଇନଗତ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ଆମେ ଆତଙ୍କବାଦୀ ନୋହୁଁ। ଘୃଣ୍ୟ ରାଜନୀତି ଦ୍ୱାରା ବିରୋଧୀଙ୍କ ମୁହଁ ବନ୍ଦ ବନ୍ଦ କରିବାର ଏପରି ଉଦ୍ୟମ ସରକାରଙ୍କ ପାଇଁ ମହଙ୍ଗା ପଡ଼ିବ ବୋଲି ମାନସ କହିଛନ୍ତି।

## ଆନ୍ଦୋଳନକାରୀଙ୍କ ଉପରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ

# ୮ ବିରୋଧୀ ଦଳର ନିନ୍ଦା



ଭୁବନେଶ୍ୱର,୧୬ା୭(ସମିସ): ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଯୋଗୁଁ ଲୋକଙ୍କ ଧନଜୀବନ ବିପନ୍ନ ହୋଇଛି। ଆଇନର ଶାସନ ଭୁଶଡ଼ି ପଡିଛି। ଏହି ପ୍ରସଙ୍ଗରେ ବିଜେଡି ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ରବର ବୁଲେଟ୍ ଚାଳନା, ପାଣି ମାଡ଼ ଭଳି ଅମାନୁଷିକ ଆକ୍ରମଣକୁ କଂଗ୍ରେସ ସମେତ ୮ଟି ରାଜନୈତିକ ଦଳ ତୀବ୍ର ନିନ୍ଦା କରିଛନ୍ତି। ମିଳିତ ବିରୋଧୀ ଦଳ ପକ୍ଷରୁ କୁହାଯାଇଛି ଯେ ଲାଠି, ଗୁଳି, ପାଣି ମାଡ଼ ଏବଂ ଟିୟର ଗ୍ୟାସ୍ ପ୍ରୟୋଗରେ ଶାସନ ଚାଳେ ନାହିଁ। ବୁଧବାର ସରକାର ଓ ପୁଲିସ ପକ୍ଷରୁ ହୋଇଥିବା ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଉପରେ ବିରୋଧୀ ଦଳ ନେତାମାନେ ଉଦ୍‌ବେଗ ପ୍ରକାଶ କରି ଏହା କହିଛନ୍ତି। ଏହି ଘଟଣା ପରେ ରାଜ୍ୟରେ ମୋହନ ମାଝୀ ସରକାର ଶାସନ କରିବା ପାଇଁ ତାଙ୍କର ସମସ୍ତ ନୈତିକ ଅଧିକାର ହରାଇଛନ୍ତି ବୋଲି ବିରୋଧୀ ଦଳ ନେତୃବୃନ୍ଦ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ରାଜ୍ୟରେ ନାରୀମାନଙ୍କ ସୁରକ୍ଷା ଏବଂ ଆଇନର ଶାସନ ପ୍ରତିଷ୍ଠା ପାଇଁ ମିଳିତ ବିରୋଧୀ ଦଳ ପ୍ରସଙ୍ଗଭିତ୍ତିକ ଆନ୍ଦୋଳନ ଜାରି ରଖିବ ବୋଲି ଘୋଷଣା କରାଯାଇଛି।

# ସରକାରଙ୍କ ନିର୍ଦ୍ଦେଶରେ ପୁଲିସର ଆକ୍ରମଣ: ବିଜେଡି



## ବ୍ୟବସ୍ଥାଗତ ବିଫଳତା ପାଇଁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟିଛି

ଭୁବନେଶ୍ୱର,୧୬ା୭(ସମିସ): ଲୋକସଭା ଭବନ ଘେରାଉ ସମୟରେ ବିଜେଡି କର୍ମୀଙ୍କ ଉପରେ ପୁଲିସ ଆକ୍ରମଣକୁ କଟୁ ଶବ୍ଦରେ ନିନ୍ଦା କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପ ସଭାପତି ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ପୂର୍ବତନ ସାଂସଦ ଶର୍ମିଷ୍ଠା ସରକାରଙ୍କ ନିର୍ଦ୍ଦେଶରେ ପୁଲିସ ଆନ୍ଦୋଳକାରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ସୌମ୍ୟାଶ୍ରୀକୁ ନ୍ୟାୟ ଦେବାରେ ବିଫଳ ସରକାର ଭୟଭୀତ ହୋଇ ବିରୋଧୀଙ୍କ ପ୍ରତି ପ୍ରତିଶୋଧପରାୟଣ ହୋଇଛନ୍ତି। ପୁଲିସକୁ ସରକାରୀ ଗୁଣ୍ଡା ସଜାଇ ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି।

ପ୍ରତାପ ଜେନା କହିଛନ୍ତି ଯେ ବିଜେଡି ଦ୍ୱାରା ଗଣତାନ୍ତ୍ରିକ ପଦ୍ଧତିରେ ପ୍ରତିବାଦ କରିବା ପାଇଁ ହଜାର ହଜାର କର୍ମୀ ମାଷ୍ଟରକ୍ୟାଣ୍ଟିନରୁ ପିଏମଜି ଛକ ମଧ୍ୟରେ ଏକତ୍ରିତ ହୋଇଥିଲେ; ଶାନ୍ତିପୂର୍ଣ୍ଣ ଭାବେ ପ୍ରଦର୍ଶନ ଚାଲିଥିଲା। ମାତ୍ର ପୁଲିସ ଆନ୍ଦୋଳକାରୀଙ୍କ ଉପରେ ଅଚାନକ ବର୍ବରୋଚିତ ଆକ୍ରମଣ କରିଥିଲା, ପାଣି ମାଡ଼ କରାଗଲା। ମହିଳାମାନେ ବି ଏଥିରୁ ବାଦ୍ ପଡ଼ି ନ ଥିଲେ। ଯାହାଦ୍ୱାରା ବହୁ ସଂଖ୍ୟାରେ ମହିଳା ଆହତ ହୋଇଥିଲେ। ଦୁଇ ରାଉଣ୍ଡ ପାଣି ମାଡ ପରେ ଅନ୍ଧାଧୁନିଆ ଭାବେ ରବର ବୁଲେଟ୍ ମାଡ ଓ ଲୁହବୁହା ଗ୍ୟାସ ପ୍ରୟୋଗ କରାଗଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପୁଲିସ ଆନ୍ଦୋଳନକାରୀଙ୍କ ଉପରେ ଏଭଳି ବର୍ବରୋଚିତ ଆକ୍ରମଣ କରିଛି ବୋଲି ଶ୍ରୀ ଜେନା କହିଛନ୍ତି।

ସେହିପରି ସୁଦାମ ମାରାଣ୍ଡି କହିଥିଲେ ଯେ ସରକାରଙ୍କ ବ୍ୟବସ୍ଥାଗତ ବିଫଳତା ଯୋଗୁଁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ହୋଇଛି; କିନ୍ତୁ ବ୍ୟବସ୍ଥାକୁ ସୁଧାରିବା ପରିବର୍ତ୍ତେ ପୁଲିସ୍ ଦ୍ୱାରା ସରକାର ପ୍ରତିବାଦର ସ୍ୱରକୁ ଚପାଇ ଦେବା ପାଇଁ ଚେଷ୍ଟା କରିବା ଦୁର୍ଭାଗ୍ୟଜନକ। ପୁଲିସର ଦମନଲୀଳା ଦ୍ୱାରା ଶତାଧିକ ବିଜେଡି କର୍ମୀ ଓ ନେତା ଆହତ ହୋଇଛନ୍ତି। ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ପ୍ରୀତି ରଞ୍ଜନ ଘଡାଇ, ସାଂସଦ ସୁଲତା ଦେଓ, ଛବି ମାହାଲି, ନୀଳ ମାଧବ ମହାନ୍ତି ଓ ସଙ୍କେତ ରାୟଙ୍କ ସମେତ ଅନେକ ବିଜେଡି କର୍ମୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ଶର୍ମିଷ୍ଠା ସେଠୀ କହିଥିଲେ ଆନ୍ଦୋଳନ ବେଳେ ପୁରୁଷ ପୁଲିସମାନେ ମହିଳା ନେତ୍ରୀମାନଙ୍କୁ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କଲେ ତାହା ଅତ୍ୟନ୍ତ ନିନ୍ଦନୀୟ। ପୁଲିସ ଆକ୍ରମଣକୁ ବିଜେଡି ଦୃଢ଼ ନିନ୍ଦା କରୁଛି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜିର ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ଶୃଙ୍ଖଳିତ ଏବଂ ଶାନ୍ତିପୂର୍ଣ୍ଣ ଢଙ୍ଗରେ ପ୍ରତିବାଦ କରୁଥିବା ବିଜେଡି କର୍ମୀଙ୍କ ଉପରେ ବିନା ଉତ୍ତେଜନାରେ ସରକାର କାହିଁକି ଦମନଲୀଳା ରଚିଲେ, ତାର ସ୍ପଷ୍ଟୀକରଣ ରଖିବା ଦରକାର। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଓ ରାଜ୍ୟରେ ମହିଳା ନିର୍ଯ୍ୟାତନା ନିୟନ୍ତ୍ରଣରେ ନ ଆସିବା ଯାଏ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ଶର୍ମିଷ୍ଠା କହିଛନ୍ତି।

# ସୌମ୍ୟାଶ୍ରୀଙ୍କ ବାପାଙ୍କୁ ରାହୁଲଙ୍କ ସାନ୍ତ୍ୱନା

ଭୁବନେଶ୍ୱର,୧୬ା୭(ସମିସ): ଓଡ଼ିଶାରୁ ଯାଇ ଦିଲ୍ଲୀରେ ପହଞ୍ଚିଛି ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା। ଏହି ପ୍ରସଙ୍ଗରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଜ୍ୟ ବିଜେପି ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ଆଜି ପୀଡ଼ିତାଙ୍କ ବାପାଙ୍କ ସହ ଫୋନ ଯୋଗେ କଥା ହୋଇ ସାନ୍ତ୍ୱନା ଦେଇଛନ୍ତି। ତାଙ୍କ ଦୁଃଖକୁ ସେ ଅନୁଭବ କରିପାରୁଛନ୍ତି ବୋଲି ଉଲ୍ଲେଖ କରି ଏହି ଲଢ଼େଇରେ ତାଙ୍କ ସହ କଂଗ୍ରେସ ଠିଆ ହୋଇଛି ବୋଲି ରାହୁଲ କହିଛନ୍ତି। ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଆଜି ରାହୁଲ ଗାନ୍ଧୀ ଓ ମୃତ ଛାତ୍ରୀଙ୍କ ପିତା ସହ କଥାବାର୍ତ୍ତାର ସଂଯୋଜନା କରାଇଥିଲେ। ରାହୁଲ ତାଙ୍କ ଟ୍ୱିଟର ହାଣ୍ଡେଲରେ ଲେଖିଛନ୍ତି, "ଓଡିଶାର ବାଲେଶ୍ୱର ଜିଲ୍ଲାରେ ନ୍ୟାୟ ପାଇଁ ଲଢେଇ କରି ଜୀବନ ଦେଇଥିବା ସାହସୀ ଝିଅର ବାପାଙ୍କ ସହ କଥା ହୋଇଥିଲି। ତାଙ୍କ ସ୍ୱରରେ ଝିଅକୁ ହରାଇଥିବାର ଦୁଃଖ, ସ୍ୱପ୍ନ ଏବଂ ସଂଘର୍ଷ ଅନୁଭବ କରିପାରିଲି। ତାଙ୍କ ସହ ଯାହା ହେଲା, ତାହା ଅତ୍ୟନ୍ତ ଅମାନବୀୟ ଏବଂ ଲଜ୍ଜାଜନକ। ପୂରା ସମାଜ ପାଇଁ ଏହା ଏକ ଆଘାତ। ଯେ କୌଣସି ପରିସ୍ଥିତିରେ ଆମେ ତାଙ୍କ ପରିବାରକୁ ସମ୍ପୂର୍ଣ୍ଣ ନ୍ୟାୟ ଦେବୁ ବୋଲି ରାହୁଲ ଉଲ୍ଲେଖ କରିଛନ୍ତି।

# ଓଡ଼ିଶା ଆସିପାରନ୍ତି ପ୍ରିୟଙ୍କା

ଭୁବନେଶ୍ୱର,୧୬ା୭(ସମିସ): କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଖୁବ୍‌ଶୀଘ୍ର ଓଡ଼ିଶା ଆସି ବାଲେଶ୍ୱର ଗସ୍ତ କରିବା ସହ ଆତ୍ମାହୁତି ଦେଇଥିବା ଛାତ୍ରୀଙ୍କ ପରିବାରକୁ ସାକ୍ଷାତ କରିପାରନ୍ତି। ନିର୍ଦ୍ଦିଷ୍ଟ ଭାବେ ତାଙ୍କ ଗସ୍ତ ନେଇ ତାରିଖ ଧାର୍ଯ୍ୟ ହୋଇ ନଥିଲେ ହେଁ ପ୍ରିୟଙ୍କା ଗାନ୍ଧୀ ଓଡ଼ିଶା ଆସିବା ନେଇ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି।

# ୧୩ ପ୍ରସ୍ତାବକୁ କ୍ୟାବିନେଟ ମୋହର

## ସମୃଦ୍ଧ ସହର ଯୋଜନାରେ ଖର୍ଚ୍ଚ ହେବ ୪୮୭୯ କୋଟି

- ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଅଧ୍ୟାଦେଶ, ୨୦୨୫କୁ ମଞ୍ଜୁରୀ
- ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ଫି' ଛାଡ଼
- ଓଡ଼ିଶା ରାଜସ୍ୱ ସେବା ନିୟମାବଳୀ, ୨୦୧୧ ସଂଶୋଧନକୁ ମଞ୍ଜୁରୀ
- ମୟୂରଭଞ୍ଜ ପୁଲିସ ଜିଲ୍ଲା ବିଭାଜିତ; ରାଇରଙ୍ଗପୁର ନୂଆ ପୁଲିସ ଜିଲ୍ଲା

ଭୁବନେଶ୍ୱର,୧୬ା୭(ସମିସ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୧୧ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ରାଜ୍ୟରେ ଯୋଜନାବଦ୍ଧ ସହରୀକରଣ ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ସମୃଦ୍ଧ ସହର ଯୋଜନା ଆରମ୍ଭ କରିବେ। ଏଥିପାଇଁ ୪୮୭୯ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଅଧ୍ୟାଦେଶ ୨୦୨୫କୁ କ୍ୟାବିନେଟ୍ ଅନୁମୋଦନ ଦେଇଛି ଓ ଏହାଦ୍ୱାରା କୁଳପତି ନିଯୁକ୍ତି କ୍ଷେତ୍ରରେ କୁଳାଧିପତିଙ୍କ କ୍ଷମତା ପରିସର ବୃଦ୍ଧି ପାଇବ ବୋଲି କୁହାଯାଇଛି।

ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ସୂଚନା ଅନୁଯାୟୀ ରାଜ୍ୟ ସରକାର ସହର ପରିକଳ୍ପନା ଯୋଜନା ଅଧିନରେ ୪୧୧୪ କୋଟି ଟଙ୍କା ଖର୍ଚ୍ଚ କରିବେ ଓ ଏହା ରାସ୍ତା, ଜଳଯୋଗାଣ, ସ୍ୱରେଜ ଏବଂ କଠିନ ବର୍ଜ୍ୟ ପରିଚାଳନାରେ ବ୍ୟୟ କରାଯିବ। ପୁନଶ୍ଚ ୭୬୫.୩୦ କୋଟି ଟଙ୍କାରେ ସହରୀ ଅଞ୍ଚଳଗୁଡ଼ିକୁ ଅର୍ଥନୈତିକ ପରିବର୍ତ୍ତନର କେନ୍ଦ୍ର ଭାବେ ପ୍ରତିଷ୍ଠିତ କରାଯିବ। ସେହିପରି ରାଜ୍ୟର ୪୫୫ଟି ଆଦର୍ଶ ବିଦ୍ୟାଳୟ ଛାତ୍ରାବାସରେ ଛାତ୍ର ଛାତ୍ରୀ ହଷ୍ଟେଲ ଫି ବାବଦକୁ ପ୍ରତି ମାସରେ ପ୍ରଦାନ କରୁଥିବା ୨୦୦୦ ଟଙ୍କା ଛାଡ଼ କରାଯିବ। ଏହାଦ୍ୱାରା ୪୫୦୦୦ ଛାତ୍ରଛାତ୍ରୀ ଉପକୃତ ହେବେ। ପାଞ୍ଚ ବର୍ଷରେ ସରକାର ଏବାବଦକୁ ମୋଟ ୩୪୯ କୋଟି ୨୦ ଲକ୍ଷ ଟଙ୍କା ବହନ କରିବେ। କ୍ୟାବିନେଟ ବୈଠକରେ ରାଜ୍ୟ ସରକାର ଓଡ଼ିଶା ବିଶ୍ୱ ବିଦ୍ୟାଳୟ(ସଂଶୋଧନ) ଅଧ୍ୟାଦେଶ, ୨୦୨୫କୁ ମଧ୍ୟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହାଦ୍ୱାରା କୁଳପତିଙ୍କର କ୍ଷମତା ପରିସର ବୃଦ୍ଧି ପାଇବ। ଏହା ସହିତ ସରକାର ମୟୂରଭଞ୍ଜ ପୁଲିସ ଜିଲ୍ଲାକୁ ୨ ଭାଗରେ ବିଭକ୍ତ କରି ରାଇରଙ୍ଗପୁରରେ ମୁଖ୍ୟାଳୟ ସହ ଏକ ନୂତନ ପୁଲିସ ଜିଲ୍ଲା ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ରାଇରଙ୍ଗପୁର ଜିଲ୍ଲା ଅଧିନରେ ୨ଟି ପୁଲିସ ସବ୍-ଡିଭିଜନ(ରାଇରଙ୍ଗପୁର, କରଞ୍ଜିଆ), ୧୪ଟି ଥାନା, ୫ଟି ଆଉଟପୋଷ୍ଟ ଏବଂ ୨ଟି ବିଟ ହାଉସ ରହିବ।

ଅନ୍ୟଏକ ପ୍ରସ୍ତାବ କ୍ରମେ ରାଜ୍ୟ ସରକାର ଓଡ଼ିଶା ରାଜସ୍ୱ ସେବା ନିୟମାବଳୀ, ୨୦୧୧ର ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ସଂଶୋଧନ ଅନୁଯାୟୀ ଓଡ଼ିଶା ରାଜସ୍ୱ ସେବା(ନିଯୁକ୍ତି) ନିୟମାବଳୀ ୨୦୧୧ର ନିୟମ୪(ସି) ଅନୁଯାୟୀ ଚୟନ ମାଧ୍ୟମରେ ଥିବା ଓଆରଏସ ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ଦିଆଯିବ। ପଦବୀର ଦୁଇ ତୃତୀୟାଂଶ ଓସିଏସ ପରୀକ୍ଷା ମାଧ୍ୟମରେ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ କରାଯିବ। ଏହାସହ ଏକ ତୃତୀୟାଂଶ ପଦବୀ ରାଜସ୍ୱ କ୍ଷେତ୍ର କର୍ମଚାରୀ/ରାଜସ୍ୱ ମନ୍ତ୍ରୀସ୍ତରୀୟ ଅମଲାମାନଙ୍କ ପଦୋନ୍ନତି ମାଧ୍ୟମରେ ପୂରଣ କରାଯିବ। ଜରୁରୀକାଳୀନ ପ୍ରଶମନ ସହାୟତା ବ୍ୟବସ୍ଥା-ଡାଏଲ-୧୧୨ ଯୋଜନାକୁ ୨୦୨୫-୨୬ରୁ ୨୦୨୯-୩୦ ଅର୍ଥାତ୍ ୫ ବର୍ଷ ଯାଏଁ ବୃଦ୍ଧି କରାଯାଇଛି। ଏଥିପାଇଁ ୨୨୬୦.୮୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଯୋଜନାରେ ୪୧୯୫ ନୂଆ ପଦବୀ ସୃଷ୍ଟି ଏବଂ ୬୪୫ଟି ଜରୁରୀକାଳୀନ ପ୍ରତିକ୍ରିୟା ଯାନ ଯୋଗାଇ ଦେବାକୁ ବ୍ୟବସ୍ଥା ରହିଛି। ରାଜ୍ୟ ସରକାର ଓଡ଼ିଶା ଆୟୁଷ ସହାୟକ(ନିଯୁକ୍ତି ଓ ସର୍ତ୍ତାବଳୀ)ସଂଶୋଧନ ନିୟମ, ୨୦୨୫ ପ୍ରଣୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଆୟୁଷ ସହାୟକ କ୍ୟାଡରର ପୁନର୍ଗଠନ ଦ୍ୱାରା ୩୫୦ ଗୋଟି ବରିଷ୍ଠ ଆୟୁଷ ସହାୟକ ପଦବୀ ଏବଂ ୧୨ଟି ମୁଖ୍ୟ ଆୟୁଷ ସହାୟକ ପଦବୀ ସୃଷ୍ଟି କରାଯାଇଛି।

ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ଫ୍ୟାବଲେସ ନୀତି-୨୦୨୩ର ଦ୍ୱିତୀୟ ସଂଶୋଧନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏହାବ୍ୟତୀତ ଓଡ଼ିଶା ପମ୍ପଡ ଷ୍ଟୋରେଜ ପ୍ରକଳ୍ପ (ପିଏସ୍‌ପି) ନୀତି, ଓଡ଼ିଶା କାରଖାନା ଓ ବାଷ୍ପିତ ନିରୀକ୍ଷଣ ସେବା(ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀ)ନିୟମାବଳୀ, ୧୯୮୪ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଥିବା ବେଳେ ଓଡ଼ିଶା ରାଜ୍ୟ ବିଧିଆୟୋଗ ସଂକଳ୍ପ ସମ୍ପର୍କିତ ଏକ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି।

# କ୍ରାଇମବ୍ରାଞ୍ଚ କରିବ ସୌମ୍ୟାଶ୍ରୀ ଆତ୍ମାହୁତି ମାମଲାର ତଦନ୍ତ

ଭୁବନେଶ୍ୱର,୧୬ା୭(ସମିସ): ଅଧ୍ୟାପକଙ୍କ ନିର୍ଯାତନା ସହିନପାରି ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ବିରୋଧୀ ଅପରାଧ ନିରାକରଣ ଶାଖା (ସିଏଡବ୍ଲ୍ୟୁ ଓ ସିଡବ୍ଲୁ) ଏହି ମାମଲାର ତଦନ୍ତ କରିବ। ଏନେଇ ଆଜି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଡିଏସପି ଇମାନ କଲ୍ୟାଣ ନାୟକଙ୍କୁ ଏହି ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି।

ପୁଲିସ ମାନୁଆଲ ରୁଲ୍ (ପିଏମ୍‌ଆର୍) ଧାରା ୪୧୦(ଏ) ଅନୁଯାୟୀ କ୍ରାଇମବ୍ରାଞ୍ଚ ନିଜ ଆଡୁ ଏହି ମାମଲାର ତଦନ୍ତ ଦାୟିତ୍ୱ ନେଇଛି। ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ଓ ସିଡବ୍ଲୁ ଥାନା କେସ୍ ନଂ - ୫/୨୫ ରେ ମାମଲା ରୁଜୁ କରିଛି। ଦଫା ୭୫(୧)(୩), ୭୮, ୭୯, ୧୦୮, ୩୫୧(୨) ଓ ୩(୫) ବିଏନ୍‌ଏସରେ ଏହି ମାମଲା ରୁଜୁ ହୋଇଛି। କ୍ରାଇମବ୍ରାଞ୍ଚ କେବଳ ଏହି ମାମଲା ନୁହଁ, ବରଂ ଏହି ମାମଲାର ଲିଙ୍କରେ ଥିବା ଅନ୍ୟ ମାମଲାର ମଧ୍ୟ ତଦନ୍ତ କରିବ। କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିବା ସହିତ ଶ୍ରୀମତୀ ନାୟକଙ୍କୁ ସହଦେବଖୁଣ୍ଟା ଥାନାର ଭାରପ୍ରାପ୍ତ ଅଧିକାରୀ (ତଦନ୍ତ ସମ୍ବନ୍ଧିତ) ଭାବେ ଦାୟିତ୍ୱ ଦିଆଯାଇଛି। ତଦନ୍ତକାରୀ ଅଧିକାରିଣୀଙ୍କୁ ସହଯୋଗ କରିବା ପାଇଁ ଇନ୍ସପେକ୍ଟର ପାଞ୍ଚାଳି ରାଉତଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ




ଭୁବନେଶ୍ୱର,୧୬ା୭(ସମିସ): ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଛି ଯୁବ କଂଗ୍ରେସ। ସ୍ଥାନୀୟ ଭୁବନେଶ୍ୱର କ୍ଲବ ଠାରୁ ପ୍ରଦେଶ ଯୁବ କଂଗ୍ରେସର ଏକ ରାଲି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଯୁବ କଂଗ୍ରେସର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ପ୍ରାୟ ଘଣ୍ଟାଏ ଧାରଣା ପରେ ଯୁବ କଂଗ୍ରେସ କର୍ମୀମାନେ ପୁଲିସ ବାରିକେଡ଼ ଅତିକ୍ରମ ଉଦ୍ୟମ କରୁଥିବାବେଳେ ପୁଲିସ ସେମାନଙ୍କୁ ଗିରଫ କରିଥିଲା।

ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସମଗ୍ର ସରକାର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ବିଶେଷ କରି ବାଲେଶ୍ୱର ସାଂସଦ ଏବେ ବହୁ ତତ୍‌ପରତା ଦେଖାଉଛନ୍ତି। ମାତ୍ର ତାହା ଯଦି ପୂର୍ବରୁ ଦେଖାଇଥାନ୍ତେ ତେବେ ବାଲେଶ୍ୱର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇନଥାନ୍ତା। ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଅସହ୍ୟ ହେବାରୁ ଛାତ୍ରୀ ଜଣକ ଚରମ ନିଷ୍ପତ୍ତି ନେଲା। ଏଣୁ ଛାତ୍ରୀଙ୍କୁ ସୁରକ୍ଷା ଦେବାର ଅକ୍ଷମ ଓ ତା'ର ଅଭିଯୋଗ ଶୁଣିବାରେ ଉପେକ୍ଷା କରିଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତୁରନ୍ତ ଇସ୍ତଫା ଦିଅନ୍ତୁ।

ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ୟାସିର ନୱାଜ କହିଛନ୍ତି ଯେ ନିଜର ଦୋଷ ଲୁଚାଇବା ପାଇଁ ଏବେ ଏବିଭିପି, ବିଜେପି ଓ ମୋହନ ସରକାର ଉଦ୍ୟମ କରୁଛନ୍ତି। ମହାବିଦ୍ୟାଳୟର ସମ୍ମୁଖରେ ଏବିଭିପି ପକ୍ଷରୁ ଯେଉଁ ହେଲ୍ପ ଡେସ୍କ ଖୋଲା ଯାଇଥିଲା ସେଠାରେ ଶିକ୍ଷାନୁଷ୍ଠାନର ଅପରାଧୀ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ସମ୍ମାନିତ କରାଯାଇଛି। ଏହି ଦୁଇଜଣଙ୍କର ଏବିଭିପି ସଂଗଠନ ପ୍ରତି ଦୁର୍ବଳତା ରହିଛି। ତେଣୁ ଦିବଙ୍ଗତ ଛାତ୍ରୀ ପାଇଁ ଏବିଭିପି ଲଢ଼େଇ କରୁଥିଲା ନା ଡ୍ରାମା କରୁଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ପୀଡ଼ିତା ଏବିଭିପିର, ଅପରାଧୀ ଏବିଭିପିର ଓ ରାଜ୍ୟରେ ବିଜେପିର ସରକାର। ତେଣୁ ଛାତ୍ରୀଙ୍କୁ ନ୍ୟାୟ ଦେବାରେ ଅସୁବିଧା କେଉଁଠି ରହିଲା ? ଛାତ୍ରୀ ଜଣଙ୍କ ହଠାତ୍ ପେଟ୍ରୋଲ ପାଇଲେ କେଉଁଠୁ? ଦିଆସିଲି ପାଇଲେ କେଉଁଠୁ? ଏହାର ତଦନ୍ତ ହେବା ଦରକାର ବୋଲି ସେ ଦାବି କରିଛନ୍ତି।

ଆତ୍ମାହୁତି ଦେଇଥିବା ଦୀନବନ୍ଧୁଙ୍କୁ ୪ ବର୍ଷ ପରେ ବି ମିଳିନି ନ୍ୟାୟ

# ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କୁ ଦଣ୍ଡ ଦାବିକଲେ ପୁଅ ଅଭିଷେକ

**ସମ୍ବଲପୁର, ୧୬।୭ (ସମିସ)**

ଗତ ୨୦୨୧ ମସିହା ଏପ୍ରିଲ ୨୦ ତାରିଖରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ମାନସିକ ନିର୍ଯାତନାର ଶିକାର ହୋଇ କୁଳପତି ପ୍ରକୋଷ୍ଠ ସମ୍ମୁଖରେ ନିଜ ଦେହରେ ନିଆଁ ଲଗାଇ ଆତ୍ମାହୁତି ଦେଇଥିବା ବିଶ୍ୱବିଦ୍ୟାଳୟର ଚୁକ୍ତିଭିତ୍ତିକ କର୍ମଚାରୀ ଦୀନବନ୍ଧୁ ମିଶ୍ରଙ୍କୁ ଆଜି ଯର୍ପ୍ୟନ୍ତ ନ୍ୟାୟ ମିଳିପାରିନାହିଁ। ଏହାର ସମ୍ବେଦନଶୀଳତା ସତ୍ତ୍ୱେ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଏହାଦ୍ୱାରା ଦୋଷୀମାନଙ୍କୁ ଦଣ୍ଡ ଓ ପିଡ଼ିତଙ୍କୁ ନ୍ୟାୟ ମିଳିପାରିନଥିଲା। ବୁଧବାର ସନ୍ଧ୍ୟାରେ ସାମ୍ବାଦିକ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୃତ ଦୀନବନ୍ଧୁ ମିଶ୍ରଙ୍କ ପୁଅ ଅଭିଷେକ ମିଶ୍ର ତାଙ୍କ ବାପାଙ୍କ ପାଇଁ ନ୍ୟାୟ ମାଗିଛନ୍ତି। ପିତାଙ୍କ ମୃତ୍ୟୁ ପାଇଁ ଦାୟୀ ଦୋଷୀଙ୍କୁ ଗିରଫ ସହ ଘଟଣାର ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ କଠୋର ଦଣ୍ଡ, ଘୋଷଣା ମୁତାବକ ସମ୍ପୂର୍ଣ୍ଣ ଅନୁକମ୍ପା ରାଶି ପ୍ରଦାନ ଏବଂ ବିଶ୍ୱବିଦ୍ୟାଳୟରେ ତାଙ୍କୁ ସ୍ଥାୟୀ ଚାକିରୀ ପାଇଁ ଅଭିଷେକ ଦାବି କରିଛନ୍ତି। ବାପାଙ୍କ ମୃତ୍ୟୁକୁ ୪ ବର୍ଷ ହେଲା ମାତ୍ର ଏପର୍ଯ୍ୟନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ବାଲେଶ୍ୱର ଫକିର ମୋହନ ମହାବିଦ୍ୟାଳୟରେ ଛାତ୍ରୀ ସୌମ୍ୟା ବିଶିଙ୍କ ଆତ୍ମାହୁତି ଘଟଣାର ଦୋଷୀଙ୍କୁ ଗୋଟିଏ ଦିନ ମଧ୍ୟରେ ଗିରଫ କରାଯାଇଥିବା ବେଳେ ସମାନ ଘଟଣାରେ ତାଙ୍କ ପିତାଙ୍କ ମୃତ୍ୟୁ ପାଇଁ



ଦାୟୀ ବ୍ୟକ୍ତିମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏପରିକି ପୂର୍ବତନ ସାଂସଦ ସୁରେଶ ପୂଜାରୀ ଏହି ଘଟଣାକୁ ନେଇ ରାଜ୍ୟପାଳଙ୍କୁ ପତ୍ର ଲେଖିଲାପରେ ବି କୌଣସି କାର୍ଯ୍ୟାନୁଷ୍ଠନ ଗ୍ରହଣ କରାନଯିବା ଦୁର୍ଭାଗ୍ୟଜନକ। ନ୍ୟାୟ ନମିଳିଲେ ନିଜେ ପିତା ଦୀନବନ୍ଧୁଙ୍କ ମାର୍ଗ ଅନୁସରଣ କରିବାକୁ ବାଧ ହୋଇପାରନ୍ତି ବୋଲି ପୁଅ ଅଭିଷେକ କହିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଅଭିଷେକ ମିଶ୍ର କହିଛନ୍ତି ଯେ, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଦୀର୍ଘ ୨୨ ବର୍ଷରୁ ଅଧିକ ସମୟ ଧରି ଚୁକ୍ତିଭିତ୍ତିକ କର୍ମଚାରୀ ଭାବେ କାର୍ଯ୍ୟ କରି ମଧ୍ୟ ତାଙ୍କ ବାପା ଦୀନବନ୍ଧୁ ମିଶ୍ରଙ୍କୁ ସ୍ଥାୟୀ ନିଯୁକ୍ତି ମିଳିପାରିନଥିଲା। ଏଥିପାଇଁ ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ରାଜ୍ୟପାଳ ପର୍ଯ୍ୟନ୍ତ ନିଜ ପକ୍ଷ ରଖିଥିଲେ। ଶେଷରେ ଅନନ୍ୟୋପାୟ ହୋଇ ସେ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ୨୦୧୭ ମସିହାରେ ଏହାର ଶୁଣାଣି କରି ଓଡ଼ିଶା



ଦୀନବନ୍ଧୁ ମିଶ୍ର

ହାଇକୋର୍ଟ ତାଙ୍କ ବାପାଙ୍କ ଚାକିରି ନିୟମିତ କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ କାର୍ଯ୍ୟକାରୀ କରିନଥିଲେ। ବରଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର ସଞ୍ଜିବ ମିତ୍ତଲ ତାଙ୍କ ବିରୋଧରେ ଚୋରି ଅଭିଯୋଗ ଆଣି ତାଙ୍କୁ ଦୁର୍ବ୍ୟବହାର କରିବାସହ ମାନସିକ ନିର୍ଯାତନା ଦେଇଥିଲେ। ଏଥିଯୋଗୁଁ ତାଙ୍କ ବାପା ଦୀନବନ୍ଧୁ ମିଶ୍ର ଆତ୍ମାହୂତି ଦେଇଥିଲେ ବୋଲି ସେ କହିଛନ୍ତି।

ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅସ୍ଥାୟୀ ଟେକ୍ନିକାଲ ଆସିଷ୍ଟାଣ୍ଟ ଦୀନବନ୍ଧୁ ମିଶ୍ର ଗତ ୨୦୨୧ ମସିହା ଏପ୍ରିଲ ୨୦ ତାରିଖରେ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲଙ୍କ ଦ୍ୱାରା ଅପମାନିତ ପରେ ହେବା କୁଳପତିଙ୍କ ପ୍ରକୋଷ୍ଠ ସମ୍ମୁଖରେ ନିଜ ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଭିମ୍‌ସାର ଏବଂ ପୁଣି କଟକ ବଡ଼ ଡାକ୍ତରଖାନାକୁ ନିଆଯାଉଥିବାବେଳେ ରାସ୍ତାରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ସେହି ସମୟରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଦୀନବନ୍ଧୁ ଦେଇଥିବା ମୃତ୍ୟୁକାଳୀନ ଜମାନବନ୍ଦୀରେ ଦୀନବନ୍ଧୁ ଏହି ଘଟଣା ପାଇଁ କୁଳପତି ପ୍ରଫେସର ସଞ୍ଜିବ ମିତ୍ତଲ ଓ ଅନ୍ୟ ଦୁଇଜଣ କର୍ମଚାରୀଙ୍କ ଦୁର୍ବ୍ୟବହାର ଓ ମାନସିକ ନିର୍ଯାତନାକୁ ଦାୟୀ କରିଥିଲେ। ଦୀନବନ୍ଧୁଙ୍କ ମୃତଦେହକୁ ପ୍ରଶାସନିକ ଭବନ ସମ୍ମୁଖରେ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇ ସଂଘ ପକ୍ଷରୁ ତାଙ୍କ ପରିବାରର ଜଣଙ୍କୁ ଚାକିରୀ ଓ ୧୫ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ ସହିତ ଦୋଷୀଙ୍କୁ ତୁରନ୍ତ ଗିରଫ କରି ଦଣ୍ଡବିଧାନ କରିବାକୁ ଦାବି କରାଯାଇଥିଲା। ଆନ୍ଦୋଳନରତ କର୍ମଚାରୀ ଓ କୁଳସଚିବଙ୍କ ମଧ୍ୟରେ ହୋଇଥିବା ବୈଠକ ନିଷ୍ପତ୍ତି ଅନୁଯାୟୀ ଦୀନବନ୍ଧୁଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯାଇଥିଲା। ଏହାସହିତ ପୁଅ ଅଭିଷେକଙ୍କୁ ବିଶ୍ୱବିଦ୍ୟାଳୟ ଏସ୍‌ୟୁଆଇଆଇଟିରେ ତାଙ୍କ ପିତାଙ୍କ ଭଳି ଅସ୍ଥାୟୀ କର୍ମଚାରୀ ଭାବରେ ନିଯୁକ୍ତି ଦିଆଗଲା। ତେବେ ଅନ୍ୟ ଦାବି ପାଇଁ ପରବର୍ତ୍ତୀ ସିଣ୍ଡିକେଟ୍ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ପରିବାରଙ୍କୁ ଆଶ୍ୱାସନା ଦିଆଯାଇଥିଲା। ମାତ୍ର ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲାନାହିଁ। ଦୀନବନ୍ଧୁଙ୍କ ସ୍ଥାୟୀ ଚାକିରୀ ନ ଥିବାରୁ ତାଙ୍କୁ ମଧ ସ୍ଥାୟୀ ଚାକିରୀ ମିଳି ପାରିବନାହିଁ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁଅ ଅଭିଷେକଙ୍କୁ କୁହାଯାଇଥିବା ସେ ପ୍ରକାଶ କରିଛନ୍ତି। ଅପରପକ୍ଷେ ବୁର୍ଲା ଥାନା ପୁଲିସ ଦୀନବନ୍ଧୁଙ୍କ ପୁଅ ଅଭିଷେକ ମିଶ୍ରଙ୍କ ଏତଲା ଆଧାରରେ କୁଳପତି ସଞ୍ଜୀବ ମିତ୍ତଲ ଓ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରିଥିଲା। ଦୀନବନ୍ଧୁ ଆତ୍ମଦାହ ପୂର୍ବରୁ କୁଳସଚିବଙ୍କୁ ଚିଠି ଲେଖି ତାଙ୍କ ମୃତ୍ୟୁ ପାଇଁ କୁଳପତିଙ୍କ ସମେତ ଅନ୍ୟ ଦୁଇଜଣଙ୍କୁ ଦାୟୀ କରିଥିଲେ। ବୁର୍ଲା ପୁଲିସ କିନ୍ତୁ ଏହି ମାମଲାରେ ଯେତିକି ଗୁରୁତ୍ୱ ଦେବା କଥା ଦେଇ ନ ଥିବା ଅଭିଯୋଗ ହୋଇଥିଲା। ପାଲଟା ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେବା ପାଇଁ ପ୍ରୟାସ କରିଥିବା ନେଇ ଆଇନଜୀବୀ ଓ ବିଶ୍ୱବିଦ୍ୟାଳୟ କର୍ମଚାରୀମାନେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଚାଷୀଙ୍କୁ ମିଳୁନି ସାର

## ବିଜେଡି ପକ୍ଷରୁ କୃଷି ସମବାୟ ସମିତି କାର୍ଯ୍ୟାଳୟ ଘେରାଉ



**ରେଢ଼ାଖୋଲ, ୧୬।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଚାରମାଳ ପଞ୍ଚାୟତସ୍ଥିତ କୃଷି ସମବାୟ ସମିତି କାର୍ଯ୍ୟାଳୟକୁ ବୁଧୁବାର ଦିନ ଅଞ୍ଚଳର ଚାଷୀମାନେ କୃଷି କାର୍ଯ୍ୟ ପାଇଁ ସାର ନେବାକୁ ଆସି ନ ମିଳିବାରୁ ନିରାଶ ହୋଇ ଫେରି ଯାଇଥିଲେ। ଏହା ଜାଣିବା ପରେ ରେଢ଼ାଖୋଲ ବିଜୁ ଜନତା ଦଳ ପକ୍ଷରୁ ବ୍ଲକ ସଭାପତି ଉଦିତ ତ୍ରିପାଠୀଙ୍କ ନେତୃତ୍ୱରେ ବିଜେଡ଼ି କର୍ମୀମାନେ କୃଷି ସମବାୟ ସମିତି କାର୍ଯ୍ୟାଳୟ ଘେରାଉ କରିଥିଲେ। ବର୍ତ୍ତମାନ ବିଜେପି ସରକାର ଚଳିତ ବର୍ଷ କୃଷି କାର୍ଯ୍ୟ ପାଇଁ ଚାଷୀଙ୍କୁ ସାର ଦେବାରେ ବିଫଳ ହୋଇଛନ୍ତି। ଆସନ୍ତା ଦୁଇ ତିନି ମଧ୍ୟରେ ସାର ନ ଦେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଶ୍ରୀ ତ୍ରିପାଠୀ ଚେତାବନୀ ଦେଇଛନ୍ତି। ଏଥିରେ ଚାରମାଳ ସମବାୟ ସମିତି ସଭାପତି ରମେଶ ପ୍ରଧାନ ଏବଂ ସମ୍ପାଦକ ଗୋପାଳ ସ୍ୱାଇଁ ବହୁ ବୁଝାସୁଝା କରିଥିଲେ ମଧ୍ୟ ବିଜେଡ଼ି କର୍ମୀ ମାନେ ମାନି ନ ଥିଲେ। ତେବେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ଫୋନ୍ ଯୋଗେ ଶ୍ରୀ ତ୍ରିପାଠୀଙ୍କ ସହିତ କଥାବାର୍ତ୍ତା କରି ପ୍ରତିଶ୍ରୁତି ଦେବା ପରେ ବିଜେଡ଼ି କର୍ମୀମାନେ ମୋହନ ସରକାର ବିରୋଧରେ ନାରାବାଜି କରି କାର୍ଯ୍ୟାଳୟ ପରିତ୍ୟାଗ କରିଥିଲେ। ଘେରାଉରେ ବିଜେଡ଼ି ପଞ୍ଚାୟତ ସଭାପତି ଅମ୍ବୁଜ ନାୟକ, ଛାତ୍ର ସଭାପତି ପ୍ରତ୍ୟୁଷ ପ୍ରଧାନ, ଅଜିତ ଦେଓ, ଶମ୍ଭୁ ପ୍ରଧାନ, ରାଧାକାନ୍ତ ପଣ୍ଡା, ରତନ ବେହେରା, ଅରୁଣ ବିଶ୍ୱାଳ, ବଳରାମ ବେରିହା, ବାବୁଲା ପ୍ରଧାନ, ମନୋଜ ବେହେରା, ପ୍ରଭାତ ପ୍ରଧାନ, ଶିବ ସାହୁ, ଅକ୍ଷୟ ଜେନା, ପୀନୁ ବେହେରା ପ୍ରମୁଖ ସମେତ ବହୁ ସଂଖ୍ୟାରେ ବିଜେଡ଼ି କର୍ମୀମାନେ ସାମିଲ ଥିଲେ।

## ବିଦ୍ୟୁତ୍ ଆଘାତରେ ମିସ୍ତ୍ରୀ ମୃତ

**କୁଚିଣ୍ଡା, ୧୬।୭(ସମିସ):** ମହୁଲପାଲି ଥାନା ଅନ୍ତର୍ଗତ ଗୋଛାର ଗ୍ରାମର ଠାରେ ନିର୍ମାଣାଧିନ ଜିପିଏଲଏଫ ବିଲଡିଂ କାମ କରିବା ସ୍ଥାନରେ ପାଣି ଜମି ରହିଥିଲା। ଉକ୍ତ ପାଣିକୁ ବାହାର କରିବା ପାଇଁ ବନାଗଲି ମିସ୍ତ୍ରୀ ମୋଟର ସାହାଯ୍ୟରେ ପାଣି ଉଠାଇ ଥିଲେ। କିନ୍ତୁ କୌଣସି କାରଣ ପାଇଁ ମୋଟର ପାଣି ଉଠାଇ ନଥିଲା। ସଜାଡିବା ପାଇଁ ପାଣି ମୋଟରକୁ ମିସ୍ତ୍ରୀ ବାହାର କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସହକର୍ମୀଗଣ ତୁରନ୍ତ ପାଖରେ ଥିବା ଡାକ୍ତରଖାନାକୁ ଆଣିଥିଲେ ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ବଙ୍ଗାଳି ମିସ୍ତ୍ରୀ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାର ଫାରାକ୍କା ଗ୍ରାମର ସମାୟୁନ ଶେଖ(୩୫) ବୋଲି ଜଣାପଡ଼ିଛି।

## ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା ବସ୍



**କୁଚିଣ୍ଡା, ୧୬।୭(ସମିସ):** ବୁଧବାର ସକାଳ ୬ ଟା ସମୟରେ କୁଚିଣ୍ଡା କଲେଜରୋଡ଼ କାଞ୍ଚନ ଗ୍ୟାସ ଏଜେନ୍ସି ସମ୍ମୁଖ ରାସ୍ତା ଉପରେ ଯାଇଥିବା କେବୁଲ ତାର ବସ୍‌ର ଉପରି ଭାଗରେ ଲାଗିଯିବା ଫଳରେ ବସ୍ କେବୁଲ ତାରକୁ ଟାଣି ନେଇ ଯାଇଥିଲା। ଫଳରେ ବିଦ୍ୟୁତ୍ ଖୁଣ୍ଟ ଓ ବିପରୀତ ପଟରେ ଥିବା ଫୋନ ଖୁଣ୍ଟ ଅଧାରୁ ଭାଙ୍ଗି ଯାଇ ବସଟି ଛନ୍ଦିହୋଇ ରହି ଯାଇଥିଲା। ପରେ ବିଦ୍ୟୁତ୍ ବିଭାଗରୁ ବିଦ୍ୟୁତ୍ ସରବରାହ ବନ୍ଦକରିବା ସହ ତୁରନ୍ତ ବିଦ୍ୟୁତ୍ ବିଚ୍ଛିନ୍ନ କରି ଖୁଣ୍ଟ ଓ ତାରକୁ ସଜାଡି ଥିଲେ। ଫଳରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା।

## ଗଛ ପଡ଼ି ରାସ୍ତା ଅବରୋଧ

**କୁଚିଣ୍ଡା, ୧୬।୭(ସମିସ):** କୁଚିଣ୍ଡା ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷାରେ ବକ୍ସମା ପଞ୍ଚାୟତ ଠାକୁର ନିକ୍ତିମାଲ-ଚାନ୍ଦୁଟିକ୍ରା ଯିବା ରାସ୍ତା କଡ଼ରେ ଥିବା ପୁରୁଣା ବରଗଛ ଉପୁଡି ପଡ଼ିଥିଲା। ଗଛ ଉପୁଡି ଦୀର୍ଘ ଦିନ ଧରି ରାସ୍ତା ଉପରେ ପଡ଼ି



ରହିଥିବା ହେତୁ ଯାତାୟାତ ପାଇଁ ନାହିଁ ନଥିବା ଅବସ୍ଥା ଭୋଗୁଥିଲେ ଚାନ୍ଦୁଟିକ୍ରା ପଡ଼ାବାସୀ। ଜନପ୍ରତିନିଧିଙ୍କୁ ପ୍ରତିକାର ସହ ରାସ୍ତା ଉପରୁ ବରଗଛ ହଟାଇବା ପାଇଁ ନିବେଦନ କରିଥିଲେ ହେଲେ କେହି ଗୁରୁତ୍ୱ ଦେଇନଥିଲେ। ଫଳରେ ରାସ୍ତା ଉପରେ ଗଛ ପଡ଼ି ରହିଥିଲା। ବୁଧବାର କିଛି ସାମ୍ବାଦିକ ସେ ଅଞ୍ଚଳକୁ ଖବର ସଂଗ୍ରହ ପାଇଁ ଯିବାରୁ ଗଛ ପଡ଼ି ରହିଥିବା ଜାଣି ବିଡିଓଙ୍କୁ ଜଣାଇଥିଲେ। ବୁଧବାର ଅପରାହ୍ଣରେ ସ୍ଥାନୀୟ ବିଡ଼ିଓ ରାସ୍ତା ଉପରୁ ବରଗଛକୁ ହଟାଇବା ପାଇଁ ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଦମକଳ ବାହିନୀ ଗଛକଟା ଆରମ୍ଭ କରିଥିବା ଜଣାପଡ଼ିଛି।

■ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଜନିତ ମୃତ୍ୟୁ ଘଟଣା

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଏବିଭିପି

**ସମ୍ବଲପୁର, ୧୬।୭ (ସମିସ) :** ବାଲେଶ୍ୱରର ଏଫ୍‌ଏମ୍ ଅଟୋନୋମସ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଯେଉଁ ଆତ୍ମାହୁତି ଘଟଣାରେ ଦୋଷୀ ସମୀର ସାହୁଙ୍କୁ ରାଜ୍ୟ ସରକାର କଠୋରରୁ କଠୋର ଦଣ୍ଡ ଦିଅନ୍ତୁ। ଯେଉଁ ଇଣ୍ଟରନାଲ୍ କମ୍ପ୍ଲେଣ୍ଟ କମିଟି ହୋଇଥିଲା ସେହି କମିଟିରେ ଥିବା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ସଦସ୍ୟମାନେ କେଉଁ ନିର୍ଣ୍ଣୟରେ ପହଞ୍ଚିଲେ ଯେ ସେହି ନିର୍ଣ୍ଣୟରେ ଭାଙ୍ଗିପଡ଼ି ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଦେଲେ। ସେମାନେ ବି ଏହି ଘଟଣାରେ ସମ୍ପୂର୍ଣ୍ଣ ଭାବେ ଦାୟୀ ଅଟନ୍ତି ଏଣୁ ସେମାନଙ୍କୁ ତୁରନ୍ତ ରାଜ୍ୟ ସରକାର ଗିରଫ କରନ୍ତୁ।

ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସିମରନ ପ୍ରଧାନ, ମହାନଗର ସମ୍ପାଦକ ନିତେଶ ପାଣିଗ୍ରାହୀ, ନଗର ସମ୍ପାଦକ ଦେବାଶିଷ ସେନ୍ଦ୍ରିୟ, ଏବିଭିପି ଓଡ଼ିଶା (ପଶ୍ଚିମ) ରାଜ୍ୟ ସମ୍ପାଦକ ଶ୍ୱେତାଂଶୁ ଶେଖର ବରେଇ ପ୍ରମୁଖ ଉପରୋକ୍ତ ଦାବି ଉପସ୍ଥାପନା କରିଛନ୍ତି।

ଏହାସହ ସୌମ୍ୟାଶ୍ରୀ ବିଶି ତାଙ୍କ ନ୍ୟାୟର ଲଢ଼େଇ ଲଢ଼ିବା ସମୟରେ ଯେଉଁ ଛାତ୍ର ସଂଗଠନର ଛାତ୍ରମାନେ ସାମାଜିକ ଗଣମାଧ୍ୟମରେ ତାଙ୍କ ଚରିତ୍ର ସଂହାର କରିଥିଲେ ସେମାନେ ବି ଦାୟୀ ଏଣୁ ସେମାନଙ୍କୁ ମଧ



ତୁରନ୍ତ ଗିରଫ କରାଯାଉ ବୋଲି ଶ୍ରୀ ବରେଇ ଦାବି କରିଛନ୍ତି।

ସୌମ୍ୟାଶ୍ରୀ ଜୁଲାଇ ୧ ତାରିଖରୁ ସାମାଜିକ ଗଣମାଧ୍ୟମ ଜରିଆରେ ତାଙ୍କ କଥା ରଖିଥିଲେ, ସେଥିରେ ସମ୍ପୂର୍ଣ୍ଣ ଭାବେ ଶିକ୍ଷା ବିଭାଗ, ରାଜ୍ୟ ସରକାର ଏବଂ ବାଲେଶ୍ୱର ଏସ୍‌ପିଙ୍କ ଦାୟିତ୍ୱହୀନତା ଓ ଅବହେଳା ଯୋଗୁଁ ଏହି ଘଟଣା ଘଟିଛି। ଏଥିରେ ସମ୍ପୂର୍ଣ୍ଣ ଭାବେ ଶିକ୍ଷା ବିଭାଗ ଏବଂ ବାଲେଶ୍ୱର ଏସ୍‌ପି ଦାୟୀ ଅଟନ୍ତି। ଏଥିପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏସ୍‌ପିଙ୍କ ଉପରେ ମଧ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବରେଇ କହିଛନ୍ତି। ଏନ୍‌ଏସ୍‌ୟୁଆଇ ପକ୍ଷରୁ ଅଧ୍ୟାପକ ସମୀର ସାହୁ ଭଲ ବ୍ୟକ୍ତି ଏବଂ ସୌମ୍ୟାଶ୍ରୀଙ୍କ ଚରିତ୍ର ସଂହାର କରି ଅଧ୍ୟାପକଙ୍କ ସପକ୍ଷରେ ଏକ ଦସ୍ତଖତ ଅଭିଯାନ କରି ଅଧକ୍ଷଙ୍କୁ ଦାବିପତ୍ର ଦେଇଥିଲେ ଏବଂ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ ବୋଲି ଶ୍ରୀ ବରେଇ ଅଭିଯୋଗ କରିଛନ୍ତି।

ଛାତ୍ରୀ ଜଣକ ସାମାଜିକ ଗଣମାଧ୍ୟମରେ ଅଭିଯୋଗ କଲାପରେ ମଧ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ପାଇଁ ଗୋଟେ ମୂଲ୍ୟବାନ ଜୀବନ ଆଜି ଚାଲିଗଲା। ପ୍ରଥମ ଦିନରୁ କଲେଜ କର୍ତ୍ତୃପକ୍ଷ ଏବଂ ଶିକ୍ଷା ବିଭାଗ ଘଟଣାକୁ ଗୁରୁତର ସହ ନେଇ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିଥାନ୍ତେ ତାହେଲେ ଏପରି ଦୁର୍ଭାଗ୍ୟଜନକ ଘଟଣା ଆଜି ଘଟିନଥାନ୍ତା। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଅପାରଗତା ଓ ଶିକ୍ଷା ବିଭାଗର ଦାୟିତ୍ୱହୀନତା ସମସ୍ତଙ୍କ ସାମ୍ନାକୁ ଆସିଛି।

## ଜିଲ୍ଲା କଂଗ୍ରେସର ବନ୍ଦ ପ୍ରସ୍ତୁତି



**ସମ୍ବଲପୁର, ୧୬।୭ (ସମିସ) :** ଆସନ୍ତାକାଲି ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ ଜିଲ୍ଲା ସଂଯୋଜକ ଦୁର୍ଗା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ସମ୍ବଲପୁର ଜିଲ୍ଲା କଂଗ୍ରେସର ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତା ଓ କର୍ମୀଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ଜିଲ୍ଲାର ଚାରୋଟି ନିର୍ବାଚନ ମଣ୍ଡଳୀ ପାଇଁ ୨୦୨୪ ନିର୍ବାଚନର ବିଧାନସଭା ପ୍ରାର୍ଥୀ ଦାୟିତ୍ୱରେ ରହିଛନ୍ତି। ପ୍ରାରମ୍ଭରେ ବାଲେଶ୍ୱର ଏଫ୍‌ଏମ୍ କଲେଜରେ ଆତ୍ମଦାହ କରିଥିବା ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ବନ୍ଦର ଉଦ୍ଦେଶ୍ୟ ଜ୍ଞାପନ କରାଯାଇଥିଲା। ଜିଲ୍ଲାର କଂଗ୍ରେସ କର୍ମକର୍ତ୍ତାଙ୍କ ସହ ଅନ୍ୟ ଦଳ ଗୁଡ଼ିକ (ବିଜେପି ଓ ବିଜେଡି ବ୍ୟତୀତ)ର କର୍ମକର୍ତ୍ତା ଓ କର୍ମୀ ବନ୍ଦକୁ ସମର୍ଥନ କରି ପିକେଟିଂ କରିବେ। ପିସିସି ସଭାପତିଙ୍କ ନିର୍ଦ୍ଦେଶ ମତେ ୨୦୨୪ ବିଧାନସଭା ଲଢ଼ିଥିବା ଜିଲ୍ଲାର ବିଭିନ୍ନ ବିଧାନସଭା କ୍ଷେତ୍ରର ବନ୍ଦ ଦାୟିତ୍ୱ ସେହି ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଓ କର୍ମକର୍ତ୍ତାଙ୍କୁ ଦିଆଯାଇଛି। ରେଢ଼ାଖୋଲ ପାଇଁ ଏଆଇସିସି ସମ୍ପାଦକ ଆସଫ ଖାଁ, ରେଙ୍ଗାଲି ପାଇଁ ପିସିସି ସମ୍ପାଦକ ଦିଲ୍ଲୀପ ଦୁରିଆ, କୁଚିଣ୍ଡା ପାଇଁ କେଦାର ବରିହା ଏବଂ ସମ୍ବଲପୁର ପାଇଁ ଦୁର୍ଗା ପାଢ଼ୀଙ୍କୁ ଦାୟିତ୍ୱ ଦିଆଯାଇଛି। ଛାତ୍ର, ଯୁବ, ମହିଳା, ସେବାଦଳ, ବିଭିନ୍ନ ବିଭାଗର କର୍ମକର୍ତ୍ତା ସମେତ ଜିଲ୍ଲାର ଅନ୍ୟ କର୍ମକର୍ତ୍ତାମାନେ ସାମିଲହୋଇ ପିକେଟିଂ କରିବେ। ବୈଠକରେ ଶିବ ପ୍ରଧାନ, ଗିରିଜା ନାୟକ, ରବି ରାଉତ, ଜିତେନ ମହାନନ୍ଦ, ସତ୍ୟ ନାରାୟଣ ସେନାପତି, ଗୋବିନ୍ଦ ମିଶ୍ର, ସୁତପା ମିତ୍ର, ଜିତେନ୍ଦ୍ର ପ୍ରଧାନ, ସୁଧୀର ପଣ୍ଡା, ପିସିସି ସଭ୍ୟା ସୁରଞ୍ଜିନୀ ବାରିକ, ଚନ୍ଦ୍ର ପୁରୋହିତ, ଏମଡି ମୁକ୍ତାର ପ୍ରମୁଖ ବହୁ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

## ଭୀମଭୋଇ ମହାବିଦ୍ୟାଳୟରେ ସଚେତନତା କର୍ମଶାଳା

**ରେଢ଼ାଖୋଲ, ୧୬।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରସ୍ଥିତ ଭୀମଭୋଇ ମହାବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ମାନସିକ ଓ ଆବେଗିକ ଚାପ ନିୟନ୍ତ୍ରଣ, ନିବାରଣ ଏବଂ ନିରାକରଣ ପାଇଁ ସଚେତନତା କର୍ମଶାଳା ହୋଇଯାଇଛି। କର୍ମଶାଳାରେ ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ଅଧକ୍ଷା ସୁପ୍ରିୟା କୁମାରୀ ମଲ୍ଲିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷଅମୂଲ୍ୟ କୃଷ୍ଣ ପାଢ଼ୀ ନିଜର ବକ୍ତବ୍ୟ ପ୍ରସଙ୍ଗରେ ଉଲ୍ଲେଖ କରି କହିଥିଲେ ଯେ ପ୍ରତ୍ୟେକ ଅନୁଷ୍ଠାନ ହେଉଛି ଏକ ପରିବାର ଓ ଆମେ ଜଣେ ଜଣେ ତାର ସକ୍ରିୟ ସଦସ୍ୟ, ପରିବାରର ସୁଖ, ଶାନ୍ତି ନିର୍ଭର କରେ ସଦସ୍ୟମାନଙ୍କର ସହଭାଗିତା ଓ ସହଯୋଗିତା ଦ୍ୱାରା, ଅନୁଷ୍ଠାନ ପରିସରରେ ସମସ୍ତଙ୍କ ଉତ୍ତରଦାୟିତ୍ୱ ଓ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। କର୍ମଶାଳାରେ ମହାବିଦ୍ୟାଳୟର





ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ଏହାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଜୀବନର ଆଭିମୁଖ୍ୟ ସହିତ ଏକ ଶୃଙ୍ଖଳିତ ଆଚରଣ ଉପରେ ଗୁରୁତ୍ୱାରୋପ କରିଥିଲେ ଓ ପୁନଃ-ନିର୍ମିତ ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ଅନ୍ୟତମ ସଦସ୍ୟା ପ୍ରାଧାପିକା ମମତା ମହାପାତ୍ର ସବୁ ସମୟ ଓ ପରିସ୍ଥିତି ମଧ୍ୟରେ ଆମେ ସଚେତନ ହେଲେ ଜୀବନର ସକଳ ସମସ୍ୟାର ସମାଧାନ ହୋଇପାରିବ ବୋଲି ପରାମର୍ଶ ଦେଇଥିଲେ। ପ୍ରସଙ୍ଗ କ୍ରମେ ସମିତିର ଅନ୍ୟତମ ସଦସ୍ୟ ପ୍ରାଧ୍ୟାପକ ଡ଼. ମନୋରଞ୍ଜନ ମହନ୍ତ ଛାତ୍ରଛାତ୍ରୀଙ୍କୁ ଭାରତୀୟ ସଂସ୍କୃତିର ମୂଳମନ୍ତ୍ରରେ ନିହିତ ଥିବା ସତ୍ୟକୁ ଉପଲବଧି କରିବା ଉପରେ ଆଲୋଚନା କରିଥିଲେ।କର୍ମଶାଳାରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଲେ।ଶେଷରେ ଫକିର ମୋହନ ମହାବିଦ୍ୟାଳୟରେ ଘଟି ଯାଇଥିବା ଦୁଃଖଦ ଘଟଣା ପାଇଁ ନୀରବ ପ୍ରାର୍ଥନା କରଯାଇଥିଲା।

## ବରେଇପାଲି ଯୁବସଂଗଠନ ପକ୍ଷରୁ ଚାରାରୋପଣ



**ସମ୍ବଲପୁର, ୧୬।୭(ସମିସ):** ବରେଇପାଲି ଯୁବସଂଗଠନ ତରଫରୁ ମହାନଗରନିଗମ ୱାର୍ଡ ନମ୍ବର ୨୦ ଡେଙ୍ଗସର୍ଗୀଠାରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ବିକାଶ ଖାଡି ଓ ହୀରା ସିଂଙ୍କ ନେତୃତ୍ୱରେ ଅନେକ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ପାଇଁ ସଂଗଠନ ଲକ୍ଷ୍ୟ ରଖିଛି ଯେ ଏହି ବର୍ଷ ବରେଇପାଲି ଆଖପାଖ ଅଞ୍ଚଳରେ ୫୦୦ବୃକ୍ଷରୋପଣ କରିବା ସହିତ ତାର ରକ୍ଷଣାବେକ୍ଷଣ ମଧ୍ୟ କରିବେ। କାର୍ଯ୍ୟକ୍ରମରେ ଉତ୍ତମ ବାଗ, ମଞ୍ଜୁ ଓରାମ, ସୁରଜ ଓରାମ, ମୁକେଶ ସାହୁ, ମନଦୀପ ସାହୁ, ଆନନ୍ଦ ଖାଡି, ଶ୍ୟାମ ଓରାମ, କାହ୍ନା ସ୍ୱାଇଁ, ସୁରଜ ହରିପାଲ, ସିଦ୍ଧେଶ୍ୱର ସୁନା, ରୋଶନ ସିଂ, ସଦାନନ୍ଦ ସାହୁ ତଥା ଅଞ୍ଚଳବାସୀ ସହଯୋଗ କରିଥିଲେ।

## ଶାସନ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ

**ସମ୍ବଲପୁର, ୧୬।୭ (ସମିସ):** ସମ୍ବଲପୁର ଜିଲ୍ଲା ଶାସନସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ପ୍ରଧାନ ଶିକ୍ଷୟିତ୍ରୀ ତାରାବତୀ ବେହେରାଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ କିଶୋର ଛତର ମୁଖ୍ୟଅତିଥି ଏବଂ ପ୍ରକୃତିପ୍ରେମୀ ଶ୍ୟାମ ସୁନ୍ଦର ସେଟ, ଭାଲୁବାହାଲ ସେକ୍ସନ ଫରେଷ୍ଟର ସୁନିତା ଗର୍ଡ଼ିଆ ଓ ପ୍ରୀତିମୟୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଇକୋ କ୍ଲବ



ପ୍ରଭାରୀ ଶିକ୍ଷୟିତ୍ରୀ ପ୍ରଲିତା ପଟ୍ଟନାୟକ ପରିଚାଳନା କରିଥିଲେ। ପ୍ରକୃତି ପ୍ରେମୀ ଶ୍ରୀ ସେଟ୍ ବୃକ୍ଷର ମାହାତ୍ମ୍ୟ ଉପରେ ଏକ କବିତା ଗାନ କରିବାସହ ଚାରାରୋପଣର ଆବଶ୍ୟକତା ଉପରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହାପରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ମିଳିତ ଭାବେ ଚାରାରୋପଣ କରିଥିଲେ।

ସମଲେଇ ପ୍ରକଳ୍ପ ସ୍ଥାୟୀତ୍ୱକୁ ପ୍ରଶ୍ନ

## ପାଦଚଲା ଉପରେ ଯାଉଛି ଟ୍ରାକ୍ଟର

**ସମ୍ବଲପୁର, ୧୬।୭ (ସମିସ)**

ପୂର୍ବତନ ସରକାରଙ୍କ ପ୍ରଚେଷ୍ଟାରେ ବହୁ ପ୍ରତିକ୍ଷିତ ସମଲେଇ ପ୍ରକଳ୍ପ ସମ୍ବଲପୁରବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଲୋକଙ୍କ ପାଇଁ ମନ୍ଦିରର ବିକାଶ କରାଯାଇଥିଲା। ଏହି ପ୍ରକଳ୍ପରେ ବିଭିନ୍ନ କାରୀଗରିର ପଥର ତଥା କଳାକୃତି ସ୍ଥାନ ପାଇଛି। ଲୋକଙ୍କ ପାଦଚଲା ପାଇଁ ମଧ ସୁନ୍ଦର ପଥର ବିଛାଯାଇଥିଲା। କିନ୍ତୁ ନୂତନ ସରକାର ଆସିବା ପରେ ଏହି ପ୍ରକଳ୍ପର କାମକୁ ନେଇ ସାଧରଣରେ ପ୍ରଶ୍ନ ଉଠୁଛି। ନୂତନ ସରକାର ଦ୍ୱିତୀୟ ପର୍ଯ୍ୟାୟ ବିକାଶ ନେଇ କାମ ଆରମ୍ଭ କରିଛନ୍ତି। ବହୁ ନେତାମନ୍ତ୍ରୀ ମନ୍ଦିର ପରିସରକୁ ଦର୍ଶନ ପାଇଁ ଆସିଲେ, ମନ୍ଦିରର ବ୍ୟାଟେରୀ ଚାଳିତ ଗାଡ଼ିରେ ବସି ପାଦଚଲା ଉପରେ ଯାଇଥାନ୍ତି। ସୂକ୍ଷ୍ମ କାରୀଗରି ଉପରେ କେବଳ ଚାଲିଲେ କିମ୍ବା ହାଲୁକା ଗାଡ଼ି ଯିବା ଆସିବା



କଲେ ଏହାର ସ୍ଥାୟୀତ୍ୱ ଦୀର୍ଘ ଦିନ ଯାଏଁ ରହିବ। କିନ୍ତୁ ଆଜି ଏହି ପାଦ ଚଲା ଉପରେ ମାଟି ବୋଝେଇ ଟ୍ରାକ୍ଟର ଯାଉଥିବା ଏକ ଭିଡ଼ିଓରେ ଦେଖିବାକୁ ମିଳିଛି। ଯାହାକୁ ନେଇ ସମଲେଇ ପ୍ରକଳ୍ପର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିଛି। ପ୍ରକଳ୍ପ ପରିସରକୁ ବାଇକ୍ ମନା ଥିବାବେଳେ କିପରି ମାଟି ବୋଝେଇ ଟ୍ରାକ୍ଟର ଭିତରକୁ ପ୍ରବେଶ କରିଲା। ବିରଳ ପଥର ବିଛାଯାଇଥିବାବେଳେ ତାହା କେବଳ ପାଦଚଲା ପାଇଁ ଉଦିଷ୍ଟ। ହେଲେ ଆଜି ଟ୍ରାକ୍ଟର ଯିବା ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ମନ୍ଦିରର ଅଧିକ ବିକାଶ କରାଯିବା ନେଇ ବିଜେପି ଡିଣ୍ଡିମ ପିଟୁଛି। କିନ୍ତୁ ଏବେ ବିରଳ ପଥର ଉପରେ ଟ୍ରାକ୍ଟର ଚଲାଇ ନଷ୍ଟ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସମ୍ପୃକ୍ତ ଟ୍ରାକ୍ଟରର ନମ୍ବର ପ୍ଲେଟ ମଧ ନଥିବା ଦେଖିବାକୁ ମିଳିଛି।

### ଐତିହାସିକ କାରିଗରୀକୁ ଅନାଦର

ସମଲେଇ ମନ୍ଦିରର ବିକାଶ ପରେ ରାଜ୍ୟ ସମେତ ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ଛୁଅ ଛୁଟୁଛି। ମହାନଦୀ କୂଳରେ ହେଇଥିବା ଏ ପ୍ରକଳ୍ପକୁ ଦେଖି ସରକାର ତଥା ସମ୍ବଲପୁର ଜିଲ୍ଲାକୁ ପ୍ରଶଂସା କରୁଛନ୍ତି। ତେଣୁ ପାଦଚଲାକୁ ନଷ୍ଟ ନ କରାଯାଉ ବୋଲି ସାଧାରଣରେ ଦାବି ହୋଇଛି।

## ଜିଲ୍ଲା ଓବିସି ମଞ୍ଚର ବୈଠକ



ଝାରସୁଗୁଡ଼ା,୧୬।୭(ସମିସ): ଜିଲ୍ଲା ଓବିସି ମଞ୍ଚର ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ବିରଞ୍ଚି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓବିସି ସମୁଦାୟର ସାମ୍ବିଧାନିକ ଅଧିକାର ଓ ହକ ସମ୍ପର୍କରେ ଗାଁ ଗାଁରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଆଣିବା ଓ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ଲୋକପ୍ରତିନିଧିମାନଙ୍କ ମାଧ୍ୟମରେ ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି। ଏହି ଅବସରରେ ଜିଲ୍ଲାସ୍ତରୀୟ ସମନ୍ୱୟ (କୋଡର୍‌ନେସନ) କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବେ ବିରଞ୍ଚି ସାହୁ, ଝାରସୁଗୁଡ଼ା ବିଧାନସଭା ସଂଯୋଜକ ଭାବେ ନୃପଲାଲ ପଶାୟତ, ବ୍ରାଜରାଜନଗର ବିଧାନସଭା ସଂଯୋଜକ ଭାବେ ତେଜରାଜ ପଧାନ, ସାଧାରଣ ସମ୍ପାଦକ ଗୋପୀନାଥ ବେହେରା, କୋଷାଧ୍ୟକ୍ଷ ହେମରାଜ ଷଣ୍ଢ ଏବଂ ବ୍ଲକ୍, ମ୍ୟୁନିସିପାଲିଟି ଓ ପଞ୍ଚାୟତ ସ୍ତରରେ ଅନ୍ୟାନ୍ୟ ସଂଯୋଜକଙ୍କ ନାମ ଘୋଷଣା କରାଯାଇଛି। ସିର୍ଜୁ ଖମାରୀ, ଅମିତ ବାଗ, ଗଣ୍ଡାରାମ ବେହେରା, ମିତ୍ରଭାନୁ ସାହୁ, କାହ୍ନୁଚରଣ ଭୋଇ, ବିଭୀଷଣ ରାଉତ, ଭୁବନେଶ୍ୱର ସାହୁ, ଚେତାନନ୍ଦ ପଟେଲ, ତୁଳେଶ୍ୱର ପଟେଲ, ପିଣ୍ଟୁ ସାହୁ, ରିଙ୍କୁ ସାହୁ, ବଂଶୀଧର ମେହେର, ନିରଞ୍ଜିନି ପଟେଲ, ଲୋଚନ ସାହୁ ଓ ନେପାଳ ବାରିକ ପ୍ରମୁଖଙ୍କୁ ସଂଯୋଜକ ଭାବରେ ଦାୟିତ୍ୱ ଦିଆଯାଇଥିଲା।

## ଇଏସ୍‌ଆଇସି ହସ୍ପିଟାଲ ସ୍ଥାପନ ପାଇଁ ବୈଠକ



ଝାରସୁଗୁଡା,୧୬।୭(ସମିସ): ଝାରସୁଗୁଡାରେ ୧୦୦ ୱାର୍ଡ ବିଶିଷ୍ଟ ଇଏସ୍‌ଆଇସି ହସ୍ପିଟାଲ ସ୍ଥାପନ ପାଇଁ ଭୁବନେଶ୍ୱରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏବଂ ଇଏସ୍‌ଆଇସି ବିଭାଗର ଅଧିକାରୀଙ୍କ ସହ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଏହି ବୈଠକରେ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ଜିଲ୍ଲାରେ ପ୍ରସ୍ତାବିତ ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇସି ହସ୍ପିଟାଲ ସଂପର୍କିତ ପ୍ରସ୍ତାବ ଓ ତାହାକୁ କାର୍ଯ୍ୟକ୍ଷମ କରିବାର ସମୟ ସୀମା ବିଷୟରେ ସମୀକ୍ଷା କରାଯାଇଥିଲା। ରାଜ୍ୟ ସରକାର ଔପଚାରିକ ଭାବେ ଏହି ହସ୍ପିଟାଲ ପାଇଁ ଇଏସ୍‌ଆଇସି ବିଭାଗକୁ ଜମି ହସ୍ତାନ୍ତର କରିବେ। ଯାହା ଝାରସୁଗୁଡ଼ା ଜିଲ୍ଲା ଓ ଅନ୍ୟ ଜିଲ୍ଲା କ୍ଷେତ୍ରର କର୍ମଚାରୀ ଓ ତାଙ୍କ ପରିବାର ପାଇଁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ସହାୟକ ହେବ ବୈଠକରେ ସୂଚାଯାଇଥିଲା।

## ପଦ୍ମପୁରରେ ମୁହୁରୀ ଉତ୍ସବ




ପଦ୍ମପୁର,୧୬।୭(ସମିସ): ରାଜାଜୀ ଟାଉନ ହଲରେ ପଦ୍ମପୁର ସଙ୍ଗୀତ ସମିତି ଆନୁକୂଲ୍ୟରେ ୫ମ ବୋଡାସମ୍ବର ମୁହୁରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୋଡ଼ାସମ୍ବରର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକ କଳାକାରମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଆୟୋଜିତ ସଭାରେ ପ୍ରଫେସର କେଶରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିଲେ। ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ନାଟ୍ୟକାର ଅଶୋକ ବହିଦାର, ନୃତ୍ୟଗୁରୁ ସୁରେନ୍ଦ୍ର ସାହୁ, ଅଭିନେତା ବିଶ୍ରାମ ମେହେର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ମୁହୁରୀ ସମ୍ପର୍କରେ ଆଲୋଚନା କରିଥିଲେ। ଲୁପ୍ତପ୍ରାୟ ମୁହୁରୀର ସଂରକ୍ଷଣ ଓ ପ୍ରସାରଣ ପାଇଁ ସରକାରୀ ସ୍ତରରେ ପଦକ୍ଷେପ ନେବା ପାଇଁ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ସମ୍ପାଦକ ରମେଶ ଗୁର୍ଲାଙ୍କ ସଂଯୋଜନାରେ ସମସ୍ତ ଲୋକ କଳାକାର ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ସଭାପତି ରାଜେଶ ଗୁର୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଳାକାରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗୋପବନ୍ଧୁ ଶିକା, ଅଶ୍ୱିନୀ ପଟେଲ, ଆଶିଷ କନ୍ଧେର, ବୁଲୁ ବଇକାର, ଦିବ୍ୟ କିଶୋର ବରିହା, ଦିନବନ୍ଧୁ ବାରିକ, ଅଜିତ ବିଶ୍ୱାସ, ଟେନେସ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବି

## ନ୍ୟାୟିକ ତଦନ୍ତ ଦାବି କଲା ଜିଲ୍ଲା ଛାତ୍ର ସାମ୍ମୁଖ୍ୟ

ଝାରସୁଗୁଡା,୧୬।୭(ସମିସ)



ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ବିଜେପି ସରକାରଙ୍କ ଚରମ ବିଫଳତାର ପ୍ରତିବାଦ କରିବା ସହ ମାମଲାର ନ୍ୟାୟିକ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼କାର୍ଯ୍ୟାନୁଷ୍ଠାନ ଦାବିରେ ଝାରସୁଗୁଡା ଜିଲ୍ଲା ଛାତ୍ର ସାମ୍ମୁଖ୍ୟ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବୁଧବାର ଏଲ୍‌ଏନ୍ କଲେଜ ସମ୍ମୁଖରେ ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ସରକାରଙ୍କ ବିରୋଧରେ ବିକ୍ଷୋଭ କରାଯାଇଥିଲା। ଏଥିସହ ସ୍ୱର୍ଗତ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି କମନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ପାଇଁ ଦାୟୀ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଏଥିରେ ଦାବି କରାଯାଇଥିଲା। ମହାବିଦ୍ୟାଳୟ ଛାତ୍ର ତଥା ସାମ୍ମୁଖ୍ୟ ଜିଲ୍ଲା ସଂଯୋଜକ ରବି ରୋହିଦାସଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଫାଟକ ସାମ୍ନାରେ ସୌମ୍ୟାଶ୍ରୀ ବିଶିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରିଛନ୍ତି। ଏହାପରେ ନାରୀ ନିର୍ଯାତନା ବନ୍ଦ କର, ନିର୍ଯାତିତା ଛାତ୍ରୀଙ୍କୁ ଉପଯୁକ୍ତ ନ୍ୟାୟ ଦିଅ ଭଳି ସ୍ଲୋଗାନ ଦେଇ ଏକ ଶ୍ରଦ୍ଧାଞ୍ଜଳି ସଭା କରାଯାଇଥିଲା। ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରେ ଭବିଷ୍ୟତରେ ଯେପରି ଏହି ଘଟଣାର ପୁନରାବୃତ୍ତି ନହେବ ସେ ଦିଗରେ ଜାଗ୍ରତ ରହିବା ସହ ରାଜ୍ୟ ସରକାର ଛାତ୍ରୀ ସୁରକ୍ଷା ପାଇଁ ନୂତନ ନିୟମାବଳି ଲାଗୁ କରିବାକୁ ଦାବି କରିଛି ଝାରସୁଗୁଡା ଜିଲ୍ଲା ଛାତ୍ର ସାମୁଖ୍ୟ।

## ଆଦର୍ଶ ମହାବିଦ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ



ଦେବଗଡ଼,୧୬।୭(ସମିସ): ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ ଇସ୍ତଫା ଦାବି କରିବା ସହ ଜିଲ୍ଲା କଂଗ୍ରେସ ପକ୍ଷରୁ ସେମାନଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ଆଦର୍ଶ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ମୃତ ଛାତ୍ରୀ ସୌମ୍ୟଶ୍ରୀ ବାରମ୍ବାର ନିର୍ଯାତିତ ହେବାପରେ ନ୍ୟାୟ ପାଇଁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ, ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କଠାରେ ଭିକ୍ଷା କରିଥିଲେ ମଧ୍ୟ ସରକାର ନ୍ୟାୟ ପ୍ରଦାନରେ ବିଫଳ ରହିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା।

ଏହି ସମୟରେ ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ଲିତା ଆଚାର୍ଯ୍ୟ, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ଶ୍ରୀତମ କୁମାର ସାହୁ ପୂର୍ବତନ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ପୂର୍ବତନ ଯୁବ କଂଗ୍ରେସ ସଭାପତି ସୋଲମାନ ହେନେଜ୍, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଆନନ୍ଦ କୁଲା , ପୂର୍ବତନ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପାତ୍ର, ଆକାଶ ଦାସ, ଜିତେନ୍ଦ୍ର ବେହେରା, ବୁଲୁ ଧଳ, ସାଗର ପ୍ରଧାନ, ଶ୍ରୁମନ୍ତ ବେହେରା, ବିଲେନ୍ ତିଲୁ, ଦୁଃଖବନ୍ଧୁ ମୁଣ୍ଡା, ସୁଶୀଲ ଗୁଡିଆ, ଓ କଲେଜ୍ ଛାତ୍ରଛାତ୍ରୀମାନେ ସମର୍ଥନରେ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ଯୁବକ ମୃତ

ଦେବଗଡ଼,୧୬।୭(ସମିସ): ବାରକୋଟ ଥାନା ଅନ୍ତର୍ଗତ ଗୁରୁସଙ୍ଗ ଗ୍ରାମରେ ସର୍ପାଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଗୁରୁସଙ୍ଗ କଲୋନୀ ସାହିର ନେମ୍ମୁ ଗୋଛାୟତଙ୍କ ପୁଅ ଲିପୁନ ଗୋଛାୟତ(୨୪) ବୋଲି ଜଣାପଡ଼ିଛି। ମଙ୍ଗଳବାର ମଧ୍ୟାହ୍ନରେ ଘର ବାଡ଼ିରେ କୌଣସି କାମ କରୁଥିବାବେଳେ ଏକ ବିଷାକ୍ତ ସାପ ତାଙ୍କ ଗୋଡ଼କୁ କାମୁଡ଼ିଥିଲା। ତାଙ୍କୁ ପରିବାର ଲୋକେ ପ୍ରଥମେ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦେବଗଡ଼ ଥାନା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

## ଡ୍ରାଇଭରଙ୍କୁ ମାଡ଼ ମାରିବା ଭିଡିଓ ଭାଇରାଲ

ଝାରସୁଗୁଡା,୧୬।୭(ସମିସ): ଝାରସୁଗୁଡା ଜିଲ୍ଲା ହିର୍ମା ପଞ୍ଚାୟତ ସ୍ଥିତ ଏକ ଘରୋଇ କମ୍ପାନୀ ସମ୍ମୁଖରେ ଜଣେ ଡ୍ରାଇଭରକୁ ମାଡ଼ ମରାଯାଇଥିବା ଭିଡିଓ ଭାଇରାଲ ହୋଇଛି। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଏହି ଭିଡିଓଟି ଭାଇରାଲ ହୋଇଛି। ଜଣେ ଯୁବକ ଏକ ବାଡ଼ି ଧରି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଧମକ ଦେଉଥିବା ଏହି ଭିଡିଓରେ ଦେଖିବାକୁ ମିଳୁଛି। ଯୁବକଙ୍କ ଆକ୍ରମଣରେ ଜଣେ ଡ୍ରାଇଭରଙ୍କ ଗୋଡ଼ରେ ଆଘାତ ଲାଗିବା ଓ ଡ୍ରାଇଭର ଜଣକ ଛୋଟାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଏହି ଆକ୍ରମଣରେ ଡ୍ରାଇଭରଙ୍କ ଗୋଡ଼ ଭାଙ୍ଗି ଯାଇଥିବା ସୂଚନା ମିଳିଛି।

## ଏବିଇଓଙ୍କ ବଦଳି ଦାବି କଲେ ସିଆର୍‌ସିସି ସମୂହ ଓ କର୍ମଚାରୀ



ବରଗଡ଼,୧୬।୭(ସମିସ):ପାଇକମାଳ ଶିକ୍ଷା କାର୍ଯ୍ୟାଳୟ ଅଧିନରେ ଥିବା ପାଇକମାଳ ଆଞ୍ଚଳିକ ସାଧନା କେନ୍ଦ୍ର ସମୂହ ଓ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀଗଣ ଶିକ୍ଷାର ଉନ୍ନତି ପାଇଁ ଶିକ୍ଷା ବିଭାଗର ସମସ୍ତ ନିର୍ଦ୍ଦେଶନାମାକୁ ଅନୁପାଳନ ପୂର୍ବକ ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ କରୁଛନ୍ତି। ହେଲେ ଏଠାରେ କାର୍ଯ୍ୟରତ ଏବିଇଓ ରାଧେଶ୍ୟାମ ମେହେର ବିଭିନ୍ନ ସମୟରେ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ଓ କର୍ମଚାରୀଗଣଙ୍କୁ ଧମକ ଚମକ ଦେବା ସହିତ ମାନସିକ ଚାପ ଓ ବାଧା ଦେଉଥିବା ସିଆରସିସି ସମୂହ ଓ କର୍ମଚାରୀ ଅଭିଯୋଗ କରିଛନ୍ତି। ଏନେଇ ଘଟଣାର ସତ୍ୟାସତ୍ୟ ତଦନ୍ତ କରି ଏବିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଇ ତୁରନ୍ତ ବଦଳି କରାଯାଉ ବୋଲି ସିଆରସିସି ସମୂହ ଓ କର୍ମଚାରୀମାନେ ବିଇଓ ଅଦନ ସୁନାଙ୍କ ମାଧ୍ୟମରେ ବରଗଡ଼ ଡିଇଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ବିଇଓଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ୨୫ ଜଣ କର୍ମଚାରୀଙ୍କ ନାମ ରହିଛି। ଏନେଇ ଏବିଇଓ ରାଧେଶ୍ୟାମ ମେହେରଙ୍କୁ ପଚାରିବାରୁ ଘଟଣାଟି ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ ତଥା ମନଗଢ଼ା କାହାଣୀ ଅଟେ ବୋଲି ସେ କହିଛନ୍ତି। ତାଙ୍କ ବିରୋଧରେ ଅଭିଯୋଗ କରିଥିବା ବ୍ୟକ୍ତିମାନେ କେତେ ସଚ୍ଚୋଟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଏବିଇଓ ଶ୍ରୀ ମେହେର ଜଣାଇଛନ୍ତି।

## ଜମଲା ଡିଗ୍ରୀ କଲେଜରେ ଆଲୋଚନା ଚକ୍ର



ପଦ୍ମପୁର,୧୬।୭(ସମିସ): ଜମଲା ଡିଗ୍ରୀ କଲେଜରେ ଏକ ଦିବସୀୟ ଆଲୋଚନାଚକ୍ର ମଙ୍ଗଳବାର କଲେଜ ଅଧ୍ୟକ୍ଷ ଡ.ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରଦୀପ ପୁରୋହିତ ଓ ସମ୍ମାନିତ ଅତିଥି ଭାବେ ଗୋବର୍ଦ୍ଧନ ଭୋଇ ଯୋଗ ଦେଇ ଆଲୋଚନାଚକ୍ର ଉଦ୍‌ଘାଟନ କରିଥିଲେ। ଇଂରାଜୀ ଅଧ୍ୟାପକ ଆଶିଷ ଭୋଇ ଅତିଥି ପରିଚୟ ଓ ଅଧ୍ୟାପିକା ସୁରେଖା ଭୁଏ ଧନ୍ୟବାଦ ଦେଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ଝସକେତନ ସାହୁ, ଅଧ୍ୟାପିକା କୁମୁଦିନୀ ସାହୁ ଓ ଶିକ୍ଷା ବିଭାଗର ଅଧ୍ୟାପକ ଅଞ୍ଜନ ସାଗର ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଆଲୋଚକ ଭାବେ ଝାରବନ୍ଧ ଡିଗ୍ରୀ କଲେଜ ଅଧ୍ୟାପକ ଖ୍ୟାତିମୟ ତ୍ରିପାଠୀ ଓ ମେଲଛାମୁଣ୍ଡା କଲେଜ ଅଧ୍ୟାପକ ଭଦ୍ରସେନ୍ ସାହୁ ଯୋଗ ଦେଇଥିଲେ।

## ପିକ୍‌ଅପ୍ ଧକ୍କାରେ ଗାଈ ମୃତ



ଝାରସୁଗୁଡା,୧୬।୭(ସମିସ): ପିକ୍‌ଅପ୍ ଗାଡ଼ି ଧକ୍କାରେ ଗୋଟିଏ ଗାଈର ମୃତ୍ୟୁ ହୋଇଛି। ଏନେଇ ଓରିଏଣ୍ଟ ଥାନାରେ ଗାଈର ମାଲିକ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ, ବୁଧବାର ସକାଳେ ଲମଟିବାହାଲ ଅଞ୍ଚଳର ଲକ୍ଷ୍ମଣ ସୋନି ନିଜ ଗାଈ ଚରାଇବା ପାଇଁ ଓରିଏଣ୍ଟ ଥାନା ନଅ ନମ୍ବର ଅଞ୍ଚଳକୁ ନେଇଥିଲେ। ଏହି ସମୟରେ ଏକ ପିକଅପ୍ ଗାଡି (ଓଡି ୧୪ସି ୨୮୧୭) ବେଲପାହାଡ଼ ପଟରୁ ଅତି ଦ୍ରୁତଗତିରେ ଆସି ୯ ନମ୍ବର ଛକ ନିକଟରେ ଗାଈକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଫଳରେ ଗାଈଟିର ମୃତ୍ୟୁ ହୋଇଥିଲା। ପିକ୍‌ଅପ୍ ଗାଡି ଡ୍ରାଇଭରଙ୍କ ବେପରୁଆ ଓ ଦ୍ରୁତ ଗାଡ଼ିଚାଳନା ଯୋଗୁଁ ଦୁର୍ଘଟଣା ଘଟି ଗାଈଟିର ମୃତ୍ୟୁ ହୋଇଥିବା ବେଳେ ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ଗାଈର ମାଲିକ ଓରିଏଣ୍ଟ ଥାନାରେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି।

## ପ୍ରଭୁ ଉପବନରେ ରାଜଯୋଗ ଶିବିର

ଝାରସୁଗୁଡା,୧୬।୭(ସମିସ): ଝାରସୁଗୁଡା ଜିଲ୍ଲା ଗୁମାଡେରା ବ୍ରହ୍ମାକୁମାରୀ ଆଶ୍ରମ ପ୍ରଭୁଉପବନଠାରେ ଅନ୍ତର୍ମୁଖୀ ଗହନ ତପସ୍ୟା ତଥା ରାଜଯୋଗ ଶିବିର ଅନୁଷ୍ଠିତ ହୋଇଛି। ବୁଧବାର ଭୋର ୪ରୁ ସନ୍ଧ୍ୟା ୭ଟା ୩୦ ଯାଏଁ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଅମୃତ ବେଳା ଯୋଗ, ଗହନ ତପସ୍ୟା ଅଧିବେଶନ, ଚାପମୁକ୍ତ ଜୀବନ ଶୈଳୀ, ଆଶୀର୍ବାଦ ଅର୍ପଣ ଆଦି ଅନୁଷ୍ଠିତ ହୋଇଛି। ଏଥିରେ ମାଉଣ୍ଟ ଆବୁର ରାଜଯୋଗୀ ବ୍ରହ୍ମାକୁମାର ଭଗବାନ ଭାଇ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଶିବିର ପରିଚାଳନା କରିଥିଲେ। ବିଶ୍ୱ ଅଶାନ୍ତିର ସାମ୍ପ୍ରତିକ ପରିସ୍ଥିତିରେ ରାଜଯୋଗ ଅଭ୍ୟାସ ଦ୍ୱାରା ମନର ସ୍ଥିରତା, ଶାନ୍ତି, ମୈତ୍ରୀ, ଭାତୃଭାବ ଅଣାଯାଇପାରିବ ଓ ବିଶ୍ୱ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ରାଜଯୋଗୀ ଭଗବାନ ମତପ୍ରକାଶ କରିଛନ୍ତି।



## ଖୁଲଜା ସିମ୍‌ସିମ୍ ଯୋଜନାରେ ୬ ଗ୍ରାହକ ପୁରସ୍କୃତ

ଝାରସୁଗୁଡ଼ା,୧୬।୭(ସମିସ)



ବିଦ୍ୟୁତ ବିତରଣ କମ୍ପାନୀ ଟିପିଡବ୍ଲୁଓଡିଏଲ ପକ୍ଷରୁ ଆରମ୍ଭ ହୋଇଥିବା ଖୁଲଜା ସିମ୍‌ସିମ୍ ବା ପେ ଏଣ୍ଡ ୱିନ୍ ଯୋଜନାରେ ଟିପିଡବ୍ଲୁଓଡିଏଲ୍ ବ୍ରଜରାଜନଗର ସବ୍‌ଡିଭିଜନ ପକ୍ଷରୁ ବୁଧବାର ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ୬ ଜଣ ଉପଭୋକ୍ତାଙ୍କୁ ପୁରସ୍କୃତ କରାଯାଇଛି। ଯେଉଁ ଉପଭୋକ୍ତାମାନେ ନିୟମିତ ଭାବରେ ବିଦ୍ୟୁତ୍ ବିଲ୍ ପୈଠ କରୁଛନ୍ତି ସେମାନଙ୍କୁ ଉପହାର ବଣ୍ଟନ ପାଇଁ ଟିପିଡବ୍ଲୁଓଡିଏଲ୍ ବ୍ରଜରାଜନଗର ସବ୍ ଡିଭିଜନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରଜରାଜନଗର ସବ୍ ଡିଭିଜନ୍‌ର ଯେଉଁ ଉପଭୋକ୍ତାମାନେ ନିୟମିତ ଭାବରେ ବିଦ୍ୟୁତ ବିଲ୍ ପୈଠ କରି ଆସୁଛନ୍ତି ସେହି ଉପଭୋକ୍ତାମାନଙ୍କ ମଧ୍ୟରୁ ଏପ୍ରିଲ ମାସ ପାଇଁ ୬ ଜଣଙ୍କୁ ପୁରସ୍କୃତ କରାଯାଇଛି। ବ୍ରଜରାଜନଗର ସେକ୍ସନର ଧର୍ମେନ୍ଦ୍ର ଯାଦବ ଓ ଗାନ୍ଧିଛକ ସେକ୍ସନର ମୋହନ ପାଣ୍ଡେଙ୍କୁ ପ୍ରଥମ, ଲମଟିବାହାଲ ସେକ୍ସନର ଖଗେଶ୍ୱର ରାଉତ ଓ ବ୍ରଜରାଜନଗର ସେକ୍ସନର ଧର୍ମେନ୍ଦ୍ର କୁମାରଙ୍କୁ ଦ୍ୱିତୀୟ ଏବଂ ଗାନ୍ଧିଛକ ସେକ୍ସନର ସୁଧାକର ବିଶ୍ୱାଳ ଓ ଲମଟିବାହାଲ ସେକ୍ସନର ରାମଚନ୍ଦ୍ର ପାଶବାନଙ୍କୁ ତୃତୀୟ ବିଜେତା ଭାବରେ ପୁରସ୍କୃତ କରାଯାଇଛି। ଟିପିଡବ୍ଲୁଓଡିଏଲ ପକ୍ଷରୁ ବ୍ରଜରାଜନଗର ସବ୍ ଡିଭିଜନର ୬ ଜଣ ନିୟମିତ ବିଦ୍ୟୁତ ବିଲ ପଇଠ କରୁଥିବା ଗ୍ରାହକଙ୍କୁ ଲକିଡ୍ର ମାଧ୍ୟମରେ ଚୟନ କରାଯାଇ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ବ୍ରଜରାଜନଗର ସବ୍ ଡିଭିଜନାଲ୍ ଅଧିକାରୀ ସୁକାନ୍ତ କୁମାର ପାଢୀ ସୂଚନା ଦେଇଛନ୍ତି।

ଆୟୋଜିତ ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଦ୍ୟୁତ ଡିଭିଜନ ନିର୍ବାହୀ ଯନ୍ତ୍ରୀ ସୁଜିତ ବେହେରା ଅତିଥି ଭାବରେ ଯୋଗଦେଇଥିଲେ। ଉପଭୋକ୍ତାମାନେ ନିୟମିତ ବିଦ୍ୟୁତ ବିଲ୍ ପୈଠ କରି ଏହି ଯୋଜନାରେ ସାମିଲ ହୋଇ ଉପହାର ଜିତିବାର ସୁଯୋଗ ନେବା ପାଇଁ ବ୍ରଜରାଜନଗର ସବ ଡିଭିଜନ ଅଧିକାରୀ ଆହ୍ୱାନ ଦେଇଛନ୍ତି।

## ନୃସିଂହନାଥରେ ଝାଙ୍କର ବିଶ୍ରାମସ୍ଥଳୀ ପାଇଁ ସାଂସଦଙ୍କୁ ଦାବିପତ୍ର



ପାଇକମାଳ,୧୬।୭(ସମିସ):ବରଗଡ଼ ଜିଲ୍ଲାର ବିଭିନ୍ନ ଗାଁରେ ତଥା ବୋଡାସମ୍ବର ଅଞ୍ଚଳରେ କାର୍ଯ୍ୟରତ ଝାଙ୍କରମାନେ (ଗ୍ରାମ୍ୟ ପୂଜକ) ନୃସିଂହନାଥ ଠାରେ ଝାଙ୍କର ବିଶ୍ରାମସ୍ଥଳୀ ନିର୍ମାଣ ପାଇଁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଶେଷ କରି ଝାଙ୍କରମାନେ ପାରମ୍ପରିକ ବିବାହ, ରୀତିନୀତି, ଗ୍ରାମ୍ୟ ଦେବଦେବୀ ପୂଜା କରିଆସୁଛନ୍ତି। ବିଭିନ୍ନ ପର୍ବପର୍ବାଣୀରେ ଝାଙ୍କର ମାନେ ପ୍ରସିଦ୍ଧ ନୃସିଂହନାଥ ଆସିଥାନ୍ତି। ହେଲେ ସେମାନଙ୍କ ବିଶ୍ରାମ ନେବା ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଅନେକ ସମସ୍ୟା ହେଉଛି। ଏନେଇ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଝାଙ୍କରମାନେ ସାଂସଦଙ୍କ ସହ ଆଲୋଚନା କରିଛନ୍ତି। ଏକ ଝାଙ୍କର ବିଶ୍ରାମସ୍ଥଳୀ ନିର୍ମାଣ ପାଇଁ ସାଂସଦ ପ୍ରଦୀପ ପୁରୋହିତଙ୍କୁ ନିବେଦନ କରିଛନ୍ତି। ପ୍ରତିକ୍ରିୟାରେ ସାଂସଦ ଆବଶ୍ୟକୀୟ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସାଂସଦଙ୍କ ଆଲୋଚନା ସମୟରେ ଝାଙ୍କର ମାନଙ୍କ ସଭାପତି ଉମେଶ ସିଦାର, ସମ୍ପାଦକ ଲୋକନାଥ, କୋଷାଧ୍ୟକ୍ଷ ବାଳକୃଷ୍ଣ ଧରୁଆ, ଉପଦେଷ୍ଟା ସୁରେନ୍ଦ୍ର ସାହୁ, କେଶବ ବରିହା, ଚୈତନ୍ୟ ନେଗୀ, ଗୌରାଙ୍ଗ ବଗର୍ତ୍ତୀ ସହ ବୋଡା ସମ୍ବର ଅଞ୍ଚଳ ୧୦ ଖଣ୍ଡ ମୌଜାର ଝାଙ୍କରମାନେ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଅନିର୍ବଚନୀୟ ଅସୀମ ଐଶ୍ୱରୀୟ ସତ୍ତାକୁ ପରିପ୍ରକାଶ କରିବାର ପ୍ରୟାସ ହିଁ ଆଧ୍ୟାତ୍ମିକତା ବା ଆତ୍ମାର ବିଜ୍ଞାନ।
-ସ୍ୱାମୀ ବିବେକାନନ୍ଦ

ସକାଳ
THE SAKALA

## ଅନ୍ଧବିଶ୍ୱାସର ଅନ୍ଧଗଳି

ସଂପର୍କ ଆମ ସାମାଜିକ ବ୍ୟବସ୍ଥାର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ହୋଇ ରହିନାହିଁ। କ୍ରମେ ଏହା ଉନ୍ମୁକ୍ତ ଓ ସଂକୁଚିତ ଅବସ୍ଥାରୁ ମୁକ୍ତ ହେଉଥିବାର ପରିଲକ୍ଷିତ ହେଉଛି। ଏସବୁ ସତ୍ତ୍ୱେ ଆମ ଜୀବନଧାରା ଓ ଚଳଣିରେ ପରମ୍ପରା ନାମରେ ରହିଥିବା ଅଙ୍କୁଶ ତଥା ଅନ୍ଧବିଶ୍ୱାସ ପରିସ୍ଥିତିକୁ ଏତେ ଜଟିଳ କରିଦେଇଛି ଯେ ତାହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନର ବାଧ୍ୟବାଧକତା ସୃଷ୍ଟି ହୋଇଛି। କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ପ୍ରେମ ବ୍ୟାପରକୁ ନେଇ ଯେଉଁ ଦଣ୍ଡବିଧାନ କରାଯାଇଛି ତାହା ସମସ୍ତଙ୍କୁ ଚକିତ କରିଛି। ୭୨ ଘଣ୍ଟା ବ୍ୟବଧାନରେ ଏଭଳି ଦୁଇଟି ଘଟଣାକୁ ନେଇ ବିଭିନ୍ନ ମହଲରେ ତର୍ଜମା ଚାଲିଛି। ଗୋଟିଏ ବଂଶର ସମାନ ଜାତିରେ ବିବାହ ଆଦିବାସୀ ସମାଜରେ ଗ୍ରହଣୀୟ ନୁହେଁ। ସେମାନଙ୍କ ବିଶ୍ୱାସ ଯେ ଧରଣୀ ପେନୁ ଏପ୍ରକାର ବିବାହରେ ଅସନ୍ତୁଷ୍ଟ ହେବ। ତାହାର ପ୍ରଭାବରେ ବର୍ଷାଭାବ ଜନିତ ଫସଲହାନି ଘଟିବ। ତେଣୁ ପ୍ରେମୀଯୁଗଳଙ୍କ ବେକରେ ଜୁଆଳି ଯୋଚି ହଳ ଲଙ୍ଗଳରେ ସାତ ଘେରା ଠାକୁରାଣୀଙ୍କ ପରିକ୍ରମା କରିବାକୁ ହେବ। ଏହାପରେ ସେମାନେ ପତି-ପତ୍ନୀର ସ୍ୱାଭାବିକ ଜୀବନଯାପନ ପାଇଁ ସ୍ୱୀକୃତି ଲାଭ କରିବେ। ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ହେଲା, ପ୍ରଥମ ଘଟଣାକୁ ନେଇ ପୁଲିସର ଖୋଳତାଡ଼ ପରେ ମଧ୍ୟ ଦ୍ୱିତୀୟ ଘଟଣା ଉପରେ ତାହାର କିଛି ପ୍ରଭାବ ପଡ଼ିନାହିଁ। ଯେତେଦୂର ମନେ ହୁଏ ବସ୍ତିବାସିନ୍ଦାଙ୍କ ଏହି ସମ୍ମିଳିତ ନିଷ୍ପତ୍ତି ଆଗାମୀ ଦିନରେ ମଧ୍ୟ ବଳବତ୍ତର ରହିବ।

ପ୍ରେମ କେବଳ ଏକ ପ୍ରବୃତ୍ତି ନୁହେଁ, ବରଂ କୋମଳ ଭାବାବେଗର ଅଭିବ୍ୟକ୍ତି କୁହାଯାଇପାରେ। ତେଣୁ ଏହା କ୍ରମେ ଅଧିକରୁ ଅଧିକ ମୁକ୍ତ ଏବଂ ଧର୍ମ ଓ ଜାତିଗତ କଟକଣାକୁ ଭାଙ୍ଗିଦେଇଛି। କିନ୍ତୁ ସାମଜିକ ବ୍ୟବସ୍ଥାରେ ଉଚ୍ଚଜାତିର ଅହଂକାର ଏବେ ମଧ୍ୟ ତିଷ୍ଠି ରହିଛି। ତେଣୁ ଦେଶର ବିଭିନ୍ନ ଅଞ୍ଚଳରେ ଜାତିଗତ କଟକଣାରୁ ଅନରକଲିଂ ଭଳି ଭୟଙ୍କର ନିର୍ଯାତନା ଓ ଅପରାଧ ପରିଲକ୍ଷିତ ହେଉଛି। ସେ ଦୃଷ୍ଟିରୁ ବିଚାର କଲେ ଅପୋକ୍ଷକୃତ ନିରୀହ ଓ ସରଳ ଆଦିବାସୀ ପ୍ରେମୀଯୁଗଳଙ୍କୁ 'ବଳଦଦଣ୍ଡ' ଦେଇଥିଲେ ମଧ୍ୟ ସେମାନଙ୍କୁ ନିଜ ପରିବେଶରେ ଗୃହସ୍ଥ ଜୀବନ ବିତାଇବାକୁ ସୁଯୋଗ ଦେଇଛନ୍ତି। ଏକ୍ଷେତ୍ରରେ ସେମାନଙ୍କୁ ଅନ୍ଧବିଶ୍ୱାସ କବଳିତ କରି ରଖିଛି ସତ, ଅହଂକାରୀ ସଭ୍ୟ ସମାଜର ନୃଶଂସତାକୁ ସେମାନେ ପ୍ରଶୟ ଦେଇନାହାନ୍ତି। ଅଶିକ୍ଷା ଓ ଅନ୍ଧବିଶ୍ୱାସ ଯୋଗୁଁ ଗୁଣିଗାରେଡ଼ି ଏବଂ ରୋଗ ଚିକିତ୍ସା ସକାଶେ ଝଡ଼ାଫୁଙ୍କା ଓ ଠାକୁରାଣୀଙ୍କ ନିକଟରେ ବଳି ଦେବା ବ୍ୟବସ୍ଥା ଏବେ ମଧ୍ୟ ପ୍ରଚଳିତ ଅଛି। ଏବେ ମଧ୍ୟ ଆମ ରାଜ୍ୟରେ ଗୁଣିଗାରେଡ଼ି କରୁଥିବା ଅଭିଯୋଗରେ ଜଘନ୍ୟ ହତ୍ୟାକାଣ୍ଡ ଘଟୁଛି। ସାମାଜିକ ସ୍ତରରେ ସେମାନଙ୍କ ମଧ୍ୟରେ ସଚେତନା ସୃଷ୍ଟି ସକାଶେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟକ୍ରମ ଆରମ୍ଭ ହୋଇନାହିଁ। ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ଏହି ବର୍ଗଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଧର୍ମାନ୍ତର କରାଯାଇଥିବାର ମଧ୍ୟ ଅଭିଯୋଗ ହୁଏ।

ଆମକୁ ଏଠାରେ ଦୁଃଖ ଓ କ୍ଷୋଭର ସହ କହିବାକୁ ପଡୁଛି ଯେ ଚଳଣି ଓ ପରମ୍ପରାକୁ ନେଇ ସୃଷ୍ଟି ହେଉଥିବା ବିଚାରଗତ ବିଦ୍ୱେଷ କେବଳ ଆଦିବାସୀ ସମାଜରେ ସୀମିତ ନାହିଁ। ତଥାକଥିତ ସଭ୍ୟ ଓ ସମ୍ଭ୍ରାନ୍ତ ସହରୀ ଜୀବନର ନାକତଳେ କଙ୍ଗାରୁକୋର୍ଟ ଚାଲେ। ସେଠାରେ କଠୋର ଦଣ୍ଡବିଧାନ ସହ ସାମାଜିକ ବାସନ୍ଦ ଭଳି କଟକଣା ମଧ୍ୟ ଲାଗୁ କରାଯାଏ। ଏପରିକି ଜାତିଆଣ ବିଚାର ମାଧ୍ୟମରେ ସାମଜିକ ଓ ପାରମ୍ପାରିକ ତ୍ରୁଟି ବିରୋଧରେ ଦଣ୍ଡବିଧାନ କରାଯାଇଛି। ଏମିତିରେ ଧର୍ମୀୟ ବିଶ୍ୱାସ ଓ ଆଚାର ବ୍ୟବହାର ମଧ୍ୟ ଅସଙ୍ଗତ ଓ ଅବୈଜ୍ଞାନିକ ଶୃଙ୍ଖଳାକୁ ଆମେ ପରମ୍ପରା ଖାତିରରେ ମାନି ଆସୁଛେ। ଅନେକ କ୍ଷେତ୍ରରେ ତାହା ଅହିତକର ଓ ଅସ୍ୱାସ୍ଥ୍ୟକର ମଧ୍ୟ। ଏକଥା ସତ ଯେ ଜ୍ଞାନର ଆଲୋକ ଦିନକୁ ଦିନ ଏକ୍ଷେତ୍ରରେ ସଚେତନତା ସୃଷ୍ଟି କରୁଛି। ତଥାପି ଅନ୍ଧବିଶ୍ୱାସରୁ ଆମେ ସଂପୂର୍ଣ୍ଣ ମୁକ୍ତ ହୋଇନାହୁଁ। କେତେକ କ୍ଷେତ୍ରରେ ଧର୍ମୀୟ ବିଶ୍ୱାସର ଚାଦର ତଳେ କିଛି ଅପସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ସୁଯୋଗ ମିଳୁଛି। ବିନା ବିଚାରବିମର୍ଶରେ ସେସବୁକୁ ମାନିନେବାର ଅତ୍ୟାଗ୍ରହକୁ ଦେଖିଲେ ଚକିତ ହେବାକୁ ପଡ଼େ। ଆମର ପ୍ରଚଳିତ ପ୍ରଥା ଓ ପରମ୍ପରାକୁ ପରିମାର୍ଜିତ ଓ ପୁନଃ ବିନ୍ୟାସ କରିବା ପରିବର୍ତ୍ତେ ସେଥିରେ ଯଦି ଆଉକିଛି ନୂଆ ଯୋଡ଼ିବାର ପ୍ରୟାସ ହୁଏ ତାହାକୁ ଆରମ୍ଭରୁ ରୋକାଯିବା ଜରୁରୀ।

ମାନବାଧିକାର ଓ ସାମ୍ବିଧାନିକ ବ୍ୟବସ୍ଥାରେ ବ୍ୟକ୍ତିର ସ୍ୱାଚ୍ଛନ୍ଦ୍ୟ ନେଇ ଯେତେ ସ୍ୱୀକୃତି ଓ ପ୍ରତିଶ୍ରୁତି ଦିଆଯାଉନା କାହିଁକି ତାହାର କାର୍ଯ୍ୟକାରିତା ଓ କାର୍ଯ୍ୟାନ୍ୱୟନରେ ଏତେ ପ୍ରତିବନ୍ଧକ ରହିଛି ଯେ ସେସବୁକୁ ସାବ୍ୟସ୍ତ ବା ଜାହିର କରିବା ସହଜ ନୁହେଁ। ଏପରିକି ଶିକ୍ଷିତ ଓ ସଚେତନ ନାଗରିକର ବୋଧଗମ୍ୟ ବାହାରେ ଏସବୁ ନଥିଲେ ମଧ୍ୟ ଉଲ୍ଲଙ୍ଘନକୁ ରୋକିବା ସକାଶେ ତଳୁ ଉପର ପର୍ଯ୍ୟନ୍ତ ତା'କୁ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡୁଛି। ଏକଥା ସତ ଯେ ଆଦିବାସୀ ସମାଜ ଭିତରେ ସଚେତନା ସୃଷ୍ଟିର ଆବଶ୍ୟକତା ରହିଛି। ସେମାନଙ୍କ ଚଳଣିରେ ରହିଥିବା ଅନ୍ଧବିଶ୍ୱାସ ଦୂର କରିବା ଦିଗରେ ଗ୍ରାମ ଓ ପଞ୍ଚାୟତ ସ୍ତରରେ ସେମାନଙ୍କ ଭଷା ଓ ସଂସ୍କୃତିର ଯଥୋଚିତ ଉପଯୋଗ କରି ସଚେତନାର ବାର୍ତ୍ତା ଦିଆଯିବା ଉଚିତ। ସେମାନଙ୍କ ମଧ୍ୟରେ ଥିବା ଅନ୍ଧବିଶ୍ୱାସକୁ ଦୂର କରାଯାଇପାରିଲେ ସଭ୍ୟତାର ନୂତନ ଜ୍ଞାନାଲୋକ ଠକି ଯାଇଥିବା ଜୀବନକୁ ଅଧିକ ସରସ ସୁନ୍ଦର କରିପାରିବ।

ଅନ୍ଧବିଶ୍ୱାସର ଅନ୍ଧଗଳିରେ ଆମେ ସମସ୍ତେ ଏକପ୍ରକାର ଆଲୋକର ସନ୍ଧାନରେ ଧାଇଁ ଚାଲିଛେ। ଏହା ପଛରେ ଅଛି ଅଭାବ ଓ ଅନଟନର ପୀଡ଼ା। ପରିଶ୍ରମ ସତ୍ତ୍ୱେ ପ୍ରାପ୍ତିର ଦୂରତା କ୍ରମେ ବଢ଼ି ଚାଲିଥିବାରୁ ଅନ୍ଧବିଶ୍ୱାସ କାୟାଚ୍ଛନ୍ନ କରି ରଖିଛି ଆମକୁ। ତେଣୁ ସବୁ ଅବିଶ୍ୱାସର ନିଦାନ ବିଶ୍ୱାସବୋଧ ମନେ ହେଉଛି। ପ୍ରାପ୍ତି ଆଶରେ କି ଧନୀ କି ଗରିବ ଏକ ମୁହାଁ ହୋଇ ଧାଇଁଛନ୍ତି ସବୁ ବାସ୍ତବତାକୁ ପଛରେ ପକାଇ ଅବିଶ୍ୱସନୀୟ ସତ ପଛରେ।

## ଭାଷା ରାଷ୍ଟ୍ରୀୟ ଭାବନାର ପରିପନ୍ଥୀ ନୁହେଁ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

'ମୁଁ ମୋ ଘରର ସବୁ ଝରକା ସବୁବେଳେ ଖୋଲା ରଖିବି। ମୁଁ ଚାହେଁ ବାହାର ଦୁନିଆର ପବନ ଅବାଧରେ ପ୍ରବେଶ କରୁ ମୋ ଘରେ'- ଏହି ମର୍ମରେ କହିଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ। ଏ 'ପବନ' ହେଉଛି ବାହାର ଦୁନିଆର ଜ୍ଞାନବିଜ୍ଞାନ, ଚିନ୍ତାଚେତନାର ପବନ। ଗାନ୍ଧୀ ଓ ତାଙ୍କର ନିକଟତମ ପୂର୍ବସୂରୀଙ୍କ କାଳଖଣ୍ଡରେ ଇଂରାଜୀ ଭାଷା ମାଧ୍ୟମରେ ସେ ପବନ ପ୍ରବେଶ କରୁଥିଲା କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଭାରତ ଭୂଖଣ୍ଡରେ ଏବଂ ଭାରତୀୟ ମାଟିରେ ପୂର୍ଣ୍ଣ ବିକଶିତ ହୋଇଥିବା ବିବିଧ ଆଞ୍ଚଳିକ ଭାଷାର ସ୍ନିଗ୍ଧ ସୌରଭରେ ସୁରଭିତ ଭାରତୀୟ ଚିନ୍ତାଚେତନା ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହେଉଥିଲା ସେହି ପବନର ସ୍ପର୍ଶ ଓ ପ୍ରବାହରେ। ଗାନ୍ଧୀଙ୍କ ପରି ଗୁରୁଦେବ ରବୀନ୍ଦ୍ରନାଥ ବି ଚାହିଁଥିଲେ- 'ମହାଭାରତର ସାଗରତୀର'ରେ ଦୁନିଆର ସବୁ ନଦ, ନଦୀ, ସାଗର ତୀରରେ ବହୁଥିବା ପବନର ଅନୁପ୍ରବେଶ ଓ ମହାମିଳନ। ଗାନ୍ଧୀଙ୍କ ପରି ସେ ବି ଜାଣିଥିଲେ ସେ ଅନୁପ୍ରବେଶ, ସେ ମହାମିଳନକୁ ସୁଗମ କରିପାରିବ ଇଂରାଜୀ ଭାଷା କେବଳ। ସେଇଥିପାଇଁ ମାତୃଭାଷା ବଙ୍ଗଳାରେ ସେ ଲେଖିଥିବା ବଛା ବଛା ଗୀତଗୀତିକାର ଅନୁବାଦ ନିଜେ କରିଥିଲେ ଇଂରାଜୀ ଭାଷାରେ-କାରଣ ସେ ଜାଣିଥିଲେ ଇଂରାଜୀ ଭାଷା ମାଧ୍ୟମରେ ହିଁ ସେ ବାଢ଼ି ଦେଇପାରିବେ ବାହାର ଦୁନିଆ ପାଖରେ ସନାତନୀ ଭାରତୀୟ ଚିନ୍ତାଚେତନାର 'ଗୀତାଞ୍ଜଳି'; ବିଚ୍ଛୁରିତ କରି ଦେଇପାରିବେ ଭାରତୀୟ ଆଧ୍ୟାତ୍ମିକ ଜ୍ଞାନର ଆଲୋକ। ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ତେଣୁ ଆପଣା ହାତରେ ଗଢ଼ା 'ବିଶ୍ୱଭାରତୀ'ର ସ୍ୱାତନ୍ତ୍ର୍ୟ ସଂପର୍କରେ କବି ରବୀନ୍ଦ୍ରନାଥ କହିଥିଲେ, 'ଏଇଠି ସାରା ପୃଥିବୀ ନିବାସ କରିବ ଗୋଟିଏ ନୀଡ଼ରେ'-ଅର୍ଥାତ୍, ବିଶ୍ୱଭାରତୀ ଶାନ୍ତିନିକେତନରେ ପ୍ରବେଶ କରିବ ବାହାର ଦୁନିଆର ପବନ ମୁକ୍ତ ଭାବରେ ଏବଂ ସେଇଠୁ ମଧ୍ୟ ସଂଚରିତ ହୋଇଚାଲିବ 'ଭାରତୀୟ ଚିନ୍ତନ'ର ପବନ ବାହାର ଦୁନିଆରେ। ଉଭୟେ ଗାନ୍ଧୀ ଓ ରବୀନ୍ଦ୍ରନାଥ ଥିଲେ ଆପଣା ଆପଣା ମାତୃଭାଷାର ପ୍ରତିଶ୍ରୁତିବଦ୍ଧ ପୂଜାରୀ। ଗାନ୍ଧିଜୀଙ୍କ ଅଧିକାଂଶ ଲେଖାମାନ ଥିଲା ମାତୃଭାଷା ଗୁଜରାଟୀରେ ଏବଂ ରବୀନ୍ଦ୍ରଙ୍କ ଶ୍ରେଷ୍ଠ, ସ୍ମରଣୀୟ ଗୀତଗୀତିକା, ନାଟକ, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ସବୁ ଥିଲା ମାତୃଭାଷା ବଙ୍ଗଳାରେ। କିନ୍ତୁ ଏ ଦୁଇ ମହାମାନବ କେବେ ଇଂରାଜୀ ହେଉ କି ଅନ୍ୟ କେଉଁ ଭାଷା ହେଉ କାହାରି ଅନନ୍ୟତାକୁ ହେୟ ଦୃଷ୍ଟିରେ ଦେଖୁ ନ ଥିଲେ କି ଆପଣାର ଦେଶପ୍ରେମ, ରାଷ୍ଟ୍ରପ୍ରେମର ପ୍ରମାଣ ଦେବାକୁ ଯାଇ ଏବେକାର ଆତ୍ମଘୋଷିତ ରାଷ୍ଟ୍ରବାଦୀ ନେତାଙ୍କ ପରି ଇଂରାଜୀ ଭାଷାକୁ 'ଲଜ୍ଜା'ର ଭାଷା (ଲାଙ୍ଗୁଏଜ୍ ଅଫ୍ ସେମ୍) ବୋଲି କହୁ ନ ଥିଲେ।

ଏହା ସର୍ବବିଦିତ ଯେ ମହାତ୍ମା ଗାନ୍ଧୀ ଏବଂ କବି ରବୀନ୍ଦ୍ରନାଥ ଉଭୟେ ମାତୃଭାଷାରେ ଶିକ୍ଷା ଓ ଶିକ୍ଷାପ୍ରଦାନକୁ ସର୍ବାଧିକ ମହତ୍ତ୍ୱ ଦେଇଥିଲେ। ମାତ୍ର ତତ୍‌ସହିତ ସେମାନେ ଇଂରାଜୀ ଭାଷାର ମହତ୍ତ୍ୱ ତଥା ଉପାଦେୟତା ସଂପର୍କରେ ଯଥେଷ୍ଟ ସଚେତନ ଥିଲେ ଏବଂ ଇଂରାଜୀ ଭାଷାରେ ଈର୍ଷଣୀୟ ଦକ୍ଷତା ବି ହାସଲ କରିଥିଲେ। ଗାନ୍ଧିଜୀ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପତ୍ରିକା 'ଇଣ୍ଡିଆନ୍ ଓପିନିଅନ୍'ର ସଂପାଦନା ଓ ପ୍ରକାଶନ ଇଂରାଜୀ ଭାଷା ସହ ଅନ୍ୟ ତିନୋଟି ଭାରତୀୟ ଭାଷାରେ କରିଥିଲେ ଏବଂ ଦୀର୍ଘକାଳ ବନ୍ଦୀ ଜୀବନ କାଟୁଥିବା ବେଳେ ଏପରିକି ସମୟେ ସମୟେ ଦୀର୍ଘ ଜଳଯାତ୍ରା କରୁଥିବା ବେଳେ ସେ ତାମିଲ୍ ଓ ଉର୍ଦ୍ଦୁ ଭାଷା ଦୁଇଟିକୁ ଯଥାସାଧ୍ୟ ଆୟତ୍ତ କରିବାକୁ ଫଳପ୍ରଦ ପ୍ରଚେଷ୍ଟା କରିଥିଲେ। ଦକ୍ଷିଣ ଆଫ୍ରିକାରେ ସେ ଭାରତୀୟ ପ୍ରବାସୀମାନଙ୍କ ପାଇଁ ପ୍ରତିଷ୍ଠା କରିଥିବା ବିଦ୍ୟାଳୟରେ ଇଂରାଜୀ ଭାଷାର ପ୍ରଚଳନକୁ ବାଧ୍ୟତାମୂଳକ କରିଥିଲେ। କାରଣ ସେ ବୁଝିଥିଲେ ଭିନ୍ନ ଭିନ୍ନ ଭାଷାଭାଷୀ ଭାରତୀୟମାନଙ୍କ ମଧ୍ୟରେ ଭାବଗତ ଐକ୍ୟ ସମ୍ଭବ କରିବା ପାଇଁ ଇଂରେଜମାନଙ୍କ ଇଂରାଜୀ ଭାଷା ହିଁ ସର୍ବୋତ୍ତମ।

ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଥିବା ଶ୍ରେଷ୍ଠତମ ବୁଦ୍ଧିଜୀବୀମାନେ- ଗାନ୍ଧୀ, ତିଳକ, ଗୋଖଲେ, ସୁରେନ୍ଦ୍ରନାଥ ବାନାର୍ଜୀ, ଜବାହାରଲାଲ ନେହରୁ, ସୁଭାଷ ବୋଷ, ଶ୍ରୀଅରବିନ୍ଦ, ସରୋଜିନୀ ନାଇଡୁ, ଭଗତ୍‌ସିଂହ - ପ୍ରତ୍ୟେକ ଥିଲେ ଇଂରାଜୀ ଭାଷାରେ ଧୂରୀଣ। ସାମ୍ରାଜ୍ୟବାଦୀ, ଉପନିବେଶବାଦୀ ଇଂରେଜମାନଙ୍କ ସହିତ ଯେଉଁ ଦୀର୍ଘ ସଂଗ୍ରାମ ସେମାନେ ଲଢ଼ିଥିଲେ ସେଥିରେ ସେହିମାନଙ୍କ ଭାଷାକୁ ବ୍ୟବହାର କରିଥିଲେ ମୁଖ୍ୟ ଆୟୁଧ ଭାବରେ। ସମାନତା, ସ୍ୱାଧୀନତା, ଗଣତାନ୍ତ୍ରିକ ବିଚାରଧାରା, ବୈଜ୍ଞାନିକ ଚିନ୍ତନ ଓ କ୍ରିୟାଶୀଳତା ପରି ଆଧୁନିକ ମତାଦର୍ଶ ସବୁର ଗୋଳାବାରୁଦ ସେମାନେ ସଂଗ୍ରହ କରିଥିଲେ ଇଂରାଜୀ ଭାଷାର ସାହିତ୍ୟ ଓ ଦର୍ଶନ ଶାସ୍ତ୍ରମାନଙ୍କରୁ। ଏହା ନିଃସନ୍ଦେହ ଯେ ଭାରତୀୟ ଚିନ୍ତାଚେତନାରେ ଯେଉଁ ନବଜାଗରଣ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରୁ ଆରମ୍ଭ ହୋଇଥିଲା, ତା'ର ସମସ୍ତ ଶ୍ରେୟ ହେଉଛି ଇଂରାଜୀ ଭାଷାର। ଆଧୁନିକତାର ନବଔଜଲ୍ୟ ଇଂରାଜୀ ଭାଷା ମାଧ୍ୟମରେ କ୍ରମଶଃ ବିଚ୍ଛୁରିତ ହୋଇଥିଲା ସମଗ୍ର ଭାରତରେ ଏବଂ ପ୍ରାଚୀନ ଭାରତର ସନାତନୀ ଜ୍ଞାନଐତିହ୍ୟ, ଧର୍ମଦର୍ଶନ ସ୍ପଷ୍ଟରୁ ସ୍ପଷ୍ଟତର ହୋଇ ସମଗ୍ର ବିଶ୍ୱରେ ଆପଣାର ସୌରଭ ବିକିରଣ କରିବାରେ ଯେଉଁ ସାମର୍ଥ୍ୟ ଅର୍ଜନ କଲା, ସେଥିରେ ମୁଖ୍ୟ ଭୂମିକା ନେଇଥିଲା ଏହି ଇଂରାଜୀ ଭାଷା।

ବର୍ତ୍ତମାନ ଆମ ଦେଶରେ କତିପୟ ରୂଢ଼ିବାଦୀ ଓ ରକ୍ଷଣଶୀଳ ପ୍ରତିକ୍ରିୟାଶୀଳ ଗୋଷ୍ଠୀ ଇଂରାଜୀ ଭାଷା ଔପନିବେଶିକ ମାନସିକତାର ବିଲୋପନ କ୍ଷେତ୍ରରେ ଏକମାତ୍ର ପ୍ରତିବନ୍ଧକ ବୋଲି କହି ଯେଉଁ ଅରୁଚିକର ତମ୍ବିତୋଫାନ ସୃଷ୍ଟି କରିଚାଲିଛନ୍ତି, ତାହା ପ୍ରତ୍ୟେକ ସଚେତନ ଭାରତୀୟମାନଙ୍କୁ କ୍ଷୁବ୍ଧ, ମର୍ମାହତ କରିବା ସ୍ୱାଭାବିକ। ଯେଉଁ ସମୟରେ ସମଗ୍ର ବିଶ୍ୱ ଜାଣିସାରିଲାଣି ଯେ ଏକବିଂଶ ଶତାବ୍ଦୀରେ ପ୍ରତିମୁହୂର୍ତ୍ତରେ ସଂଘଟିତ ହୋଇଚାଲିଥିବା ଜ୍ଞାନବିଜ୍ଞାନ ତଥା ପ୍ରଯୁକ୍ତିବିଦ୍ୟା ସବୁର ନବୋନ୍ମେଷ ସହିତ ତାଳ ଦେଇ ଚାଲିବାକୁ ହେଲେ ଇଂରାଜୀ ଭାଷାରେ ପାରଙ୍ଗମତା ହେଉଛି ଅନିବାର୍ଯ୍ୟ, ସେହି ସମୟରେ ଆମେ ଯଦି ରାଷ୍ଟ୍ରପ୍ରେମ, ମାତୃଭାଷା ପ୍ରେମର ଆଳ ଦେଖାଇ ଆମର ଆଗାମୀ ବଂଶଧରଙ୍କୁ ଇଂରାଜୀ ଭାଷା ବିମୁଖ କରିବା ପାଇଁ ମସୁଧା କରିବା, ତାହା ଭୟଙ୍କର ଭାବରେ ଆତ୍ମଘାତୀ ହିଁ ହେବ।

ଏହ ପରିପ୍ରେକ୍ଷୀରେ ଦୁଇଜଣ ବିଶ୍ୱପ୍ରସିଦ୍ଧ ଆଫ୍ରିକୀୟ ସାହିତ୍ୟିକ - 'ଚିନୁଆ ଆଚ୍‌ବେ' ଓ 'ନୁଗି ୱା ଥିଓଙ୍ଗ'ଙ୍କ ସଂପର୍କରେ ଉଲ୍ଲେଖ କରିବା ଖୁବ୍ ପ୍ରାସଙ୍ଗିକ ହେବ ନିଶ୍ଚୟ। ଏ ଦୁଇ ତୁଙ୍ଗ ସାହିତ୍ୟିକ ଥିଲେ ସାମ୍ରାଜ୍ୟବାଦୀ ଇଂରେଜମାନଙ୍କ ବିରୋଧୀ ଏବଂ ଆଫ୍ରିକାର ଜନଜୀବନ, ଲୋକସଂସ୍କୃତି ତଥା ଜୀବନଧାରାର ସମ୍ୟକ ପ୍ରତିଫଳନ ପାଇଁ ସେମାନଙ୍କ ସୃଜନୀ ଥିଲା ପ୍ରତିଶ୍ରୁତିବଦ୍ଧ। ମାତ୍ର ଚିନୁଆ ଆଚ୍‌ବେଙ୍କ ସାହିତ୍ୟ କୃତିର ଭାଷା ଥିଲା ଇଂରାଜୀ। ତାଙ୍କର ପ୍ରସିଦ୍ଧ ଉପନ୍ୟାସ 'ଥିଙ୍ଗସ୍ ଫଲ୍ ଆପାର୍ଟ' ପ୍ରଥମ ଥର ପାଇଁ ବିଶ୍ୱବାସୀଙ୍କ ପାଖରେ ବାଢ଼ି ଦେଇଥିଲା ତଥାକଥିତ ଅନ୍ଧାରିମୂଳକ ଆଫ୍ରିକା ମହାଦେଶର ଜୀବନ ଓ ସଂସ୍କୃତିର ସ୍ୱାତନ୍ତ୍ର୍ୟ ଏବଂ ଅନନ୍ୟତା। ସେଇ ଉପନ୍ୟାସଟି ସେ ଲେଖିଥିଲେ ଇଂରାଜୀରେ। ଅନ୍ୟପକ୍ଷରେ, କେନିୟାର ସାହିତ୍ୟିକ ଥିଓଙ୍ଗ୍ ଇଂରାଜୀ ଭାଷାରେ ନ ଲେଖି ଲେଖିଥିଲେ ମାତୃଭାଷା 'ଗିକାୟୁ'ରେ ଏବଂ ପ୍ରକାଶ୍ୟ ଭାବରେ ଇଂରାଜୀ ଭାଷାର ବିରୋଧାଚରଣ କରିଥିଲେ ସେ। କିନ୍ତୁ ଖୁବ୍‌ଶୀଘ୍ର ସେ ବୁଝିଗଲେ ଯେ ଇଂରାଜୀ ଭାଷା ମାଧ୍ୟମରେ ହିଁ ସେ ସ୍ପଷ୍ଟ ଓ ପରିଚ୍ଛନ୍ନ ଭାବରେ ଦୁନିଆକୁ ଜଣାଇ ଦେଇପାରିବେ ତାଙ୍କ ଦେଶର, ତାଙ୍କ ମାତୃଭୂମିର ସାରଐତିହ୍ୟ। ତେଣୁ ସେ ନିଜେ 'ଗିକାୟୁ' ଭାଷାରେ ଲିଖିତ ତାଙ୍କ ପୁସ୍ତକଗୁଡ଼ିକୁ ଇଂରାଜୀରେ ଅନୁବାଦ କରିବାକୁ ଏକପ୍ରକାର ବାଧ୍ୟ ହୋଇଥିଲେ।

ପ୍ରତ୍ୟେକ ଭାଷା ହେଉଛି ଗୋଟିଏ ଗୋଟିଏ ହୀରକ ପେଟିକା- ଯେଉଁଥିରେ ଭରି ରହିଛି ଯୁଗଯୁଗର ଲୋକାନୁଭୂତି, ଭାବଭାବନାର ବୈଚିତ୍ର୍ୟ ଓ ଜୀବନବୋଧ। କୌଣସି ଭାଷା ତେଣୁ ହେୟ କି ପରିତ୍ୟଜ୍ୟ ନୁହେଁ। ତେବେ ଏହା ଆମକୁ ସ୍ୱୀକାର କରିବାକୁ ହେବ ଯେ ବର୍ତ୍ତମାନର ଏଇ କାଳଖଣ୍ଡରେ ଇଂରାଜୀ ଭାଷାର ଆବଶ୍ୟକତା ଓ ଉପାଦେୟତା ସବୁଠାରୁ ଅଧିକ। ଯେଉଁମାନେ ଅସୂୟା-ଜର୍ଜରିତ ଭାବାବେଗରେ ଏହି ସର୍ବଶ୍ରେଷ୍ଠ ଅନ୍ତର୍ଜାତୀୟ ଇଂରାଜୀ ଭାଷାର ବିରୋଧ କରୁଛନ୍ତି, ସେମାନଙ୍କ ପ୍ରତି ଆମକୁ ସଜାଗ ରହିବାକୁ ହେବ। ନା, ଇଂରାଜୀ 'ଲଜ୍ଜା'ର ଭାଷା ନୁହେଁ, ଏହା ହେଉଛି ଆମ 'ଗର୍ବ ଓ ଗୌରବ'ର ଭାଷା। ଆମର ମାନସଲୋକ ଓ ଚିନ୍ତାକ୍ଷେତ୍ରରୁ ସମସ୍ତ ସୀମିତତା, ସଂକୀର୍ଣ୍ଣତା ଦୂର କରି ଦେଇ ନବଔଜଲ୍ୟ, ଶାଣିତ ବୁଦ୍ଧିମତ୍ତା ଭରିଦେଇଥା'ନ୍ତି ଇଂରାଜୀ ଭାଷାରେ ରଚିତ ଅନେକାନେକ ଶାସ୍ତ୍ର ଓ ପୁସ୍ତକ। ସୁତରାଂ ଆମ ମାତୃଭାଷା ପରି ଏହି ସୁନ୍ଦର, ସମୃଦ୍ଧ, ସାବଲୀଳ ଇଂରାଜୀ ଭାଷା ଆମର ନିଃସର୍ତ୍ତ ଶ୍ରଦ୍ଧା, ପ୍ରେମ ଓ ସମ୍ମାନର ହକ୍‌ଦାର ନିଶ୍ଚୟ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୦୭

## ଆମ ଶିକ୍ଷା ବ୍ୟବସ୍ଥାରେ ସୌମ୍ୟାଶ୍ରୀମାନେ

ଡ.ବିମଳ ଷଡ଼ଙ୍ଗୀ

ବାଲେଶ୍ୱରର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ୨୦ ବର୍ଷୀୟା ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ଜନୈକ ପ୍ରଫେସରଙ୍କ ଦ୍ୱାରା ଯୌନ ନିର୍ଯାତନା ଶିକାର ଅଭିଯୋଗ ଆଣିବା ପରେ ଦୀର୍ଘ ୬ ମାସ ଧରି ନ୍ୟାୟ ନ ପାଇବାରୁ ମାନସିକ ଭାରସାମ୍ୟ ହରାଇ ଆତ୍ମାହୁତି ଦେଇଛନ୍ତି। ଗତ ୧୪ ତାରିଖ ଦିନ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଜଣେ ମେଧାବୀ ଛାତ୍ରୀର ଏଭଳି ଅକାଳମୃତ୍ୟୁ ଜନିତ ହୃଦୟବିଦାରକ ଘଟଣା ଆମ ସାମାଜିକ ବ୍ୟବସ୍ଥାର ଏକ ବାସ୍ତବ ଉଦାହରଣ କହିଲେ ଅତ୍ୟୁକ୍ତି ହେବ ନାହିଁ। କିଛିଦିନ ପର୍ଯ୍ୟନ୍ତ ଏହି ଘଟଣା ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରିବ। କେତେ ନେତା, ଆଗଧାଡ଼ିର ଜନତା ପୁଷ୍ପଗୁଚ୍ଛରେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ପାର୍ଥନା କରିବେ ଏବଂ ଜନତାକୁ ସୁହାଇଲା ଭଳି ବାର୍ତ୍ତା ଦେବେ। କିଛିଦିନପରେ ପୁଣି ଯେଉଁକଥାକୁ ସେହିକଥା। ଏହି ଧାରା ବହୁକାଳରୁ ଚାଲିଆସିଛି ଏବଂ କେତେଦିନ ପର୍ଯ୍ୟନ୍ତ ଚାଲିଥିବ ତାହା ଜଣାନାହିଁ।

ଭାରତରେ ଛାତ୍ରଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଏକ ଗମ୍ଭୀର ସମସ୍ୟା। ଏହାର ନିରାକରଣ ପାଇଁ ପୋକ୍ସୋ ଆଇନ, କାର୍ଯ୍ୟସ୍ଥଳରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ ଆଇନ, ଏସସିଏସଟି ଆଇନ, ଆଣ୍ଟି ରାଗିଂ ବ୍ୟବସ୍ଥା ପ୍ରଚଳିତ ଅଛି। ସମସ୍ତ ଶିକ୍ଷାନୁଷ୍ଠାନରେ ଅଭିଯୋଗ କମିଟି/ପ୍ରକୋଷ୍ଠ ଗଠନ, ସିସିଟିଭି ସ୍ଥାପନ, ଶିକ୍ଷାର୍ଥୀଙ୍କୁ ପରାମର୍ଶ ଓ ସହାୟତା କମିଟି, ହେଲ୍ପଲାଇନ୍ ନମ୍ବର, ବିଶ୍ୱବିଦ୍ୟାଳୟରେ ଜଣେ ଶିକ୍ଷା ନ୍ୟାୟାଧୀଶ ନିଯୁକ୍ତି ଇତ୍ୟାଦି ଅନେକ ବ୍ୟବସ୍ଥା ମଧ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ସେଗୁଡ଼ିକର ଆବଶ୍ୟକତାକୁ କେହି କେବେ ଗମ୍ଭୀରତାର ସହିତ ନେଇ ନଥା'ନ୍ତି। ଏପରିକି ଶିକ୍ଷାନୁଷ୍ଠାନର ମୁଖ୍ୟ କର୍ମକର୍ତ୍ତା, ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ ସେ ବିଷୟରେ ସଚେତନ ନୁହନ୍ତି। ଯେତେବେଳେ କୌଣସି ଅଘଟଣ ଘଟିଥାଏ ସେ ସମୟରେ ସମସ୍ତଙ୍କର ଏଗୁଡ଼ିକ ବିଷୟରେ କିଛିଦିନ ପର୍ଯ୍ୟନ୍ତ ମନେପଡ଼େ।

ସୌମ୍ୟାଶ୍ରୀ ଗୋଟିଏ ମାତ୍ର ଉଦାହରଣ। କିଛିଦିନ ତଳେ ଛତିଶଗଡ଼ର ରାଜନନ୍ଦଗାଓଁରେ ଜଣେ ୧୩ ବର୍ଷୀୟା ଛାତ୍ରୀ ପାଠ ବୁଝି ନପାରି ପୁଣି ଥରେ ପଢ଼ାଇବାକୁ ସାମାଜିକ ବିଜ୍ଞାନ ଶିକ୍ଷକଙ୍କୁ ଅନୁରୋଧ କରି ପ୍ରତିବଦଳରେ ଚାପୁଡ଼ା ଖାଇ ୭୦-୮୦% ଶ୍ରବଣ ଶକ୍ତି ହରାଇଛନ୍ତି। ଗତବର୍ଷ ଏଭଳି ଘଟଣା ବହୁ ଅଧିକ ଘଟିଛି। ମଧ୍ୟପ୍ରଦେଶର ତାଲାଲୱାଲି ଚନ୍ଦାରେ ଜଣେ ୪୫ ବର୍ଷର କମ୍ପ୍ୟୁଟର ଶିକ୍ଷକ ଶ୍ରେଣୀ ମଝିରେ ଜଣେ ୧୧ ବର୍ଷୀୟା ଝିଅକୁ ଯୌନ ଉତ୍ପୀଡ଼ନ ଦେବା ଅଭିଯୋଗରେ ଗିରଫ କରାଯାଇଥିଲା। ମହାରାଷ୍ଟ୍ରର ପୁଣେରେ ଜଣେ ୪୨ ବର୍ଷୀୟ ଶିକ୍ଷକ ଜଣେ ଷ୍ଟାଣ୍ଡାର୍ଡ ୭ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗ ପରେ ସମ୍ପୃକ୍ତ ବ୍ୟକ୍ତି ଏବଂ ଅବହେଳା କରିଥିବା ଅଧ୍ୟକ୍ଷ ଉଭୟଙ୍କୁ ପୋକ୍ସୋ ଆଇନରେ ଗିରଫ କରାଯାଇଥିଲା। ତାମିଲନାଡୁର ତିରୁନେଲଭେଲିରେ ଏକ ସରକାରୀ ସହାୟତାପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ଓ ଜଣେ ଛାତ୍ରଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଗିରଫ କରାଯାଇଥିଲା। ଆଇଆଇଟି ରୁରକି, ଗୁଜରାଟ, କେରଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଦିରେ ଏହିପରି ଅନେକ ଘଟଣା ଘଟିଥିବାର ଜଣାପଡ଼ିଛି। ସେଥିମଧ୍ୟରୁ କିଛି ନ୍ୟାୟିକ ଓ ରାଜନୈତିକ ବ୍ୟବସ୍ଥା ଭିତରେ ସତ୍ୟକୁ ଚାପିଦେବାର ପ୍ରୟାସ ହୋଇଛି। ୨୦୨୩ ମସିହାରେ ଜେଏନୟୁର ଛାତ୍ରମାନେ ଜଣେ ପ୍ରଫେସରଙ୍କୁ ଏକାଧିକ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗ ନିଲମ୍ବନ କରାଯାଇଥିଲା। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ୨୦୧୭ ମସିହାରେ ନିର୍ଯାତନା ଅଭିଯୋଗ ଆଣିଥିବା ଜଣେ ଝିଅକୁ ପ୍ରଶାସନ ଅଣଦେଖା କରିବାରୁ ଛାତ୍ରୀମାନେ ବିକ୍ଷୋଭ କରିଥିଲେ। ଏଠାରେ ର୍‌ୟାଗିଂ ଜନିତ ହତ୍ୟା ଓ ଆତ୍ମହତ୍ୟା କଥା ଉଲ୍ଲେଖ କଲେ ତାଲିକା ଲମ୍ବି ଚାଲିବ।

ସ୍ୱାଧୀନତାର ୭୮ବର୍ଷ ପରେ ମଧ୍ୟ ଆମ ଭବିଷ୍ୟତଙ୍କ ପାଇଁ ନିଜର ସଚ୍ଚୋଟ ମନୋଭାବର ଅଭାବ ଏବଂ ଆମ କର୍ତ୍ତବ୍ୟରେ ଅବହେଳା ପରିଲକ୍ଷିତ। ଇତିହାସକୁ ସାକ୍ଷୀ ରଖି ଇଂରେଜ ଓ ମୋଗଲମାନଙ୍କୁ ମାନବିକତା ବିରୋଧୀ ବୋଲି ଆମେ ଅଭିଯୋଗ କରୁଛେ। ମାତ୍ର ଯେତେବେଳେ ଆମେ ଇତିହାସ ହୋଇଯାଇଥିବା ସେତେବେଳେ ଆଜି ଆମେ ଯେଉଁ ଅଭିଯୋଗ ଇଂରଜ ଓ ମୋଗଲମାନଙ୍କ ବିରୋଧରେ ଆଣୁଛନ୍ତି ହୁଏତ ଉତ୍ତରପିଢ଼ି ସମାନ ଅଭିଯୋଗ ଆମର ପ୍ରଚଳିତ ବ୍ୟବସ୍ଥା ଓ ଆମ ମାନସିକତା ବିରୋଧରେ ଆଣିବେ।

ନ୍ୟାୟ ଆଶାରେ ପୁଲିସ, ପ୍ରଶାସନ, ନେତା, ଅଧ୍ୟକ୍ଷ, ପିତାମାତା, ସାଙ୍ଗସାଥୀ ସମସ୍ତଙ୍କ ପାଖରେ ଗୁହାରୀ କରିଥିଲେ ସୌମ୍ୟାଶ୍ରୀ। ନେତୃତ୍ୱ ନେବାର ଯୋଗ୍ୟତା ଥିବା ଜଣେ ମେଧାବୀ ଛାତ୍ରୀର ଅକାଳ ମୃତ୍ୟୁ କେବଳ ତାଙ୍କ ପରିବାର ପାଇଁ ନୁହେଁ, ବରଂ ଏ ଦେଶର ଭବିଷ୍ୟତ ପାଇଁ ଏକ ଅପୂରଣୀୟ କ୍ଷତି। ଯେଉଁମାନେ ଦେଶର କ୍ଷତି କରନ୍ତି ସେମାନେ ଦେଶଦ୍ରୋହୀ। ଜଣାନାହିଁ ସେମାନଙ୍କୁ ଆମ ଶାସନ ବ୍ୟବସ୍ଥା କେଉଁ ପ୍ରକାରର ଦଣ୍ଡ ଦେବ। ନା ଅତୀତର ଘଟିଥିବା ଘଟଣା ଭଳି ସବୁ ଭୁଲିଯାଇ ପୁଣିଥରେ ନୂଆ ଘଟଣାକୁ ଅପେକ୍ଷା କରିବେ ସବୁ ରାଜନୈତିକ ଦଳ, ଶିକ୍ଷାବିତ, ଛାତ୍ରସଂଗଠନ, ଜନସାଧାରଣ, ଶାସନାଧୀଶ ଓ ଅନ୍ୟମାନେ। ନୂଆ ପିଢ଼ିଙ୍କୁ ସୁରକ୍ଷା କବଚ ସୁନିଶ୍ଚିତ କଲେ ଯାଇ ମିଳିବ ସୌମ୍ୟଶ୍ରୀଙ୍କୁ ପ୍ରକୃତ ନ୍ୟାୟ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ସେହି ଅବିସ୍ମରଣୀୟ ଶହେରାତିର ଯାଦୁକର କାଳୀଚରଣ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ସମ୍ପ୍ରତି କେହି କ'ଣ ବିଶ୍ୱାସ କରିବେ ଯେ କାଳୀଚରଣ ପଟ୍ଟନାୟକଙ୍କ ରଚିତ 'ଭାତ' ନାଟକ ଦେଖିବା ସକାଶେ ଓଡ଼ିଆ ଜାତି ଓ ଓଡ଼ିଶାର ମାଟି ରହିଥିଲେ ଜାଗ୍ରତ ହୋଇ ଶହେଟି ରାତି! କି ଅଲୌକିକ ଆକର୍ଷଣ ଥିଲା ସେ ନାଟକ ଭିତରେ? କାଳୀଚରଣ ସତରେ ଥିଲେ ନାଟ୍ୟକାର ନା ଅଦ୍ଭୁତ ପ୍ରତିଭାର ଯାଦୁକର? ଏପରି ଏକ ଏକ ସତ୍ୟାବିଷ୍କାର ହିଁ ଦୋହଲାଇ ଦିଏ ପ୍ରକୃତରେ ଆମର ଛାତି।

ଅଗଣିତ ଦର୍ଶକଙ୍କ ଅଣାୟତ୍ତ ଆବେଗକୁ କେଉଁ ଶକ୍ତି ରଖିପାରୁଥିଲା ଏପରି ଅପୂର୍ବ ମମତାରେ ଆବଦ୍ଧ କରିଦେଇ? ତାହା କଳ୍ପନା କରିବା ମାତ୍ରକେ ନାଟ୍ୟକାର କାଳୀଚରଣ ପଟ୍ଟନାୟକଙ୍କ ପ୍ରତି ଯେକୌଣସି ଦରଦୀ ମଣିଷର ଛାତି ପରିପୂର୍ଣ୍ଣ ହୋଇଉଠେ ଅସାମାନ୍ୟ ଶ୍ରଦ୍ଧା ଆଉ ସଂପ୍ରୀତିରେ। ମଣିଷ ଜୀବନର ନିରାଟ ବାସ୍ତବତାକୁ କାଳୀଚରଣ ଯେପରି ପ୍ରତ୍ୟକ୍ଷ କରିଛନ୍ତି, ଅନୁରୂପ ଭାବରେ ତାହାକୁ ଦୃଶ୍ୟାଙ୍କିତ କରିଛନ୍ତି ପ୍ରାଣର ଅସୀମ ଭାବାବେଗ ଉତ୍ସର୍ଗ କରିଦେଇ। ତାହା ହିଁ ତାଙ୍କ ନାଟକକୁ ପ୍ରଦାନ କରିପାରିଥିଲା ଚିର ଆକାଂକ୍ଷିତ ମାର୍ମିକ ସ୍ୱାଭାବିକତା। କେଉଁ ନାଟକ ବା ତାଙ୍କର ହୃଦୟସ୍ପର୍ଶୀ ନୁହେଁ! କେଉଁ ନାଟକ ପୁଣି ଆଧୁନିକ ଶୈଳ୍ପିକ ରୀତିରେ ନୁହେଁ ସୁସଜ୍ଜିତ! ସୁଶୃଙ୍ଖଳିତ! 'ଶ୍ରୀଗୀତଗୋବିନ୍ଦ',' ଆଖିରଦେଖା', 'ଶକୁନ୍ତଳା', 'ହରିଶ୍ଚନ୍ଦ୍ର', 'ଅଭିଯାନ', 'ରକ୍ତ ମନ୍ଦାର', 'ଗାର୍ଲ୍ସସ୍କୁଲ', 'ରକ୍ତମାଟି', 'ହୀରାଖଣ୍ଡ' ଆଦି ନାଟକ ଯେଉଁ ବିପୁଳ ଆଲୋଡ଼ନ ସୃଷ୍ଟି କରିଥିଲା ତାହାର ସାକ୍ଷ୍ୟ ହେଉଛି 'ଓଡ଼ିଶା ଥିଏଟର'। ପୌରାଣିକ, ଐତିହାସିକ, ସାମାଜିକ, ଜୀବନୀ ଆଧାରିତ ନାଟକ ରଚନା କରି ଯେପରି ଭାବରେ ଓଡ଼ିଶା ମାଟିରେ କମ୍ପନ ସୃଷ୍ଟି କରିଥିଲେ କାଳୀଚରଣ ତାହା ଅନତିକ୍ରମଣୀୟ ହୋଇ ରହି ନାହିଁ କି? ସେ ଥିଲେ ସର୍ବାଂଶରେ ନାଟ୍ୟପ୍ରାଣ। ନାଟ୍ୟାଭିନୟକୁ ପ୍ରାଣବନ୍ତ ରୂପ ଦେବା ନିମିତ୍ତ ସେ ନାରୀ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ନିଃସଂକୋଚ ଚିତ୍ତରେ। କିଏ ପୁଣି କ'ଣ ଏକଥା ଚିନ୍ତା କରିପାରିବେ ଯେ ୧୯୩୯ ମସିହାରେ 'ଗାର୍ଲ୍ସସ୍କୁଲ' ନାଟକ ଅଭିନୟରେ ସର୍ବପ୍ରଥମେ ନାରୀ କଳାକାରମାନେ ସ୍ୱକୀୟ ପ୍ରତିଭା ପ୍ରଦର୍ଶନ କରିବାର ପାଇଥିଲେ ଅପୂର୍ବ ସୁଯୋଗ। ଚରିତ୍ରଗୁଡ଼ିକୁ କିପରି ପ୍ରାଣବନ୍ତ ଭାବରେ ଉପସ୍ଥାପନ କରାଗଲେ ଦର୍ଶକର ହୃଦୟ ମନ୍ଥିତ, ଚକ୍ଷୁ ଯୁଗଳ ଲୋତକାପ୍ଲୁତ, ଅନ୍ତର ମଧ୍ୟସ୍ଥ ସୂକ୍ଷ୍ମ ଅଂଶଟି ଭାବାଚ୍ଛନ୍ନ ହୋଇଯାଇପାରିବ ସୁତୀବ୍ର ଭାବରେ, ସେହି ଅନ୍ତର୍ଗତ କଳାର ଅଧିକାରୀ ଥିଲେ ସେ। ଅତୀତର ଅନ୍ଧକାର ବକ୍ଷ ଭେଦ କରି ସେ ଉଦ୍ଧାର କରିପାରିଥିଲେ ପ୍ରେରଣା ଗର୍ଭିତ ଚରିତ୍ର ସକଳ। ଓଡ଼ିଶାର ମହାନ କବି, ଲେଖକମାନଙ୍କ ଅସାମାନ୍ୟ ବ୍ୟକ୍ତିତ୍ୱ ଓ ପ୍ରତିଭାରେ ସେ ଥିଲେ ଅଭିଭୂତ। ସେମାନଙ୍କ ପ୍ରତି ତାଙ୍କ ମନରେ ଭରି ରହିଥିଲା ଯେଉଁ ଆନ୍ତରିକ ଅନୁରକ୍ତି ତାହାର ସାର୍ଥକ ଅଭିବ୍ୟକ୍ତି ହେଉଛି 'ଜୟଦେବ', 'ସାରଳା ଦାସ' ଓ 'ଜଗନ୍ନାଥଙ୍କ ଦାସ' ଆଦି ନାଟକ। ଏହି ମହାନ କବିମାନଙ୍କ ଆତ୍ମିକ ସତ୍ତା ସତେଯେମିତି ଅବତରଣ କରିଆସି ଅଭିନେତାମାନଙ୍କ ଶରୀର ଓ ପ୍ରାଣ ମଧ୍ୟରେ ପ୍ରବେଶ କରିଛି।

'କୁମ୍ଭାରଚକ' ଆତ୍ମଜୀବନୀ ମଧ୍ୟରେ ଅନୁରଣିତ ହୋଇ ଉଠିଛି ତାଙ୍କ ସମର୍ପିତ ନାଟ୍ୟପ୍ରେମୀ ଅନ୍ତରଟି। ଓଡ଼ିଶୀ ନୃତ୍ୟ ମଧ୍ୟରେ ସେ ଆବିଷ୍କାର କରିପାରିଥିଲେ କଳାତ୍ମକ ପରିପକ୍ୱତାର ପ୍ରତିଫଳନ। ସେଥିପାଇଁ ସିଏ ପୁଣି ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମର୍ଯ୍ୟାଦାରେ ବିଭୂଷିତ କରିବା ପାଇଁ ନେଇଥିଲେ ଅଗ୍ରଣୀ ଭୂମିକା।

ଖୋର୍ଦ୍ଧା ସ୍କୁଲରେ ଅଧ୍ୟୟନ କରୁଥିବା ସମୟରୁ ସଙ୍ଗୀତ ଓ ନାଟକ ପ୍ରତି ସୃଷ୍ଟି ହୋଇଥିଲା ତାଙ୍କର ସୁଗଭୀର ଅନୁରାଗ। ବିଶିଷ୍ଟ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ଓସ୍ତାଦ ଖନୁ ଖାଁ, ବନୱାରୀ ମିଶ୍ରଙ୍କଠାରୁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଲାଭ କରି ତାଙ୍କ କଳାବୋଧ ପରିଗ୍ରହ କରିଥିଲା ପରିମାର୍ଜିତ ରୂପ। 'ସାକ୍ଷୀଗୋପାଳ ନାଟକ ସଂଗଠନ' କରନ୍ତି ପ୍ରଥମ ପର୍ଯ୍ୟାୟରେ ସେ। ପରବର୍ତ୍ତୀ ସମୟରେ 'ଓଡ଼ିଶା ଥିଏଟର' ରଙ୍ଗମଞ୍ଚ ନିର୍ମାଣ କରି ସେ ଆଧୁନିକ ଓଡ଼ିଶାର ମାଟି ପାଣି ପବନରେ ଭରିଦେଲେ ଅଭିନବ ଉଚ୍ଛ୍ୱାସ। କାଳୀଚରଣଙ୍କ ସାମଗ୍ରିକ ଅବଦାନର ଆକଳନ କରି ତାଙ୍କୁ 'ଓଡ଼ିଶାର ଭରତ ମୁନି' ବୋଲି ଅଭିହିତ କରାଯାଏ ଯଥାର୍ଥରେ। 'ଲଳିତା' ଓ 'ମାଟିର ମଣିଷ' ଚଳଚ୍ଚିତ୍ର ପାଇଁ ସେ ଗୀତ ରଚନା କରିଛନ୍ତି ଭାବ ନିମଗ୍ନ ଧ୍ୟାନରେ।

କାଳୀଚରଣ ପଟ୍ଟନାୟକ ଏକ ପ୍ରଭାବଶାଳୀ କିମ୍ବଦନ୍ତୀ। ପ୍ରତିଟି ନାଟ୍ୟପ୍ରେମୀ ଅନ୍ତରରେ ସେ ନିତ୍ୟସ୍ପନ୍ଦିତ। ସେହି ସ୍ପନ୍ଦନ ଓଡ଼ିଶାର ଜନମାନସ ଓ ଓଡ଼ିଶାର ସଂସ୍କୃତି ମଧ୍ୟରେ ରହିଥିବ ଚିର ସଞ୍ଜୀବିତ, ଏଥିରେ ଅଣୁମାତ୍ର ସନ୍ଦେହ ଅନୁପସ୍ଥିତ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ, ୨ ଗୁରୁତର

ନୂଆପଡ଼ା,୧୬।୭(ସମିସ): ନୂଆପଡା-ସୋହେଲା ବିଜୁ ଏକ୍ସପ୍ରେସ ୱେରେ ଦୈନିକ ଶତାଧିକ ଗାଡି ମୋଟର ଯାଆସ କରୁଥିବାବେଳେ ଦୁର୍ଘଟଣା ସଂଖ୍ୟା ବି କମ୍ ହେଉନି। ଏହି ରାସ୍ତାରେ ପ୍ରାତଃ ବା ସାନ୍ଧ୍ୟ ଭ୍ରମଣ କାଳ ହେଲାଣି। ନୂଆପଡ଼ା ଜିଲ୍ଲା ସଦର ଥାନା ଜୁନାନୀ ଗାଁର ୩ ଜଣ ବ୍ୟକ୍ତି ବିଜୁ ଏକ୍ସପ୍ରେସ ରାସ୍ତାରେ ପ୍ରାତଃ ଭ୍ରମଣ କରୁଥିବା ସମୟରେ ଅଘଟଣ ଘଟିଛି। ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ହେଲେ ଜୁନାନୀ ଗାଁର ନିଳାମ୍ବର ତାଣ୍ଡି (୫୦)। ସହଦେବ ପୁଞ୍ଜି (୪୫) ଓ ନୁରଚନ୍ଦ ସରାଫ(୪୭) ଗୁରୁତର ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ପରେ ମୃତ ପରିବାରଙ୍କୁ କ୍ଷତିପୂରଣ ଓ ଗୁରୁତରଙ୍କ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ପୁଲିସ ପହଞ୍ଚି ପରିବାର ଲୋକଙ୍କ ସମେତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲା। ବୁଧବାର ଭୋରରେ ଜୁନାନୀ ଗାଁର ନିଳାମ୍ବର, ସହଦେବ ଓ ନୁରଚନ୍ଦ ବିଜୁ ଏକ୍ସପ୍ରେସୱେରେ ପ୍ରାତଃ ଭ୍ରମଣ କରୁଥିଲେ। ଜୁନାନୀ ଛକ ନିକଟରେ ବିଜୁ ଏକ୍ସପ୍ରେସ ରାସ୍ତାରେ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଏଥିରେ ୩ଜଣ ଯାକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ୩ ଜଣଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଣି ଭର୍ତ୍ତି କରିଥିଲେ। ନିଳାମ୍ବରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ନୁରଚନ୍ଦଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସହଦେବ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ତେବେ ଦୁର୍ଘଟଣାଗ୍ରସ୍ତ ଗାଡ଼ିର ନମ୍ବରପ୍ଲେଟ ଘଟଣା ସ୍ଥଳରୁ ମିଳିଥିବାରୁ ଏହା ପୁଲିସ ଲାଗି ତଦନ୍ତ କରିବାକୁ ସହଜ ହୋଇଛି। ଖବର ପାଇ ପରିବାର ଲୋକଙ୍କ ସହ ଗ୍ରାମବାସୀ, ଜିଲ୍ଲା ଆଦିବାସୀ ସଂଘ ସଭାପତି ଭାନୁପ୍ରତାପ ସିଂମାଝୀ, ଜିଲ୍ଲା ବିଜେଡି ସଂପାଦକ ସୁଧୀର ମିଶ୍ର, କଂଗ୍ରେସ ନେତା ଦେବଦତ୍ତ ଦୀକ୍ଷିତ, ହରି ମାଝୀ, ଟିଙ୍କୁ ପଣ୍ଡା, ଭକ୍ତବନ୍ଧୁ ଧରୁଆ ପହଞ୍ଚିଥିଲେ। ଥାନା ଅଧିକାରୀ ଗଙ୍ଗାଧର ବେହେରଙ୍କ ସହ ସମସ୍ତେ ଆଲୋଚନା କରିଥିଲେ, ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଗାଡି ଜବତ କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ନ ଦେବା ପର୍ଯ୍ୟନ୍ତ ମୁଖ୍ୟ ଡାକ୍ତରଖାନାରୁ ଶବ ନିଆଯିବ ନାହିଁ ବୋଲି ଅଡ଼ି ବସିଥିଲେ। ରେଡ୍‌କ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଦିଆଯିବା ସହ ପୁଲିସ ଗାଡି ଜବତ କରିବା ପରେ ପରିବାର ଲୋକ ଶବ ନେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ୬୦୮ ଫୁଟ୍ ଟପିଲା ହୀରାକୁଦ ଜଳସ୍ତର

ସମ୍ବଲପୁର, ୧୬।୭ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ପୁଣି ବୃଦ୍ଧି ପାଇବାରେ ଲାଗିଛି। ଆଜି ଜଳସ୍ତର ୬୦୮.୬୫ ଫୁଟ୍ ଥିବାବେଳେ ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଗତ ୬ ତାରିଖ ଜଳଭଣ୍ଡାରର ଜଳସ୍ତର ୬୧୦ ଫୁଟ୍ ଅତିକ୍ରମ କରିବାପରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ନିଷ୍କାସନ ସମୟରେ ୨୦ଟି ପର୍ଯ୍ୟନ୍ତ ଗେଟ୍ ଖୋଲାଯାଇଥିବା ବେଳେ ଜଳସ୍ତର ହ୍ରାସ ପାଇବାରୁ ପର୍ଯ୍ୟାୟକ୍ରମେ ଗେଟ୍‌ଗୁଡ଼ିକ ବନ୍ଦ କରିଦିଆଯାଇଛି। ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ। ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୮.୬୫ ଫୁଟ ରହିଛି। ନଦୀବନ୍ଧର ବାମପଟ ଓ ଡାହାଣପଟରେ ଗୋଟିଏ ଲେଖାଏ ମୋଟ ୨ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୫,୨୬୧ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୭,୮୩୬ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨୯୪୯୬ ଘନଫୁଟ, ପାୱାର ଚେନାଲ ଦେଇ ୩୪୩୧୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩୭୯୪ ଘନଫୁଟ ଜଳ ନିଷ୍କାସିତ ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବର୍ବରତାର ସୀମା...

ସରକାର ସମ୍ପୂର୍ଣ୍ଣ ଦାୟୀ ବୋଲି ଅଭିହିତ କରି ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦାବି କରିଥିଲେ। ଗଣତାନ୍ତ୍ରିକ ଭାବେ ଶାନ୍ତି ଶୃଙ୍ଖଳା ସହିତ ଘେରାଉ ଚାଲିଥିବା ବେଳେ କୌଣସି ବିନା ସୂଚନାରେ ବିଜେଡି କର୍ମୀମାନଙ୍କ ଉପରକୁ ପାଣି ମାଡ଼ କରିଥିଲା ପୁଲିସ। ପାଣିମାଡ଼କୁ ଖାତିର ନ କରି ପ୍ରତିବାଦକାରୀମାନେ କାର୍ଯ୍ୟକ୍ରମ ଜାରି ରଖିବାରୁ ପୁଲିସ ପକ୍ଷରୁ ଲୁହବୁହା ଗ୍ୟାସ ଓ ରବର ବୁଲେଟ ମରା ଯାଇଥିଲା। ଲୁହବୁହା ଗ୍ୟାସ ସେଲ୍ ମାଡ଼ରେ ଦଳର ବରିଷ୍ଠ ନେତା ପ୍ରଣବପ୍ରକାଶ ଦାସଙ୍କ ଗୋଡ଼ ଓ ଦେହରେ ଗଭୀର ଆଘାତ ଲାଗିଛି। ସେହିପରି ପ୍ରୀତିରଞ୍ଜନ ଘଡ଼ାଇଙ୍କ ଆଣ୍ଠୁରେ ଗୁରୁତର ଆଘାତ ଲାଗିଛି। ସେହିପରି ସାଂସଦ ସୁଲତା ଦେଓ ମଧ୍ୟ ପୁଲିସ ଆକ୍ରମଣରେ ଆହତ ହୋଇଛନ୍ତି। ସେହିପରି ଶତାଧିକ କର୍ମୀ ପାଣି ଓ ରବର ଗୁଳିମାଡ଼ରେ ଆହତ ହୋଇଛନ୍ତି। ଏହାପରେ ପୁଲିସ ଦଳର ଅନେକ ବରିଷ୍ଠ ନେତାଙ୍କ ସହ କର୍ମୀଙ୍କୁ ବଳପୂର୍ବକ ଘଟଣାସ୍ଥଳରୁ ଉଠାଇ ନେଇଛି।

ବିଜେଡି ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ପୁଲିସର ମାତ୍ରାଧିକ କାର୍ଯ୍ୟକଳାପକୁ ବିଜେଡି ପକ୍ଷରୁ ଦୃଢ଼ ନିନ୍ଦା କରା ଯାଇଛି। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା ସମଗ୍ର ରାଜ୍ୟବାସୀଙ୍କ ମନରେ ଗଭୀର ଆଲୋଡନ ସୃଷ୍ଟି କରିଛି। ଦୀର୍ଘ ଛଅ ମାସ ଧରି ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ କଲେଜ ଅଧ୍ୟକ୍ଷ, ଏସପି, ବିଧାୟକ, ସାଂସଦ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲା, ଯାହାଯୋଗୁ ସେ ଆତ୍ମଦାହ ଭଳି ଚରମ ପଦକ୍ଷେପ ନେଇଥିଲା। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନରେ ବିଫଳ ରାଜ୍ୟ ସରକାର ଆନ୍ଦୋଳନରେ ରାଜ୍ୟବାସୀଙ୍କ ଆକ୍ରୋଶରେ ଭୟଭୀତ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ପୋଲିସ ବର୍ବୋରଚିତ ଆକ୍ରମଣ କରିଛି। ଏହି ଆନ୍ଦୋଳନ ବନ୍ଦ ହେବ ନାହିଁ, ବରଂ ଆହୁରି ତୀବ୍ର ହେବ। ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି ଘେରାଉରେ ଦଳର ବହୁ ବରିଷ୍ଠ ନେତା, ସାଂସଦ, ବିଧାୟକ, ପୂର୍ବତନ ସାଂସଦ, ବିଧାୟକ, ମେୟର, କର୍ପୋରେଟର, ଦଳର ସମସ୍ତ ଛାମୁଆ ସଂଗଠନ ଯଥା ଯୁବ ଛାତ୍ର, ସଂଖ୍ୟାଲଘୁ, ଏସସି ସେଲ, ଏସଟି ସେଲ, କୃଷକ ସେଲ ଓ ଅନ୍ୟ କର୍ମକର୍ତ୍ତା ଓ ସାଧାରଣ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ।

### ୮ ଘଣ୍ଟା ଅଟକିଲା...

ଶେଷରେ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଗଲେ। ଏହି ଘଟଣା ପାଇଁ କେବଳ କଲେଜ କର୍ତ୍ତୃପକ୍ଷ ନୁହଁ; ସଂପୂର୍ଣ୍ଣ ସରକାରୀ କଳ ଦାୟୀ। ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତିକୁ ନେଇ ରାଜ୍ୟ ସରକାର ସମ୍ବେଦନଶୀଳ ନ ଥିବା ପ୍ରମାଣିତ ହୋଇସାରିଛି। ଛାତ୍ରୀ ମୃତ୍ୟୁ ପଛରେ ଥିବା ଷଡ଼ଯନ୍ତ୍ରକାରୀ ଏବେ ବି ବାହାରେ ବୁଲୁଛନ୍ତି। ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲେ ଯାଇ ଆଇନ ଉପରେ ଲୋକଙ୍କ ବିଶ୍ୱାସ ଅତୁଟ ରହିବ। ସମସ୍ତ ଦୋଷୀଙ୍କୁ କାଠଗଡ଼ାକୁ ଟଣା ନ ଗଲେ ବାଲେଶ୍ୱର ଜିଲ୍ଲାର ଗାଁ ଠାରୁ ସହର ସବୁଠି ବିରୋଧ ତୀବ୍ର ହେବ ବୋଲି ବର୍ଷିଛନ୍ତି ବିଜେଡି ନେତା।

ବାଲେଶ୍ୱର ସହରରେ ବିଜେଡି ନେତା ଓ କର୍ମୀମାନେ ଆଜି ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜୋରଦାର ପ୍ରତିବାଦ କରି ସାଂସଦ, ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ରାସ୍ତାରେ ଟାୟାର ଜାଳି ପିକେଟିଂ କରିବା ସହ ରେଳଷ୍ଟେସନ, ସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ କରିଥିଲେ। ବାଲେଶ୍ୱର ସହରର ପ୍ରବେଶ ପଥ କୁରୁଡ଼ା ଓ ଫୁଲାଡ଼ିରେ ଗାଡ଼ିମୋଟର ଚଳାଚଳ ବନ୍ଦ କରିଥିଲେ। ବନ୍ଦକୁ ସମର୍ଥନ କରି ବ୍ୟବସାୟୀମାନେ ମଧ୍ୟ ଦୋକାନବଜାର ବନ୍ଦ ରଖିଥିଲେ।

ବାଲେଶ୍ୱରରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ବିଜେଡିର ଛାତ୍ର, ଯୁବ ଓ ମହିଳା ସଂଗଠନ ନେତୃତ୍ୱ ନେଇ ବିଭିନ୍ନ ସ୍ଥାନରେ ବନ୍ଦ କରିଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଭୋଗରାଇ ଥାନା ଛକଠାରେ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ଅବରୋଧ କରାଯାଇଥିଲା। ଭୋଗରାଇ ମାଟିର ଦିବଂଗତ ଝିଅକୁ ଉଚିତ ନ୍ୟାୟ ଏବଂ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ବିଧାୟକ ଶ୍ରୀ ଦାସ ଦାବି କରିଥିଲେ। ସେହିପରି ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ନେତୃତ୍ୱରେ ଛାତ୍ରୀଙ୍କୁ ଉଚିତ ନ୍ୟାୟ ପ୍ରଦାନ ଓ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ବାଲିଆପାଳ ଓ ବସ୍ତା ବ୍ଲକରେ ହୋଇଥିବା ବନ୍ଦର ବ୍ୟାପକ ପ୍ରଭାବ ପଡ଼ିଥିଲା। ଜରୁରୀକାଳିନ ସେବାକୁ ଛାଡ଼ି ଦୋକାନବଜାର, ଯାନବାହନ ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଥିଲା। ବିଜେଡି ନେତୃବର୍ଗ ବସ୍ତା, ଗାନ୍ଧିଛକ, ଦରଡ଼ା, ବାଲିଆପାଳର ସିମୁଳିଆ ବଜାର, ବାଲିଆପାଳ ବଜାର, କାଳିପଦା ଓ ଲଙ୍ଗଳେଶ୍ୱର ବଜାରରେ ପିକେଟିଂ କରିଥିଲେ। ସୋର ବିଧାୟକ ମାଧବ ଧଡ଼ାଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ଉତ୍ତରେଶ୍ୱରଠାରେ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାଜପଥରେ ହଜାର ହଜାର ଭାରୀଯାନ ଅଟକି ରହିଥିଲା। ସୋର ଷ୍ଟେସନରେ ରେଳଧାରଣା ଉପରେ ବିଜେଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ଫଳରେ ଖଡ଼ଗପୁର-ଖୋର୍ଦ୍ଧା ଫାଷ୍ଟ ପାସେଞ୍ଜର ଓ ଜନଶତାବ୍ଦୀ ଏକ୍ସପ୍ରେସ୍ ଅଟକି ରହିଥିଲା।

ସେହିପରି ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଖଇରା ଓ ସିମୁଳିଆ ବଜାର ବନ୍ଦ ହୋଇଥିଲା। ସିମୁଳିଆ କଲେଜରେ ଛାତ୍ରୀମାନେ ଆନ୍ଦୋଳନ କରିଥିବାବେଳେ ଖଇରା ଓ ସିମୁଳିଆ ବ୍ଲକ କାର୍ଯ୍ୟାଳୟ ବନ୍ଦ ରହିଥିଲା। ସେହିପରି ପୂର୍ବତନ ବିଧାୟକ ସୁକାନ୍ତ ନାୟକଙ୍କ ନେତୃତ୍ୱରେ ନୀଳଗିରି ବାଇପାସ୍ ଛକରେ ରାସ୍ତା ଅବରୋଧ କରାଯିବା ସହ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ତୀବ୍ର ବିରୋଧ କରାଯାଇଥିଲା। ଜିଲ୍ଲାର ୮ଟି ଯାକ ନିର୍ବାଚନମଣ୍ଡଳୀରେ ବିଜେଡିର ଆଜିର ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିବା ବେଳେ ଆଇନଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ପାଇଁ ଜିଲ୍ଲାରେ ୧୨ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ହୋଇଥିଲେ।

### ପୁଲିସର ଆକ୍ରମଣ...

ପ୍ରତିବାଦର ଅଧିକାର ଗୁରୁତର ଭାବେ ବିପଦରେ ଅଛି। ବ୍ୟବସ୍ଥାଗତ ଉଦାସୀନତାର ଶିକାର ହୋଇ ଜଣେ ୨୦ ବର୍ଷୀୟା ଛାତ୍ରୀର ମୃତ୍ୟୁ ପ୍ରତିବାଦରେ ବିଜେଡି ଲୋକସେବା ଭବନ ଘେରାଉ ଡ଼ାକରା ଦେଇଥିବାବେଳେ ପୁଲିସ ବିନା କାରଣରେ ଯେପରି ଆକ୍ରମଣ କରିଛି ତାହା ଅତ୍ୟନ୍ତ ଅମାନୁଷିକ। ବିଜେଡି ନେତା ଓ କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବରେ ଲୋକସେବା ଭବନ ଅଭିମୁଖେ ବାହାରିଥିବା ବେଳେ ପୁଲିସ ସେମାନଙ୍କୁ ଘଉଡାଇବା ପାଇଁ ପାଣି ମାଡ଼ ଆରମ୍ଭ କରିଥିଲା। ଏପରିକି ବିନା କୌଣସି କାରଣରେ ପୁଲିସ ରବର ଗୁଳି ବ୍ୟବହାର କରିଛି। ଶୋଭାଯାତ୍ରାକୁ ଭଣ୍ଡୁର କରିବା ପାଇଁ ପୁଲିସ ଓ ସରକାର ଗ୍ରହଣ କରିଥିବା କଠୋର ପଦକ୍ଷେପ ନିନ୍ଦା କରିବା ସହ ପୁଲିସ ପକ୍ଷପାତିତା ପ୍ରଦର୍ଶନ କରିଥିବା ନବୀନ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେ ରବର ଗୁଳି ବ୍ୟବହାର ପରି ଅତ୍ୟଧିକ ବଳ ପ୍ରୟୋଗର କୌଣସି ଆବଶ୍ୟକତା ନ ଥିଲା। ଗତ କିଛିଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିକଟରେ ଜଣେ ବରିଷ୍ଠ ଆଇପିଏସ ଅଧିକାରୀ ପୁଲିସ ବାହିନୀକୁ ପ୍ରଦର୍ଶନକାରୀଙ୍କ ଗୋଡ ଭାଙ୍ଗିବାକୁ ନିର୍ଦ୍ଦେଶ ହେବା ସହ ଏଥିରେ ସଫଳ ହେଲେ ପୁରସ୍କାର ପ୍ରଦାନ କରିବାର ପ୍ରତିଶ୍ରୁତି ଦେଉଥିବା ନେଇ କ୍ୟାମେରାରେ ଧରାପଡ଼ିଥିଲା। ଆଜି ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଫଳରେ ୨ ଜଣ ପୂର୍ବତନ ମନ୍ତ୍ରୀଙ୍କ ଗୋଡ଼ ଭାଙ୍ଗିଛି। ଏପରିକି ଏଥିପାଇଁ ଅସ୍ତ୍ରୋପଚାରର ମଧ୍ୟ ଆବଶ୍ୟକ ପଡ଼ିପାରେ। ସେହିପରି ଦଳର ଅନ୍ୟଜଣେ ବରିଷ୍ଠ ନେତ୍ରୀ ତଥା ରାଜ୍ୟସଭା ସାଂସଦଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ପୁଲିସର ଆକ୍ରମଣ କାରଣରୁ ଆହତ ହୋଇଛନ୍ତି। ଏପରି ଆକ୍ରମଣ ପାଇଁ କାହିଁକି ନିର୍ଦ୍ଦେଶ ଦିଆଗଲା ସେନେଇ ସ୍ପଷ୍ଟୀକରଣ ଦେବାକୁ ସରକାର ବାଧ୍ୟ ବୋଲି ନବୀନ କହିଛନ୍ତି। ନ୍ୟାୟ ପାଇଁ ଲଢ଼େଇରେ ଏବଂ ଓଡ଼ିଶାବାସୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ବଜାୟ ରଖିବା ପାଇଁ ଆମର ପ୍ରତିବଦ୍ଧତାକୁ କୌଣସି ଶକ୍ତି ଦମନ କରିପାରିବ ନାହିଁ ବୋଲି ନବୀନ କହିଛନ୍ତି। ଏହାସହ ପୁଲିସ ଆକ୍ରମଣରେ ଆହତ ସାଂସଦ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଓ ପ୍ରୀତିରଞ୍ଜନ ଘଡ଼ାଇଙ୍କ ସହ ନବୀନ ଫୋନ୍ ଯୋଗେ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ସଂସଦ ଘେରିବ...

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦୁଇ ଦିନ ହେବ ଲଗାତର ସୋସିଆଲ ମିଡିଆରେ କ୍ଷୋଭ ପ୍ରକାଶ କରିଛନ୍ତି। ଆଜି ସକାଳେ ସୌମ୍ୟାଶ୍ରୀଙ୍କ ପରିବାର ସହିତ ସେ କଥା ହେଇଛନ୍ତି। ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ନିର୍ଯାତନା ସଂପର୍କରେ ବିଧାନସଭାରେ ପୂର୍ବରୁ ଆମ ବିଧାୟକମାନେ ମହିଳା ସୁରକ୍ଷା ପାଇଁ ଆଲୋଚନା କରିବାକୁ ଦାବି କରିବାରୁ ତାଙ୍କୁ ବିଧାନସଭାରୁ ବାହାର କରି ଦିଆଯାଇଛି। ଏବେ ପୁଣି ଫକୀରମୋହନ ମହାବିଦ୍ୟାଳୟରେ ଛାତ୍ରୀ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି। ଶାସକ ବିଜେପି ନେତାମାନେ ଏ ସମ୍ପର୍କରେ ସବୁକିଛି ଜାଣିଥିଲେ ମଧ୍ୟ ନିରବ ରହିଲେ। ରାଷ୍ଟ୍ରପତି ଏହାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ସାଂସଦ, ବିଧାୟକ ସବୁ ଜାଣି ବି ନିରବ ରହିଲେ। ଝିଅକୁ ଆତ୍ମହତ୍ୟା କରିବାକୁ ବାଧ୍ୟ କଲେ। ପ୍ରଧାନମନ୍ତ୍ରୀ ଯଦି ଏହି ଝିଅକୁ ଦେଖା କରିଥାନ୍ତେ ତେବେ ସେ ଆଜି ମରିନଥାନ୍ତା। ଓଡ଼ିଶାରେ ନାରୀ ନିର୍ଯାତନା ମାମଲା ସାରା ଦେଶକୁ ହଲାଇ ଦେଇଛି। ରାଜସ୍ଥାନ, ଉତ୍ତରପ୍ରଦେଶ, ଓଡ଼ିଶା ସମେତ ୯ ବିଜେପି ଶାସିତ ରାଜ୍ୟରେ ମହିଳା ଅତ୍ୟାଚାର ବଢିଛି। ଓଡିଶାରେ ପୁଲିସ କାର୍ଯ୍ୟାନୁଷ୍ଠାନ କରିବାକୁ ଡ଼ରୁଛି। ରାଜନୈତିକ ହସ୍ତକ୍ଷେପ ବଢ଼ିଛି। ପୁଲିସ ଉପରେ ଚାପ ବଢ଼ିଛି। ଏହା ବିରୋଧରେ ପ୍ରତି ଜିଲ୍ଲା, ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ମହିଳା କଂଗ୍ରେସ ଯିବ ବୋଲି ସେ କହିଛନ୍ତି। ସେଥିପାଇଁ ଆସନ୍ତା କାଲି ଓଡ଼ିଶାବନ୍ଦ ଡ଼ାକରା ଦିଆଯାଇଛି। ଓଡିଶା ବନ୍ଦ ଡାକରାକୁ ସମସ୍ତେ ସମର୍ଥନ ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସ ରାଜ୍ୟ ସଭାପତି ମିନାକ୍ଷୀ ବାହିନୀପତି, ବିଧାୟିକା ସୋଫିଆ ଫିର୍ଦୌଷ, ମୁଖପାତ୍ର ଡଃ ମନୀଷା ଦାସପଟ୍ଟନାୟକ, ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଆଜି ୧୨ ଘଣ୍ଟିଆ...

ଦିଆଯାଇଛି। ମହିଳାଙ୍କ ସମ୍ମାନ ଏବଂ ସୁରକ୍ଷା ପାଇଁ ଓଡ଼ିଶା ବନ୍ଦ କରାଯାଉଛି। ତେବେ ଅତ୍ୟାବଶ୍ୟକ ସେବାକୁ ବନ୍ଦପାଳନରୁ ବାଦ୍ ରଖାଯାଇଛି। ବଜାର, ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ୍, ଅଦାଲତ, ବ୍ୟାଙ୍କ୍ ଏବଂ ବୀମା ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଇତ୍ୟାଦିକୁ ସମ୍ପୂର୍ଣ୍ଣ ବନ୍ଦ ରଖିବା ପାଇଁ ଆହ୍ୱାନ ଦିଆଯାଇଛି। ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟବ୍ୟାପୀ ବନ୍ଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଜନସାଧାରଣ ସହଯୋଗ କରିବା ନିମନ୍ତେ ଅନୁରୋଧ କରାଯାଇଛି। ଏହାସହିତ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ, ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ, ବାଲେଶ୍ୱର ସଦର ବିଧାୟକ ନିଜ ପଦରୁ ଇସ୍ତଫା ଦେବା ପାଇଁ ମିଳିତ ବିରୋଧୀ ଦଳ ପକ୍ଷରୁ ଦୃଢ଼ ଭାବରେ ଦାବି କରଯାଇଛି। ବାଲେଶ୍ୱର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

କଂଗ୍ରେସ ଭବନରେ ଅନୁଷ୍ଠିତ ମିଳିତ ସାମ୍ବାଦିକ ସମ୍ମିଳନୀରେରେ ପିସିସ ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ବରିଷ୍ଠ ନେତା ଜଗନ୍ନାଥ ପଟ୍ଟନାୟକ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍ଏଲ)- ଲିବେରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ସମାଜବାଦୀ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ରାଜ୍ୟ ନେତୃବୃନ୍ଦ ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

ଅନ୍ୟପଟେ ଗୁରୁବାର ସାରା ରାଜ୍ୟରେ ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିବ। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରୁ ରଖି ପେଟ୍ରୋଲ ପମ୍ପମାଲିକମାନେ ଟାଙ୍କି ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଗୁରୁବାର ସକାଳେ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିବ। ତେବେ ଡିପୋଗୁଡିକରୁ ମଧ୍ୟ ଏହି ସମୟରେ ସେବା ପ୍ରଭାବିତ ହେବ। ଏ ସମ୍ପର୍କରେ ସର୍ବଭାରତୀୟ ପେଟ୍ରୋଲ ପମ୍ପ ଡିଲର ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ, କଂଗ୍ରେସର ଓଡ଼ିଶା ବନ୍ଦକୁ ନଜରରେ ରଖି ପେଟ୍ରୋଲ ପମ୍ପ ଡିଲରମାନେ ନିଜ ଆଡୁ ଟଙ୍କା ବନ୍ଦ ରଖିବେ। ଏଥିଯୋଗୁ ରାଜ୍ୟରେ ପ୍ରାୟ ୩୧୦୦ ପେଟ୍ରୋଲ ପମ୍ପ ବନ୍ଦ ରହିବ। ଅପରାହ୍ନ ୪ଟା ପରେ ପେଟ୍ରୋଲ ପମ୍ପଗୁଡିକ ଖୋଲିବା ସହ ଡିପୋରେ ତେଲ ଲୋଡିଂ କାମ ଜାରି ରହିବ। ତେବେ ଗୁରୁବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିବା ଯୋଗୁ ସାରା ରାଜ୍ୟରେ ପ୍ରାୟ ୭୫ କୋଟି ଟଙ୍କାର କାରବାର ପ୍ରଭାବିତ ହେବା ଆଶଙ୍କା କରାଯାଉଥିବା ଶ୍ରୀ ଲାଠ୍ କହିଛନ୍ତି।


**REQUEST FOR PROPOSAL (RFP)**

Kalinga Nagar Development Authority (KNDA), Jajpur Road invites RFP in the prescribed format from the Agencies for"SELECTION OF AGENCY FOR OPERATION AND MAINTENANCE SERVICES AT VYASA SAROVAR, VYASANAGAR, JAJPUR ON LICENSE BASIS".

The detail of the RFP is available in the district web portal i.e.**www.jajpur.odisha.gov.in**

CAD-1134
OIPR-13226/11/0004/2526

Sd/-Secretary,
Kalinga Nagar Development Authority,
Jajpur Road, Jajpur

OFFICE OF THE SECRETARY
**BINODINI SCIENCE HIGHER SECONDARY SCHOOL**
AT-PADMAMPUR, PO-JOGIPADU, BLOCK-GUMMA, DIST-GAJAPATI
Email: binodinisccollege@gmail.com, Mob: 8895515909

A walk-in-interview for the engagement of the guest faculty for the subject of Odia for Higher Secondary classes is on **25.07.2025** between **10 A.M to 2 P.M** in the H.S School Premises. Interested candidates having **55% marks** in PG in respective subject may attend the interview with their complete Bio-data. The candidates having B.Ed will be given weightage.
No TA/DA is admissible for attending the interview.

**Sd/- Secretary**

**SHREE JAGANNATH EDUCATIONAL FOUNDATION DEGREE COLLEGE**
ESTD - 1991
BARUNSING, SERGARH, BALASORE - 756060

**TENDER CALL NOTICE**

Sealed quotations are invited from the Authorised Dealers/Suppliers (Bidders having valid GST, PAN and I.T. Clearance Certificate) of any authorized electronic partner for upgrading the I.T. infrastructure of the college of **₹ 4,50,000/-** as per the guideline issued by the DHE, Odisha letter issue No. 12655 Dt. 05/03/2025 on or before Dt. **24/07/2025 by 01:00 PM** through Regd./ Speed Post / e-mail **sjefdegreecollege1991@gmail.com** & the same will be opened on **Dt. 26/07/2025 at 11:00 AM** in the office of the college.

The authority reserves the right to cancel or reject any or all quotations without assigning any reason thereof.

**Sd/- Principal cum Secretary**

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
CAD-1123

ପତ୍ର ସଂଖ୍ୟା ୧୨୮୩୮/ ଭୁ.ଉ.କ., ଭୁବନେଶ୍ୱର
SRB-319/88

**ସୂଚନା**

ତା. ୦୭.୦୭.୨୦୨୫ରିଖ

ଏତତ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୨ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ.- S-2-144କୁ ଶ୍ରୀମତୀ ମିନତୀ ପ୍ରଧାନ, ସ୍ୱାମୀ- ସାଧୁ ଚରଣ ପ୍ରଧାନ, ଗ୍ରାମ/ପୋଷ୍ଟ- ହଜ, ଥାନା- ଜଙ୍କିଆ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ମିନତୀ ପ୍ରଧାନ ଗତ ତା.୨୮.୦୧.୨୦୨୪ରିଖ ରେ ମୃତ୍ୟୁବରଣ କରିଅଛନ୍ତି। (Death certificate Registration No. 3240/2024 dated 11.03.2024)

Legal heir certificate No. E-LHC/2025-20704 dated 21.03.2025 ଅନୁଯାୟୀ ମିନତୀ ପ୍ରଧାନଙ୍କର ଉତ୍ତରାଧିକାରୀ (୧) ସାଧୁ ଚରଣ ପ୍ରଧାନ (ସ୍ୱାମୀ) ଓ (୨) ଦୀପକ କୁମାର ପ୍ରଧାନ (ପୁତ୍ର) ଅଟନ୍ତି। ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନା ସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0332/2526

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍**
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ **ସାଙ୍କେତିକ ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| ଭୁବନେଶ୍ୱର ଶାଖା / **ଋଣଗ୍ରହୀତା: ଶ୍ରୀ ଚନ୍ଦ୍ରଶେଖର ବିଶ୍ୱାଳ,** ପିତା: ଗଣେଶ ଚନ୍ଦ୍ର ବିଶ୍ୱାଳ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଇନ୍ଦୁମତି ବିଶ୍ୱାଳ,** ସ୍ୱାମୀ: ଶ୍ରୀ ଚନ୍ଦ୍ରଶେଖର ବିଶ୍ୱାଳ, ଉଭୟଙ୍କ **ଠିକଣା-** ସା: ନାନକାର ଉପରସାହି, ପୋ: ଜଗତ୍‌ପୁର, ଜିଲ୍ଲା: କଟକ, ଓଡ଼ିଶା-୭୫୪୦୨୧ | ଶ୍ରୀମତୀ ଇନ୍ଦୁମତି ବିଶ୍ୱାଳ, ସ୍ୱାମୀ: ଶ୍ରୀ ଚନ୍ଦ୍ରଶେଖର ବିଶ୍ୱାଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୭୭୨/୪୧୦୬, ପ୍ଲଟ୍ ନଂ.: ୧୯୬୮/୫୨୫୯, କ୍ଷେତ୍ର: ଏକର ୦.୦୮ଡିସିମିଲି, ମୌଜା: ନିମପୁର, ଥାନା: ଟାଙ୍ଗୀ ଏବଂ ନଂ.: ୭୧, ତହସିଲ: ଟାଙ୍ଗୀ-ଚୌଦ୍ୱାର ଏବଂ ନଂ.: ୧୬୭, ଜିଲ୍ଲା: କଟକ, ପିନ୍-୭୫୪୦୨୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ପୂର୍ବ: ସରକାରୀ ରାସ୍ତା, ପଶ୍ଚିମ: ଶରତ ଚନ୍ଦ୍ର ସାହୁ, ଦକ୍ଷିଣ: ମୁରଲୀଧର ପଣ୍ଡା ଏବଂ ଯୋଗେନ୍ଦ୍ର ପରିଡା | ତା.୩୦.୦୪.୨୦୨୫ରିଖ ସୁଦ୍ଧା ଟ.୧,୦୧,୨୫,୨୮୨.୬୩ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୩୦.୦୪.୨୦୨୫ / ୧୧.୦୭.୨୦୨୫ |
| ବାଲେଶ୍ୱର ଶାଖା / ୧) (ଏଚ୍‌ଏସ୍‌ଜି ନିମନ୍ତେ)**ଋଣଗ୍ରହୀତା: ଶ୍ରୀମତୀ ଶାନ୍ତିଲତା ପତ୍ରୀ,** ସ୍ୱାମୀ: ଶ୍ରୀ ସଦାନନ୍ଦ ପତ୍ରୀ / **ସହ-ଋଣଗ୍ରହୀତା: ଶ୍ରୀ ସଦାନନ୍ଦ ପତ୍ରୀ,** ପିତା: ଶ୍ରୀ ଉପେନ୍ଦ୍ର ପତ୍ରୀ, ଉଭୟଙ୍କ **ଠିକଣା-** ସା: ମୁରୁଣା (ଧୋବଗଡିଆ), ପୋ: ଗୋବିନ୍ଦପୁର, ଥାନା: ସିମୁଳିଆ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୧୨୬, ୨) **(କ୍ୟାଶ କ୍ରେଡିଟ୍ ନିମନ୍ତେ) ଋଣଗ୍ରହୀତା: ମେସର୍ସ ଏସ୍ ପି ଇଲେକ୍ଟ୍ରିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସଦାନନ୍ଦ ପତ୍ରୀ,** ପିତା: ଶ୍ରୀ ଉପେନ୍ଦ୍ର ପତ୍ରୀ, **ଠିକଣା-** ସା: ମୁରୁଣା (ଧୋବଗଡିଆ), ପୋ: ଗୋବିନ୍ଦପୁର, ଥାନା: ସିମୁଳିଆ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୧୨୬ | ଶ୍ରୀମତୀ ଶାନ୍ତିଲତା ପତ୍ରୀ, ସ୍ୱାମୀ: ଶ୍ରୀ ସଦାନନ୍ଦ ପତ୍ରୀଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ମୁରୁଣା, ଥାନା: ସିମୁଳିଆ, ଥାନା: ନଂ.: ୧୩୬, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ବାଲେଶ୍ୱର, ଖାତା ନଂ.: ୬୬୦/୨୯୩, ପ୍ଲଟ୍ ନଂ.: ୧୮, କ୍ଷେତ୍ର: ଏକର୦.୧୧ଡିସିମିଲି, କିସମ: ଘରବାରୀ, ଅନୁରୂପ ଖାତା ନଂ.: ୫୭୩, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ସଦାନନ୍ଦ ପତ୍ରୀଙ୍କ ପ୍ଲଟ୍, ପଶ୍ଚିମ: ନିତ୍ୟାନନ୍ଦ ପତ୍ରୀଙ୍କ ପ୍ଲଟ୍, ଉତ୍ତର: ଶ୍ରୀ ସଦାନନ୍ଦ ପତ୍ରୀଙ୍କ ପ୍ଲଟ୍, ଦକ୍ଷିଣ: ରାସ୍ତା | ତା.୨୪.୦୪.୨୦୨୫ରିଖ ସୁଦ୍ଧା ଟ.୨୫,୨୭,୬୯୩.୬୧ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୪.୦୪.୨୦୨୫ / ୧୧.୦୭.୨୦୨୫ |

ସ୍ଥାନ : ଭୁବନେଶ୍ୱର
ତାରିଖ : ୧୭.୦୭.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ. eT-M-KUR-WR-YARD-305-2025
**କାର୍ଯ୍ୟର ନାମ :** ଦୁଇ ବର୍ଷର ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ୟାର୍ଡ଼ ଠାରେ ୱ୍ୟାଗନ୍ ମରାମତି କାର୍ଯ୍ୟକଳାପ।
**ବିଜ୍ଞାପିତ ମୂଲ୍ୟ :** ₹ 2,18,12,690.86, EMD : ₹2,59,100/-.
(2) ଟେଣ୍ଡର ସଂ. eT-M-BOB-SPL-PRDP-306-25
**କାର୍ଯ୍ୟର ନାମ :** ଏକ ବର୍ଷର ସମୟାବଧି ନିମନ୍ତେ ROH ଡିପୋ ପାରାଦୀପ ଠାରେ BOBRN ୱାଗନଗୁଡ଼ିକର ବିଶେଷ ବଡ଼ି ମରାମତି କାର୍ଯ୍ୟ (ମାନବଶକ୍ତି, ମେସିନାରୀ ଏବଂ ସମସ୍ତ ଆବଶ୍ୟକ ସାମଗ୍ରୀ ସହିତ)।
**ବିଜ୍ଞାପିତ ମୂଲ୍ୟ :** ₹ 5,96,33,332.92, EMD : ₹4,48,200/-.
ଶେଷ ହେବା ଅବଧି: 24 ମାସ (କ୍ରମ ସଂ. 1 ପାଇଁ) ଏବଂ 12 ମାସ (କ୍ରମ ସଂ. 2 ପାଇଁ)।
ବିଡ୍ ଆରମ୍ଭ ହେବା ତାରିଖ : ତା. 18.07.2025ରିଖ (କ୍ରମ ସଂ. 1 ପାଇଁ) ଏବଂ ତା. 17.07.2025ରିଖ (କ୍ରମ ସଂ. 2 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :**
ତା.01.08.2025ରିଖ 1530 ଘଟିକାରେ (କ୍ରମ ସଂ. 1 ପାଇଁ) ଏବଂ ତା.31.07.2025ରିଖ 1530 ଘଟିକାରେ (କ୍ରମ ସଂ. 2 ପାଇଁ)।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର(Frt)/ ଖୋର୍ଦ୍ଧା ରୋଡ୍
PR-362/Q/25-26

**AFFIDAVIT**
By virtue of my Affidavit Name of my self is changed from Pradhan Uprendranath to Upendranath Pradhan, S/o- Gayadhar Pradhan, At/Post- Pikarali, PS- Patkura, Dist-Kendrapara. Who Hence be called Upendranath Pradhan.

**AFFIDAVIT**
By virtue of an affidavit sworn before the Executive Magistrate, Rairakhol, dated 15.07.2025, I, Beauty Bagh D/o- Subash Bagh, At- Harijanpada, Rairakhol, P.O./P.S. - Rairakhol, Dist- Sambalpur, Odisha, Pin-768106 declare that I have changed my name from Rupeli Bagh to Beauty Bagh. Henceforth, I shall be known as **Beauty Bagh** for all purposes.

**AFFIDAVIT**
I, Saraswati Malik, aged about 62 years, W/o- Kumuda Chandra Mallik, resident of Vill- Birabarpur, Po- Balichaturi, PS- Tihidi, Dist- Bhadrak, PIN- 756130, Odisha declared by this affidavit Cf No. 3755, dtd- 15/07/2025 that now onwards I shall be known as **SARASWATI MALLIK** for all future purposes.

**AFFIDAVIT**
I, Kumuda Chandra Malik, aged about 63 years, S/o- Gayadhar Malik, resident of Vill- Birabarpur, Po- Balichaturi, PS- Tihidi, Dist- Bhadrak, PIN- 756130, Odisha declared by this affidavit No. 3899, dtd- 23/05/2025 that now onwards I shall be known as **KUMUDA CHANDRA MALLIK** for all future purposes.

**AFFIDAVIT**
I, Dipti Mallik, aged about 37 years, W/o- Bidyut Kumar Mallik, resident of Kapumal, Ward No. 09, PO- Industrial Estate, Ps/Dist- Jharsuguda, PIN- 768203, Odisha declared by this affidavit Cf No. 3754, dtd- 15/07/2025 that now onwards I shall be known as **DIPTI DAS** for all future purposes.

**AFFIDAVIT**
I, Priyattama Sahoo, aged about 48 years, W/o- Prakash Chandra Sahoo, resident of Plot No-2154, Saptasati Nagar, Satyavihar, Pandara, Po-Mancheswar Railway Colony, Bhubaneswar, Dist- Khurda, PIN- 751017, Odisha declared by this affidavit No- 530, dtd- 26/06/2025 that now onwards I shall be known as **PRIYATAMA SAHOO** for all future purposes.

**AFFIDAVIT**
I, Narayanasinthi Badri Narayana Choudhury, aged about 38 years, S/o- N Dinabandhu Choudhury, resident of At/Po/Ps- Sorada Badadanda, Berhampur, Dist- Ganjam, PIN-761108, Odisha declared by this affidavit No. 1303, dtd- 09/07/2025 that now onwards I shall be known as **N BADRI NARAYANA CHOUDHURY** for all future purposes.

**AFFIDAVIT**
I, Ruparaj Chowdhury, aged about 67 years, S/o- Brajaraj Chowdhury, resident of At- Sekhbazar, PO- Tulasipur, Ps- Lalbag, Dist- Cuttack, PIN- 753008, Odisha declared by this affidavit No. 1393, dtd- 16/07/2025 that now onwards I shall be known as **RUPRAJ CHOWDHURY** for all future purposes.

**AFFIDAVIT**
I, Shkh Abdul Rahman, aged about 62 years, S/o- Aloddin, resident of At- Rahamat Nagar, PO- Brahma Barada, Ps- Brahma Barada, Dist- Jajpur, PIN- 755005, Odisha declared by this affidavit No. 1392, dtd- 16/07/2025 that now onwards I shall be known as **SHKH ABDUL REHMAN** for all future purposes.

**AFFIDAVIT**
I, Sekh Monazir, aged about 34 years, S/o- Shkh Abdul Rehman, resident of At- Rahamat Nagar, PO- Brahma Barada, Ps- Brahma Barada, Dist- Jajpur, PIN- 755005, Odisha declared by this affidavit No. 1391, dtd- 16/07/2025 that now onwards I shall be known as **SEKH MONAJIR** for all future purposes.

# ଧନକଉଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ପୁରସ୍କାର




**ସମ୍ବଲପୁର, ୧୬।୭ (ସମିସ)**

ସମ୍ବଲପୁର ଜିଲ୍ଲା ଧନକଉଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ୟୁପିଏଚ୍‌ସି) କୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରୀୟ ଗୁଣବତ୍ତା ସୂଚକ ମାନଦଣ୍ଡ (ଏନକ୍ୟୁଏଏସ୍) ପୁରସ୍କାର ପ୍ରଦାନ କରାଯାଇଛି। ଗତ ଜୁନ ୨୦ ଓ୨୧ ତାରିଖରେ ଦୁଇଜଣିଆ ଜାତୀୟ ଦଳ ଡା. ରାଜେଶ ମିଶ୍ର ଓ ପ୍ରୀତି ସଙ୍ଗୀତା ବାରା ଆସି ଧନକଉଡା ସ୍ୱାସ୍ଥ୍ୟ କେନ୍ଦ୍ରର ୧୨ଟି ବିଭାଗରେ ତର୍ଜମା କରିଥିଲେ। ଜାତୀୟ ଦଳ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା, ଔଷଧ କେନ୍ଦ୍ର, ପାଥୋଲୋଜି, ଡ୍ରେସିଂ ରୁମ, ଫିଜିଓଥେରାପି, ଟୀକାକାରଣ, ପରିବାର ନିୟୋଜନ ତଥା ପରିଷ୍କାର ପରିଚ୍ଛନତା ଆଦି ତଦାରଖ କରିଥିଲେ। ଏହି ଆକଳନରେ ସର୍ବମୋଟ ୯୧.୨୪% ରଖି ଧନକଉଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏନକ୍ୟୁଏଏସ୍ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛି।

ସମ୍ବଲପୁର ନଗର କାର୍ଯ୍ୟକ୍ରମ ପରିଚାଳନା ବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲା ନଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ ଦାସ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ମୃତ୍ୟୁଞ୍ଜୟ ମୁଣ୍ଡ, ନଗର କାର୍ଯ୍ୟକ୍ରମ ପରିଚାଳକ ନିକୁ ରଞ୍ଜନ ପ୍ରତିହାରୀ, ଗୁଣବତ୍ତା ଅଧିକାରୀ ବୈଶାଳିନୀ ସାହ, ଅତିରିକ୍ତ କାର୍ଯ୍ୟକ୍ରମ ପରିଚାଳକ (ସହରାଞ୍ଚଳ) ମଳୟ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଜାତୀୟ ଦଳର ଏହି ତର୍ଜମା ପ୍ରକ୍ରିୟା କୁ ପରିଚାଳନା କରିଥିଲେ। ଏହି ଆକଳନ ସମୟରେ ଡା. ଦିଲ୍ଲୀପ ମୁଦୁଲି, ଡା. ସୁନିତା ମେଣ୍ଡୁଲି, ଫାର୍ମାସି ଅଧିକାରୀ ରାମଚନ୍ଦ୍ର ରାଉତ, ସୁପ୍ରୀତ ନାୟକ, କ୍ଷିତିପ୍ରଭା ଭୋଇ, ପୁଷ୍ପାଞ୍ଜଳି ପଟେଲ, ନିରୁପମା ଧଳ, ଲିଜାଲୀନ ପୃଷେଠ, ସୁପ୍ରଭାତ ସାହୁ, ସୁପ୍ରଭା ରାଉତ, ସୋନାଲି ପ୍ରଧାନ, ମୀରାରାଣୀ ନାୟକ, ସୁପ୍ରିୟା ସାହୁ, ପ୍ରୀତିପଦ୍ମ ରଥ ପ୍ରମୁଖ କର୍ମଚାରୀଙ୍କ ସହ ଜନଆରୋଗ୍ୟ ସମିତି ସଭ୍ୟ ହୀରାଲାଲ ବେହେରା ଓ ମହିଳା ଆରୋଗ୍ୟ ସମିତି ସଭ୍ୟାମାନେ ଉପସ୍ଥିତ ଥିଲେ।

# କଂଗ୍ରେସର ବନ୍ଦ ପାଳନ ପ୍ରସ୍ତୁତି

**ପାଇକମାଲ, ୧୬।୭ (ସମିସ):** ଗୁରୁବାର ଓଡ଼ିଶା କଂଗ୍ରେସ ପକ୍ଷରୁ ସାରା ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ମଧ୍ୟ ବନ୍ଦ ଡାକରା ଦେଇଛି କଂଗ୍ରେସ। ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ କରି ମୃତ୍ୟୁ ଘଟଣା ପାଇଁ ସରକାରଙ୍କୁ ଦାୟୀ କରି କଂଗ୍ରେସ ଓ ସମସ୍ତ ବାମପନ୍ଥୀ ଦଳ ତରଫରୁ ଗୁରୁବାର ଆର୍ଥାତ୍ ଜୁଲାଇ ୧୭ ତାରିଖ ସକାଳ ୬ ରୁ ସଂଧ୍ୟା ୬ ପର୍ଯ୍ୟନ୍ତ



ବନ୍ଦ ଡାକରା ଦିଆଯାଇଛି। ଏହି ସମୟରେ ସମସ୍ତ ସ୍କୁଲ, କଲେଜ, ଯାନବାହନ, କାର୍ଯ୍ୟାଳୟ ଦପ୍ତର ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବ ବୋଲି ବୁଧବାର ପାଇକମାଲ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ସୂଚନା ଦେଇଛନ୍ତି ବିଧାୟକ ପ୍ରାର୍ଥୀ ଟଙ୍କଧର ସାହୁ। ଆଜି ଏହି ବୈଠକରେ ବିଜୟାନନ୍ଦ ପଟ୍ଟନାୟକ, ବିନୋଦ କାଳିଆ, ସନ୍ତୋଷ ପାଣିଗ୍ରାହୀ, ମହେନ୍ଦ୍ର ଖୁଣ୍ଟିଆ, ମନୋଜ ତ୍ରିବେଦୀ, ମୁଜାଫର ହୁସେନ, ବିକାଶ ବୋହିଦାର, ଅଶ୍ୱିନି ପଟେଲ, ପଙ୍କଜ ବାଗ, ଉମାକାନ୍ତ ବାଗ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଆଇଆଇଏମ୍‌ରେ ଅନ୍ତର୍ଜାତୀୟ ସମ୍ମିଳନୀ

**ସମ୍ବଲପୁର, ୧୬।୭ (ସମିସ):** ଆଇଆଇଏମ ସମ୍ବଲପୁର ପକ୍ଷରୁ ଭାରତୀୟ ସାମାଜିକ ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏସଏସଆର)ର ମିଳିତ ସହଯୋଗରେ 'ମେଟାଭର୍ସ ବ୍ୟାଙ୍କିଂ'ଆଣ୍ଡ ଫାଇନାନ୍ସିଆଲ ଟ୍ରାନ୍ସଫର୍ମେସନ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍, ଶିଳ୍ପ ଲିଡର୍, ଫିନ୍‌ଟେକ୍ ସଂସ୍ଥା ଏବଂ ନୀତି ନିର୍ମାତାମାନେ ଯୋଗଦେଇଥିଲେ। 'ବିକଶିତ ଭାରତ -୨୦୪୭ ପାଇଁ ମେଟାଭର୍ସ ବ୍ୟାଙ୍କିଂ: ଟ୍ରେଣ୍ଡସ୍, ଟେକ୍ ଆଣ୍ଡ ଟ୍ରାନ୍ସଫର୍ମେସନ୍' ବିଷୟବସ୍ତୁ ଉପରେ ଆଧାରିତ ଥିଲା। ସମସ୍ତ ଅଂଶୀଦାରମାନଙ୍କୁ ମେଟାଭର୍ସର ଆବଶ୍ୟକତା ଏବଂ ବ୍ୟାପକତା ବିଷୟରେ ସଚେତନ କରିବା ଯାହା ଭାରତରେ ବ୍ୟାଙ୍କିଂ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଭବିଷ୍ୟତକୁ ବଦଳାଇବା ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ କାର୍ଯ୍ୟକାରୀ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ସମ୍ମିଳନୀରେ ମେଟାଭର୍ସ, ୱେବ୩, ଆର୍ଟିଫିସିଆଲ ଇଂଟେଲିଜେନ୍ସ ଏବଂ ବ୍ଲକଚେନ୍ ଭଳି ଉଦୀୟମାନ ବିଷୟଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ମେଟାଭର୍ସ ବ୍ୟାଙ୍କିଂ (ଭର୍ଚୁଆଲ ବ୍ୟାଙ୍କ ଶାଖା ଖୋଲିବା) ଲୋକମାନଙ୍କ ଆର୍ଥିକ ସେବା ଅନୁଭୂତିରେ ଏକ ବୃହତ୍ ପରିବର୍ତ୍ତନ ଆଣିଛି। ସମ୍ମିଳନୀରେ ଏଚସିଏଲ ଟେକ୍ନୋଲୋଜିଜର ଗ୍ଲୋବାଲ ଅପରେସନ୍ସ ଡାଇରେକ୍ଟର-ଡିଜିଟାଲ ବିଜନେସ ଡି. ପ୍ରବୀଣ କେ ଚୌଧୁରୀ, ବୋଷ୍ଟନ କନସଲ୍ଟିଂ ଗ୍ରୁପର ବିସିଜି ଭାଟେଂଜ୍‌ର ମ୍ୟାନେଜର ସାଗର ବୈଷ୍ଣବୀ, ନୌସେନାର ନ୍ୟାସନାଲ ମାରିଟାଇମ୍ ଫାଉଣ୍ଡେସନ୍‌ର ଅନରାରି ଆଡଜଙ୍କ୍ଟ ଫେଲୋ ଡ. ଆତୁଲ୍ ତ୍ରିପାଠୀ ଓ ମେଲଷ୍ଟାର ଇନଫର୍ମେସନ ଟେକ୍ନୋଲୋଜିସ୍




ଲିମିଟେଡ୍‌ର ଗ୍ରୁପ୍ ସିଆଇଓ ସମରେନ୍ଦ୍ର ମହାନ୍ତି ଅତିଥି ଯୋଗ ଦେଇଥିଲେ। ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଥିଲେ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀରେ 'ଭାରତରେ ମେଟାଭର୍ସ ବ୍ୟାଙ୍କିଂ ଏବଂ ଆର୍ଥିକ ବ୍ୟବସ୍ଥାର ଭବିଷ୍ୟତ' ଉପରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶକୁ ସାଗର ବୈଷ୍ଣବୀ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ୮୦ରୁ ଅଧିକ ଗବେଷଣା ପ୍ରବନ୍ଧ ସହିତ ୧୦୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ।

# ପରିବେଶ ସୁରକ୍ଷା ମଞ୍ଚର ଚାରା ବଣ୍ଟନ

**ବରଗଡ଼, ୧୬।୭ (ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଚନ୍ଦ୍ରମଣିପୁର ଭୈଷାଦର୍ହା ଉଚ୍ଚ ବିଦ୍ୟାଳୟରେ ବରଗଡ଼ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ ତରଫରୁ ଚାରାବଣ୍ଟନ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ପ୍ରଧାନ ଶିକ୍ଷକ ମକରଧ୍ୱଜ ପଟେଲଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚର ଉପସଭାପତି ତଥା ପ୍ରକୃତିବନ୍ଧୁ ଭୁବନେଶ୍ୱର ପ୍ରଧାନ ଯୋଗଦେଇଥିଲେ। ଅତିଥି ଭାବେ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ଥବିର ଚରଣ ରାଉତରାୟ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ଅର୍ଜୁନ ସାହୁଙ୍କ ସଭା ପରିଚାଳନା କରିଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ଏକ ମୁଣା ସହିତ ଚାରା ବଣ୍ଟନ କରାଯାଇ ନିଜ ନିଜର ଘରେ ରୋପଣ କରିବା ପାଇଁ କୁହାଯାଇଥିଲା।

# ଜମନକିରା ବ୍ଲକ୍ ଓ କଲେଜରେ ଚାରାରୋପଣ



**ଜମନକିରା, ୧୬।୭ (ସମିସ):** ଜନସେବା କେନ୍ଦ୍ର (ସିଏସସି)ର ଅକ୍ଳାନ୍ତ ପରିଶ୍ରମ ଓ ଲୋକଙ୍କୁ ନିର୍ଭୁଲରେ ସେବା ଯୋଗେଇ ଆସୁଥିବା ସିଏସସି ୧୬ ବର୍ଷକୁ ଅବତରଣ କରିଛି। ସିଏସସି ୧୬ ବର୍ଷ ପୂର୍ତ୍ତି ନିମନ୍ତେ ସମଗ୍ର ରାଜ୍ୟରେ ଭିଏଲଇମାନେ ସିଏସସିର ଜନ୍ମଦିନରେ କେକ କାଟିବା ସହ ଚାରାରୋପଣ, ବାଇକ ରାଲି ଓ ସିଏସସି ର ବିଭିନ୍ନ ସେବା ଉଦଘାଟନ କରି ଉତ୍ସାହ ଭାବରେ ପାଳନ କରିଛନ୍ତି। ଜମନକିରା ବ୍ଲକରେ ମଧ୍ୟ ବ୍ଲକର ସମସ୍ତ ଭିଏଲଇମାନେ ନିଜ ନିଜ ସେଣ୍ଟରକୁ ଫୁଲରେ ସଜାଇ କେକ କାଟି ଲୋକଙ୍କୁ ବିଭିନ୍ନ ସେବା ପ୍ରଦାନ କରି ଉତ୍ସବ ପାଳନ କରିଛନ୍ତି। ଏହି ଅବସରରେ ଜମନକିରା ବ୍ଲକ ପରିସରରେ ଲାଲକୃଷ୍ଣ ଜୟପୁରିଆ, ଶୁଭମ ପଟେଲ, ବବଲୁ ପଟେଲ, ଶୁଭମ ପଟେଲ (୨), ଲକ୍ଷ ହଂସ, ସୌରଭ ପଟେଲ, ଲିପନ ନାଏକଙ୍କ ସହ ବ୍ଲକର ଅଧିକାଂଶ ଭିଏଲଇ ଭାଇ ଯୋଗ ଦେଇ ଏକା ସାଙ୍ଗରେ ସିଏସସିର ୧୬ ବର୍ଷ ପୂର୍ତ୍ତିକୁ ନେଇ ଜମନକିରା ମହାବିଦ୍ୟାଳୟର ପରିସରରେ ଚାରାରୋପଣ, କେକ କଟି ଆନନ୍ଦ ଉଲ୍ଲାସ ଭାବରେ ପାଳିନ କରିଥିଲେ।

# ଶୀତଳଷଷ୍ଠୀ ମହୋତ୍ସବ କମିଟି ପକ୍ଷରୁ ଚାରାରୋପଣ

**ବରଗଡ଼, ୧୬।୭ (ସମିସ):** ବରପାଲି ଶୀତଳଷଷ୍ଠୀ ମହୋତ୍ସବ କମିଟି ପକ୍ଷରୁ ଜାତୀୟ ରାଜପଥ କଡରେ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଛ ଗୁଡିକର ଯତ୍ନ ନେବାକୁ ସମସ୍ତେ ଗୋଟିଏ ଲେଖାଏଁ ଗଛକୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପୁର ବିଧାୟକ ସନତ ଗଡ଼ତିଆ ନିଜେ ମାଟି ଖୋଳି ଗଛ ଲଗାଇବା ସହ ସାରଦା ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ଦୈନନ୍ଦିନ ଜୀବନରେ ବୃକ୍ଷର ଉପକାରିତା ଉପରେ ବାର୍ତ୍ତା ଦେଇଥିଲେ। ବିଧାୟକଙ୍କ ସହ ଜିଲ୍ଲା ବନଖଣ୍ଡ ଅଧିକାରୀ ବିକ୍ରମ ଦେବ ପଟ୍ଟନାୟକ, ବରପାଲି ତହସିଲଦାର ରୁକ୍ମଣ ମେହେର, ବରପାଲି ଏନ୍‌ଏସି ଅଧ୍ୟକ୍ଷ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ସଭାପତି ଆନନ୍ଦ ବାବୁ ସମସ୍ତଙ୍କୁ ଚାରା ପ୍ରଦାନ କରିଥିଲେ। ଆସନ୍ତା ବର୍ଷ ୧୪୯ ବର୍ଷରେ ବରପାଲି ଶୀତଳଷଷ୍ଠୀ ପଦାର୍ପଣ କରିବାକୁ ଥିବାରୁ ସେହି ସ୍ମୃତି ଉଦ୍ଦେଶ୍ୟରେ ଆଜି ୧୪୯ ଟି ଚାରାରୋପଣ କରାଯାଇଥିଲା।

# ବିଜେଡି ନେତାଙ୍କ ବିୟୋଗରେ ଶୋକସଭା



**ସମ୍ବଲପୁର, ୧୬।୭ (ସମିସ):** ବିଜେଡି ଯୁବନେତା ପ୍ରବୀର ସିଂଦେଓଙ୍କ ବିୟୋଗରେବିଜୁ ଜନତା ଦଳ ପକ୍ଷରୁ ସାକ୍ଷୀପଡ଼ା ଆଦିବାସୀ କ୍ଲବ୍ ଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେଡିନେତା ତଥା ସମାଜସେବୀ ହରଦୀପ ସିଂହ ଭୁର୍ଜି ଓ ଆଦିବାସୀ କ୍ଲବ୍‌ର ସଭାପତିତ୍ୱରେ ଶୋକସଭା ହୋଇଥିଲା। ସତ୍ୟେନ୍ଦ୍ର ଦାଶ, ଗିରିଧାରୀ ମୁଣ୍ଡା, ହରଦିପ ସିଂ ଭୁର୍ଜି ପ୍ରମୁଖ ସ୍ୱର୍ଗତ ମୁନୁ ସିଂଦେଓଙ୍କ ରାଜନୀତି ଜୀବନ, ସମାଜସେବା, ପରୋପକାର ବିଷୟରେ ଆଲୋକପାତ କରିଥିଲେ। ଏହି ଉଦ୍ଦେଶ୍ୟରେ ଅଞ୍ଚଳର ୪ଟି ଗରିବ ପରିବାରକୁ ଗ୍ୟାସଚୁଲା ଓ ଜଣେ ଅସହାୟଙ୍କୁ ହ୍ୱିଲଚେୟାର ଦିଆଗଲା। କାର୍ଯ୍ୟକ୍ରମରେ ହରିହର ପାଣି, ପ୍ରହଲାଦ ଗୁରୁ, ସହଦେବ ମୁଣ୍ଡା, ଦୁଲାଲ ଚନ୍ଦ୍ର ରାୟ, ପ୍ରଶାନ୍ତ ନାୟକ, ରାଖୀ ମୁଣ୍ଡା, ମାମି ଆଇନ୍ଦ, ମୁନୁ ମୁଣ୍ଡା, ଜ୍ୟୋତି ଆଇନ୍ଦ, ଦିଲ୍ଲୀପ ବୋଷ, ପ୍ରକାଶ ସାହୁ, ନାରାୟଣ ବେହେରା, ଯଜ୍ଞ ମୁଣ୍ଡା, କୁନୁ ବଗର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଶୁକ୍ରବାର ବନ୍ଦ ରହିବ ଟିପିଡବ୍ଲ୍ୟୁଓଡିଏଲ ଦେୟମୁକ୍ତ ଗ୍ରାହକ ଯୋଗାଯୋଗ ନମ୍ବର

**ସମ୍ବଲପୁର, ୧୬।୭ (ସମିସ):** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଗ୍ରାହକ ଯୋଗାଯୋଗ କେନ୍ଦ୍ରର ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଆମର ଦେୟମୁକ୍ତ ଗ୍ରାହକ ଯୋଗାଯୋଗ ନମ୍ବର ୧୮୦୦-୩୪୫-୬୭୯୮ ଆସନ୍ତା ଶୁକ୍ରବାର ୧୮ ତାରିଖ ସକାଳ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ସାମୟିକ ଭାବେ ବନ୍ଦ ରହିବ। ଏହି ସମୟ ମଧ୍ୟରେ ନିରବଚ୍ଛିନ୍ନ ଗ୍ରାହକ ସେବା ସୁନିଶ୍ଚିତ କରିବା ପାଇଁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ବିକଳ୍ପ ଯୋଗାଯୋଗ ନମ୍ବର ୯୦୭୮୫୬୪୧୧୧ ପ୍ରଦାନ କରାଯାଇଛି। ଏହି ଆଧୁନିକୀକରଣ କାର୍ଯ୍ୟ ଗୁଣାତ୍ମକ ଗ୍ରାହକ ସେବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ। ତେଣୁ ସାମୟିକ ସମୟ ପାଇଁ ସେବାରେ ବ୍ୟାଘାତ ଲାଗି ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ପଶ୍ଚିମ ଓଡ଼ିଶାର ସମସ୍ତ ବିଦ୍ୟୁତ୍ ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

# ଯୌନ ଉତ୍ପୀଡ଼ନ ସଚେତନତା କାର୍ଯ୍ୟକ୍ରମ



**ପାଇକମାଲ, ୧୬।୭ (ସମିସ):** ପାଇକମାଲ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ କର୍ମସ୍ଥଳୀରେ ନାରୀମାନଙ୍କ ଉପରେ ହେଉଥିବା ଯୌନ ଉତ୍ପୀଡ଼ନ ତଥା ନାରୀ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସାମ୍ପ୍ରତିକ ସ୍ଥିତିରେ ନାରୀ ଉପରେ ହେଉଥିବା ଆଶାଳୀନ ବ୍ୟବହାର, ନିର୍ଯାତନା ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଅଧ୍ୟକ୍ଷ ଶ୍ରୀ ବାରିକ ମହାବିଦ୍ୟାଳୟର ଶୃଙ୍ଖଳା ତଥା ନାରୀ ସୁରକ୍ଷା ପାଇଁ ଗଠିତ ଆଇସିସି କମିଟି ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଆଇସିସି କମିଟିର ମୁଖ୍ୟ ସଦସ୍ୟା ପ୍ରାଧ୍ୟାପିକା ମୀନା କୁମାରୀ ସାହୁ ଛାତ୍ରଛାତ୍ରୀଙ୍କ ଉପରେ ବିଭିନ୍ନ ସ୍ଥାନରେ ହେଉଥିବା ମାନସିକ ନିର୍ଯାତନା ଉପରେ ସଚେତନ ହେବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଅଧ୍ୟାପକ ପ୍ରଦୀପ କୁମାର ଦେୱାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ ବିଦ୍ୟାର୍ଥୀ ପରିଷଦ ଗଠିତ




**ବରଗଡ଼, ୧୬।୭ (ସମିସ):** ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଶନିବାର ୨୦୨୫-୨୬ ପାଇଁ ନୂତନ ବିଦ୍ୟାର୍ଥୀ ପରିଷଦର ଗଠନ କରାଯାଇଥିଲା। ଏହି ଅବସରରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବିଦ୍ୟାର୍ଥୀ ପରିଷଦର ନେତୃତ୍ୱ ଶ୍ରେଣୀ ୧୧ କମର୍ସର ଆଶୁତୋଷ ସିଂଘାନିଆ (ହେଡ୍ ବଏ) ଓ ଜସମିତ୍ କୌର ବଗ୍ଗା (ହେଡ୍ ଗର୍ଲ) ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରତିଷ୍ଠାତା ସାବିତ୍ରୀ ଦେବୀ ସାୱଡିଆ ଓ ଚେୟାରମ୍ୟାନ୍ ସୁମନ ସାୱଡିଆ ଯୋଗଦେଇ ପରିଷଦର ହେଡ୍ ବୋଏ ଓ ହେଡ୍ ଗର୍ଲଙ୍କୁ ଶ୍ୟାଶ୍ ଓ ବ୍ୟାଜ୍ ପିନ୍ଧେଇ ଦାୟିତ୍ୱ ପ୍ରଦାନ କରିଥିଲେ। ଅନ୍ୟସଦସ୍ୟଙ୍କୁ ଡାଇରେକ୍ଟର ଅଜୀତ ପଟ୍ଟନାୟକ, ଡାଇରେକ୍ଟର ସିଦ୍ଧାର୍ଥ ସାୱଡିଆ, ମେଘା ସାୱଡିଆ, ପ୍ରିନ୍ସିପାଲ୍ କରଣ ସାହୁ, ଏକାଡେମିକ୍ କୋର୍ଡିନେଟର ସୀମା ସାହୁ, କୋର୍ଡିନେଟର ମମତା ସିହ୍ନା ବ୍ୟାଜ୍ ଓ ଶ୍ୟାଶ୍ ପିନ୍ଧେଇ ଦାୟିତ୍ୱ ପ୍ରଦାନ କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟକ୍ଷ ଦେବବ୍ରତ ପାଣିଗ୍ରାହୀ କାର୍ଯ୍ୟକ୍ରମ ଆରମ୍ଭରେ ମନ୍ତ୍ରପାଠ କରିଥିଲେ। ମମତା ସିହ୍ନା ପରିଷଦର ସମସ୍ତ ସଦସ୍ୟଙ୍କୁ ଶପଥ ପାଠ କରାଇଥିଲେ। ଶିକ୍ଷୟିତ୍ରୀ ଅନ୍ୱେଷା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ମାନେଶ୍ୱର ପ୍ରାଥମିକ କୃଷି ସମବାୟ ସମିତି ବୈଠକ

**ସମ୍ବଲପୁର, ୧୬।୭ (ସମିସ):** ମାନେଶ୍ୱର ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା ପରିଷଦର ମାସିକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୃଷି ସମବାୟ ସମିତିର ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ରହି ସମିତିର ବିଭିନ୍ନ କାର୍ଯ୍ୟପନ୍ଥା ଓ ପରିଚାଳନା ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏଥିସହିତ ସମିତିର ଆଗାମୀ ସାଧାରଣ ସଭା ଆସନ୍ତା ସେପ୍ଟେମ୍ବର ୧୦ ତାରିଖ କରିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ପରିଚାଳନା ପରିଷଦ ସଭାପତି ସନ୍ତୋଷ କୁମାର ପଟନାୟକ ସଭା ପରିଚାଳନା କରିଥିଲେ। ସମିତିର ପରିଚାଳନା ସଭ୍ୟ ଚନ୍ଦ୍ର କୁମାର ପୁରୋହିତ, ବିଜୟ କୁମାର ବେହେରା ଓ ମାନଭଞ୍ଜନ ପଶାୟତ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିବାବେଳେ ସମ୍ପାଦକ ଶେଷଦେବ ମେହେର ସମିତିର ବିବରଣୀ ଉପସ୍ଥାପନ କରିଥିଲେ। ଶେଷରେ ଉପସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଝାରବନ୍ଧ ସ୍ନାତକ ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ବରଗଡ଼, ୧୬।୭ (ସମିସ):** ଝାରବନ୍ଧ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟଠାରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରଛାତ୍ରୀ ଫୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ନାରୀ ନିର୍ଯାତନା ବିରୋଧରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପିକା ଜାଜ୍ଞସେନି ନାୟକ, ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ଗଗନ ବିହାରୀ ଦଣ୍ଡସେନା, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ସାର୍ତିକ ସାହୁ, ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ନବୀନ ମେହେର, ଅଧ୍ୟାପିକା ରଶ୍ମି ମହାଲିଙ୍ଗ, ରୀତାଞ୍ଜଳି ଗୁରୁ, ମୀନପ୍ରଭା ପ୍ରଧାନ, ମନୀଷା ଭୋଇ, କିରାଣୀ ବଂଶୀଧର ସେଠୀ, ସହକାରୀ ଲାଇବ୍ରେରୀଆନ ଅଶୋକ ହାତୀ, କିରାଣୀ ବଲ୍ଲଭ ମିର୍ଦ୍ଧା, ଡିଇଓ ଅଞ୍ଜନ ବରିହାଙ୍କ ସହ ଦୁର୍ଯୋଧନ ପାଣ୍ଡେ, ପ୍ରକାଶ ପ୍ରଧାନ ଓ ରୁକ୍ମିଣୀ ସାହୁଙ୍କ ସହ ସମସ୍ତ ଶିକ୍ଷକ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

# ନାକଟିଦେଉଳରେ ସିଏସସି ଦିବସ

**ନାକଟିଦେଉଳ, ୧୬।୭ (ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକରେ ସିଏସସି ଦିବସ ପାଳିତ ହୋଇଯାଇଛି। ନାକଟିଦେଉଳ ହାଟପଦା ଠାରେ ବାହାଡା, କରଞ୍ଜ, ତେନ୍ତୁଳି, ଜାମୁ ଆଦି ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ସାହେବୀ ସରପଞ୍ଚ ରାମପ୍ରସାଦ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆନୁସଙ୍ଗିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବାବୁଲା ସାହୁ, ସମରେନ୍ଦ୍ର ମାଝୀ, ସଚିନ କୁମାର ସାହୁ, ଚିତ୍ତରଞ୍ଜନ ପ୍ରଧାନ, ନିଗମାନନ୍ଦ ସାହୁ, ପ୍ରଶାନ୍ତ କୁମାର ପୁରୋହିତ, ସୁକୁମାର ପ୍ରଧାନ, ଜିତମୟ କୁମାର ସାହୁ, ସିଦ୍ଧାର୍ଥ ବେହେରା, ରିତୁ ବିଶ୍ୱାଳ, ସୁରେଶ ଚନ୍ଦ୍ର ନାଏକ, ଅଶୋକ କୁମାର ପ୍ରଧାନ, ଲକ୍ଷ୍ମୀକାନ୍ତ ନାଏକ, ସୁଶାନ୍ତ ଭୁତିଆ, ପ୍ରଶାନ୍ତ ଦାଶ, ମୁକେଶ ପ୍ରଧାନ, ଓମପ୍ରକାଶ ପ୍ରଧାନ ପ୍ରମୁଖ ଜନସେବା କେନ୍ଦ୍ର ସଞ୍ଚାଳକମାନେ ଉପସ୍ଥିତ ଥିଲେ।

# ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

**ବିଜେପୁର, ୧୬।୭ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ଦୁର୍ଗା ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗା ପୂଜା କମିଟିର ସଭାପତି ଜମିଦାର ତଥା ବିଧାୟକ ସନତ କୁମାର ଗଡ଼ତୀୟା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଜନାର୍ଦ୍ଦନ ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ସଭାକୁ ସଂଯୋଜନା କରିଥିଲେ। କୋଷାଧ୍ୟକ୍ଷ ଗଙ୍ଗାଧର ପଧାନ ବିଗତ ବର୍ଷର ଆୟବ୍ୟୟ ସହ ଚଳିତ ବର୍ଷର ବଜେଟ ଉପସ୍ଥାପନ କରିଥିଲେ। ମୁଖ୍ୟ ପୁରୋହିତ କିଶୋର ଚନ୍ଦ୍ର ପୂଜାରୀ ଲଗ୍ନ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ଯୋଗେନ୍ଦ୍ର ମେହେର, ସରୋଜ କୁମାର ସାହୁ, ଅଜିତ କୁମାର ସାହୁ, ରଜନୀକାନ୍ତ ଗଡ଼ତିଆ, ସନ୍ତୋଷ ଦେହେରୀ, ସୁରେନ୍ଦ୍ର ମହାପାତ୍ର, ପାଣବ ପଧାନ, ସୁବ୍ରତ ରଥ, ତାପସ ଗଡ଼ତିଆ, ନବୀନ ସାହୁ, ଅନନ୍ତ ଗଡ଼ତିଆ, ମହେଶ ଦେବତା, ପ୍ରେମାନନ୍ଦ ମହାପାତ୍ର, ଚିନ୍ମୟ ଲେଙ୍କା, ସଞ୍ଜିବ ପଣ୍ଡା, ଜୟକୃଷ୍ଣ ଷଡ଼ଙ୍ଗୀ, ଯୋଗିନ୍ଦ୍ର ପଧାନ, କୈଳାସ ଗଡ଼ତିଆ, ତ୍ରିଲୋଚନ ମେହେର, ପ୍ରଦୀପ ମାହାଣା, ରାଜେଶ୍ୱର ବେହେରା, କିଶୋର ଷଡ଼ଙ୍ଗୀ, ସୁରେଶ ସାହୁ, ହୃଷୀକେଶ ମେହେର, ସଚିଦାନନ୍ଦ ଗଡ଼ତିଆ, ଚୁଡ଼ାମଣି ଭୋଇ ପ୍ରମୁଖ ଯୋଗଦେଇଥିଲେ। ଚଳିତ ବର୍ଷ ଆଡ଼ମ୍ବର ସହକାରେ ସାର୍ବଜନୀନ ଦୁର୍ଗା ପୂଜା ପାଳନ ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ଶେଷରେ ସମ୍ପାଦକ ଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'କ୍ୟାମ୍ପସ୍‌ରୁ ବାହାରି ଗୋଷ୍ଠୀସେବା ହିଁ ସ୍ୱେଚ୍ଛାସେବୀର ପରିଚୟ'

## ପଶ୍ଚିମ ଓଡ଼ିଶାସ୍ତରୀୟ ଜାତୀୟ ସେବା ଯୋଜନା ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର

**ସମ୍ବଲପୁର, ୧୬।୭ (ସମିସ)**

ବିଦ୍ୟା ବିକାଶ ଅନୁଷ୍ଠାନ ସମୂହ ସମ୍ବଲପୁରର ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଜାତୀୟ ସେବା ଯୋଜନା ଦ୍ୱାରା ସମୀକ୍ଷା ବୈଠକ ତଥା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଇଯାଇଛି। ଏଥିରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ନୂଆଁପଡ଼ା, ସୁନ୍ଦରଗଡ଼, ବଲାଙ୍ଗିର, ସୁବର୍ଣ୍ଣପୁର, ବୌଦ୍ଧ, ଦେବଗଡ଼ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶାଖାର କାର୍ଯ୍ୟକାରୀ ସଂଯୋଜକ ଏବଂ ଜିଲ୍ଲା ସଂଯୋଜକମାନେ ଯୋଗ ଦେଇଥିଲେ। ବିଦ୍ୟା ବିକାଶ ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଚେୟାରମ୍ୟାନ ମୃଣାଳକାନ୍ତି ଦାଶ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରତ୍ୟକ୍ଷ



ଭାବରେ ପ୍ରତ୍ୟେକ ସଂଯୋଜକଙ୍କ ସହିତ ତାଙ୍କ ଶାଖାର ବିଭିନ୍ନ କାର୍ଯ୍ୟକଳାପ ବିଷୟରେ ଆଲୋଚନା କରିଥିଲେ ଏବଂ ଅଗାମୀ ଦିନରେ କିପରି ଏନ୍‌ଏସ୍‌ଏସ୍ ଆହୁରି ଲୋକାଭିମୁଖୀ ହେବ ସେନେଇ ମାର୍ଗଦର୍ଶନ କରିଥିଲେ। କ୍ୟାମ୍ପସରୁ ବାହାରି ଗୋଷ୍ଠୀସେବା ପାଇଁ ଉତ୍ସର୍ଗୀକୃତ ହେବା ହିଁ ପ୍ରକୃତ ସ୍ୱେଚ୍ଛାସେବୀର ପରିଚୟ ବୋଲି ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ମତବ୍ୟକ୍ତ କରିଥିଲେ। ଏନ୍‌ଏସ୍‌ଏସ୍ ଯୁବ ଅଧିକାରୀ ଅଜିତ କୁମାର ଓ ବରିଷ୍ଠ ଜିଲ୍ଲା ସଂଯୋଜକ ପ୍ରତାପଚନ୍ଦ୍ର ଦାସ ପ୍ରଶିକ୍ଷକ ଭାବରେ ଯୋଗଦେଇ ଯଥାକ୍ରମେ ମାଇଁ ଭାରତ୍ ପୋର୍ଟାଲରେ ପଞ୍ଜୀକରଣ ଓ ଶାରୀରିକ ସୁସ୍ଥତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଶିବିରରେ ବିଦ୍ୟା ବିକାଶ ସମୂହର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଜି ଭାସ୍କର ରାଓ, ନିର୍ଦ୍ଦେଶକ ଜି ରାମକ୍ରିଷ୍ଣା, ମୁଖ୍ୟ ପ୍ରଶାସନିକ ଅଧିକାରି ସଞ୍ଜିବ କୁମାର ବାବୁ, ବିକାଶ ଦ କନସେପ୍ଟ ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ଡଃ ପୁଷ୍ପିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ ରାଜ୍ୟ ସଂଯୋଜକ ଡଃ ବିଶ୍ୱମୋହନ ଜେନା ଏବଂ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସଂଯୋଜକ ମନୋରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ଶେଷରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡଃ ଦିବ୍ୟସିଂହ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣା

## ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ବିଜେଡି



ଭେଡେନ, ୧୬।୭ (ସମିସ)

ବାଲେଶ୍ୱର ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନିର୍ଯାତନା ଦିଆଯିବା ଓ ତାଙ୍କର ଆତ୍ମାହୁତି ଘଟଣାର ପ୍ରତିବାଦରେ ଭେଡେନ ବ୍ଲକ ବିଜେଡି ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରାଙ୍କ ନେତୃତ୍ୱରେ ବହୁ ନେତା ଓ କର୍ମୀ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ଭେଡେନ ପରିକ୍ରମା କରିଥିଲେ। ପରେ ଛକଠାରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଉଭୟଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପରେ ମୃତ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟର ନିରବ ପ୍ରାର୍ଥନା କରାଯିବା ସହ ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଲାମଣି ଖେତି, ଜିଲ୍ଲା ପରିଷଦ ସଭ୍ୟସଭ୍ୟା ପଦ୍ମିନି ଗଡ଼ତିଆ, ପିଙ୍କି ବଡ଼େଇ, ସତ୍ୟଜିତ ପୁରୋହିତ, ଅକ୍ଷୟ ନାଏକ, ସୁରେନ୍ଦ୍ର କର୍ମୀ, ତୋଷବନ୍ତ ବେହେରା, ଦିଲିପ ରଥ, ନରସିଂହ ରଥ, ଠାକୁର ଦଳେଇ, ମହେନ୍ଦ୍ର ମେହେର, ମାନ ମାଡ଼ପାଚି, ବଳରାମ ସାହୁ, ମନୋଜ ବରେଇ, ସାନନ୍ଦ ବେହେରା, ପ୍ରମୋଦ ଲୁହା, ସାହାଦତ ଖାଁ, ରାଜେଶ ଅଗ୍ରୱାଲ, ଆନନ୍ଦ କର୍ମୀ, ସୁଶାନ୍ତ ସାହୁ, ଘନ ମେହେର, କୁନା ମିଶ୍ରଙ୍କ ସମେତ ବ୍ଲକର ଅନେକ କର୍ମୀ ଉପସ୍ଥିତ ଥିଲେ।

## ଦୋଷୀଙ୍କୁ ଉଚିତ୍ ଦଣ୍ଡ ଦେବାକୁ ନେଇ ଗର୍ଜିଲା କଂଗ୍ରେସ

ବରଗଡ଼, ୧୬।୭ (ସମିସ): ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ବୁଧବାର ବରଗଡ଼ ରାଜରାସ୍ତାରେ ଗର୍ଜିଛି ଜିଲ୍ଲା ଯୁବ କଂଗ୍ରେସ। ଏହି ଅବସରରେ ଗାନ୍ଧୀ ଛକରେ ଯୁବ କଂଗ୍ରେସର ବହୁ ସଦସ୍ୟ ଉପସ୍ଥିତ ରହି ସ୍ୱର୍ଗତ ସୌମ୍ୟାଶ୍ରୀଙ୍କ ଆମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ।



ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ଦାୟୀ ଥିବା ଦୋଷୀଙ୍କୁ ଉଚିତ୍ ଦଣ୍ଡ ଦେବାକୁ କଂଗ୍ରେସ ଦାବି କରିଥିଲା। ଏଥିସହ ଏହି ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୁରଜ୍ ସୂର୍ଯ୍ୟବଂଶି ଦାୟୀ କରିବା ସହ ଦୁହେଁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବରଗଡ଼ ଯୁବ କଂଗ୍ରେସ ସଭାପତି ଅମିତ୍ ଆଚାର୍ଯ୍ୟ ଦାବି କରିଥିଲେ। ଦୋଷୀଙ୍କୁ ଉଚିତ ଦଣ୍ଡ ପ୍ରଦାନ କରା ନ ଗଲେ ଯୁବ କଂଗ୍ରେସ ସୁବାସ ବୋଷଙ୍କ ନୀତି ଆଦର୍ଶ ଦୋହରାଇବାକୁ ବାଧ୍ୟ ହେବ ବୋଲି ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌରବ ପତି ଆଜାଦ ଦୃଢ଼ ସ୍ୱରରେ କହିଛନ୍ତି। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ନିପନ କୁମାର ଦାସ, ଆଜାଦ ପତି, ପପୁ କୁମ୍ଭାର, ଆଶିଷ ବେହେରା, ଅମିତ ନାଏକ, ସୁବରାଜ ନାଏକ, ରଜତ ପାତ୍ର, ଗୋବିନ୍ଦ ମେହେର, ମନୋରଞ୍ଜନ ମେହେର, ନିତିନ ଦାସ, ସଞ୍ଜୟ ବରର୍ତ୍ତି, ସନ୍ତୋଷ ଗୁପ୍ତା, ପିକୁନ ନାଏକ, ମୁନୁ କର, ସନ୍ତୋଷ ସାହୁ, ନିତିସ ସୁନା, ଅମର କାନ୍ତ ବେଦୋ, ବିଜୁ ପ୍ରଧାନ, ନାଗାର୍ଜୁନ ପ୍ରଧାନ ପ୍ରମୁଖ ଯୁବ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ।

## ସୌମ୍ୟାଶ୍ରୀଙ୍କ ସ୍ମୃତିରେ ମହିଳା ସମିତିର ଚାରାରୋପଣ

ବରଗଡ଼, ୧୬।୭ (ସମିସ): ତୋରା କଲେଜରେ ବରଗଡ଼ ମହିଳା ସମିତି ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ତଥା ବନ ମହୋତ୍ସବ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଶ୍ରୀରାମ କର, ମହିଳା ସମିତି ଅଧ୍ୟକ୍ଷା ଅଞ୍ଜନା ଦାସ ମିଳିତ ଭାବରେ ଏକ ଚାରା ଲଗାଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହାପରେ ସଦସ୍ୟା ଗଣ ବିଭିନ୍ନ କିସମର ଚାରା କଲେଜ ପରିସରରେ ରୋପଣ କରିଥିଲେ। ବାଲେଶ୍ୱର ଏଫଏମ କଲେଜର ଛାତ୍ରୀ ସୌମ୍ୟାଶ୍ରୀଙ୍କ ସ୍ମୃତିରେ ମଧ୍ୟ ଏକ ଚାରା ଲଗାଯାଇଥିଲା। ଏହି ଅବସରରେ କଲେଜ ଅଧ୍ୟକ୍ଷ ଶ୍ରୀ କରଙ୍କୁ ସମିତି ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏଥିରେ କଲେଜର



କର୍ମଚାରୀ ଯୁଧିଷ୍ଠିର ସାହୁ, ଗୁରୁଦେବ ପ୍ରଧାନ, କିଶୋର ଷଣ୍ଢ, ପ୍ରଫୁଲ୍ଲ ପୁଝାରୀ ସହଯୋଗ କରିଥିଲେ। ସମିତିର ସମ୍ପାଦିକା ସୁଧାଂଶୁବାଳା ଦାଶ, କୋଷାଧ୍ୟକ୍ଷ ମମତା ମିଶ୍ରଙ୍କ ସମେତ ଡ. କମଳିନୀ ଶତପଥୀ, ସୁନିତା କର, କନକ ପ୍ରଧାନ, ସ୍ୱାଧିନୀ ଦାଶ, ଜୟଗୀତା ପଣ୍ଡା, ପ୍ରତିମା ବାରିକ, ତନିମା ଦାଶ, ପଦ୍ମିନୀ ସାହୁ, ଶୈବଳିନୀ ପଣ୍ଡା, ସରିତା ସଲୋନୀ ଦାସ, ବାସନ୍ତୀ ଗଡ଼ତିଆ, ସସ୍ମିତା ପଟ୍ଟନାୟକ, ରିନୁ ପତି, ମାମି ମିଶ୍ର, ଅନିମା ଚକ୍ରବର୍ତ୍ତୀ, ମାନସୀ ପ୍ରଧାନ, ମୀନା ପଣ୍ଡା, ଦିବ୍ୟକାନ୍ତି ଭୋଇ, ଜୟନ୍ତୀ ପ୍ରଧାନ, ବିନୋଦିନୀ ପଧାନ, ପ୍ରଣତି ପଣ୍ଡା, ସଂଘମିତ୍ରା ପଟେଲ, ମୀନାକ୍ଷୀ କର, ସୁମିତ୍ରା ଦାଶ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ସୌମ୍ୟାଶ୍ରୀଙ୍କୁ ବରଗଡ଼ ନାଗରିକ ମଞ୍ଚର ଶ୍ରଦ୍ଧାଞ୍ଜଳି

ବରଗଡ଼, ୧୬।୭ (ସମିସ): ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛି ବରଗଡ଼ ନାଗରିକ ମଞ୍ଚ। ବରଗଡ଼ ଗାନ୍ଧୀଛକଠାରେ ମଞ୍ଚର ସଦସ୍ୟମାନେ କ୍ୟାଣ୍ଡେଲ



ଜଳାଇବା ସହ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭାପତି ଭୀଷ୍ମ ସରାଫ ଦୋଷୀମାନଙ୍କୁ କଡ଼ା ଦଣ୍ଡ ଦେବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଂକୁ ନନ୍ଦ, ଭବାନୀ ସାହୁ, ଶୟନ ପଣ୍ଡା, ନିଖିଳ ପାଣିଗ୍ରାହୀ, ଜୀବନ ଲାଲ ଚୌଧୁରୀ, ଗୋବିନ୍ଦ ଶର୍ମା, ନିତ୍ୟାନନ୍ଦ ବାଗ, ଅଲିମ ରିଜବୀ, ସୁରଥ ସାହୁ, ଆଶିଷ ତ୍ରିପାଠୀ, ମହେନ୍ଦ୍ର ପୁରୋହିତ, ଶିବାନନ୍ଦ ମଟରୀ, ଲାଲା ଦୀପ, ସୁବାଷ ପ୍ରଧାନ, ଜିଭି ରାଓ, ସୁଦାମ ସାହୁ, ମୁକୁନ୍ଦ ତାଣ୍ଡି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ପଦ୍ମପୁର-ସୋହେଲା ରାସ୍ତାରେ ଜମୁଛି ପାଣି

ପଦ୍ମପୁର, ୧୬।୭ (ସମିସ): ପଦ୍ମପୁରରୁ ସୋହେଲା ବିଜୁ ଏକ୍ସପ୍ରେସ ରାସ୍ତାର କନସିଂହା କୁମୁନିବାହାଲି ଛକରେ ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣି ଜମୁଥିବା ଦେଖିବାକୁ ମିଳିଛି। ଫଳରେ ଉକ୍ତ ରାସ୍ତା



ଦେଇ ଯାତାୟାତ କରୁଥିବା ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହଜାର ହଜାର ସଂଖ୍ୟକ ଯାନବାହାନ ଯାତାୟାତ କରୁଥିବା ବେଳେ ପାଣି ଯୋଗୁଁ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି। ତେଣୁ ତୁରନ୍ତ ଏହି ରାସ୍ତାକୁ ନିର୍ମାଣ କରିବାକୁ ଦାବି ହୋଇଛି।

## ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଭେଡେନ, ୧୬।୭ (ସମିସ): ଭେଡେନ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକ ପଞ୍ଚାୟତ ସମିତି ପକ୍ଷରୁ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ



ସାମାଜିକ ସୁରକ୍ଷା ଅଧିକାରୀ ଚକ୍ରପାଣି ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅତିଥିଭାବେ ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଲାମଣି ଖେତି, ବିଡିଓ କର୍ଣ୍ଣ ସୁନା, ଏବିଡ଼ିଓ ପ୍ରିତେଶ ଦୋରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ, ରକ୍ଷୁଡା ସରପଞ୍ଚ ସୁରେନ୍ଦ୍ର କର୍ମୀ, ଭେଡେନ ସରପଞ୍ଚ ଅକ୍ଷୟ ନାଏକ, ଅଏଲାପାଲି ସରପଞ୍ଚ ଡମ୍ବରୁଧର ପାଣ୍ଡେ, ସମିତି ସଭ୍ୟ ତୋଷବନ୍ତ ବେହେରା, ଲୁହଖଣ୍ଡି ସରପଞ୍ଚ ଉମାକାନ୍ତ ମହାକୁର ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୩୮୦ ଜଣ ଭିନ୍ନକ୍ଷମଙ୍କ ଚିକିତ୍ସା କରାଯାଇଥିବାବେଳେ ଶିବିର ପରିଚାଳନାରେ ବ୍ଲକ ପ୍ରୋଗ୍ରାମ ଅଫିସର ଭକ୍ତବନ୍ଧୁ ମହାନ୍ତି, ଚିନ୍ତାମଣୀ ମେହେରଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## 'ସହଯୋଗ'ର ସ୍ୱନକ୍ଷତ୍ରରେ ରକ୍ତଦାନ ଶିବିର

ପଦ୍ମପୁର, ୧୬।୭ (ସମିସ): ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ସହଯୋଗ'ର ଦ୍ୱିତୀୟ ସ୍ୱନକ୍ଷତ୍ର ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏହି ଶିବିରକୁ ବିଧାୟିକା ବର୍ଷା ସିଂ ବରିହା ଓ



ଅତିରିକ୍ତ ଜିଲ୍ଲାପାଳ କୁନାଲ ମୋତିରାମ ଚଭନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ (ଏଡିଏମ୍) ଶ୍ରୀ ଚଭନ ନିଜେ ରକ୍ତଦାନ କରି ଏହାକୁ ଶୁଭାରମ୍ଭ କରିଥିଲେ। ଶିବିରରେ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପଦ୍ମପୁର ରକ୍ତଭଣ୍ଡାରର ସଂଗ୍ରାମ କେଶରୀ ମହାନ୍ତ, ସୁମିତ୍ ସିହ୍ନା ପ୍ରମୁଖ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ମୌସମ ପାଗୋଡ଼ା, ସମ୍ପାଦକ ତାପସ ନାୟକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସମ୍ବଲପୁରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ପଦ୍ମପୁର, ୧୬।୭ (ସମିସ): ପଦ୍ମପୁର ଉପଖଣ୍ଡ ସମ୍ବଲପୁରୀ ଉଚ୍ଚ ବିଦ୍ୟାଳୟରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପ୍ରକୃତି ବନ୍ଧୁ ତଥା ଅବସରପ୍ରାପ୍ତ ଶିକ୍ଷକ ଭୁବନେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜଗଦଳପୁର ସେକ୍ସନର ବନପାଳ ରାଧାକାନ୍ତ କୁମ୍ଭାର, ପଦ୍ମପୁର ବନପାଳ ପୂର୍ଣ୍ଣଚନ୍ଦ୍ର ଦୋରା, ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଲଖମରାର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ହୋତା ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ମହୀପାଳ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଇକୋ କ୍ଲବ ଗାଇଡ଼ ଶିକ୍ଷକ ବିନୋଦ ବିହାରୀ ସାହୁ ସଂଯୋଜନା କରିଥିଲେ। ଶିକ୍ଷକ ନରସିଂହ ନାୟକ, ଘନଶ୍ୟାମ ପ୍ରଧାନ, ରାମଲାଲ ପ୍ରଧାନ, କର୍ମଚାରୀ ଗଦାଧର ପୋଢ଼, ମନୋଜ ଅଗ୍ରୱାଲ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ଆୟୋଜିତ ସଭାରେ ବଞ୍ଚିବା ପାଇଁ ଗଛଟିଏ ଲଗାଇବାକୁ ଅତିଥିଗଣ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତି



ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ନିରାକାର ପ୍ରଧାନ ଏହାକୁ ସଂଯୋଜନା କରିଥିବାବେଳେ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପ୍ରମୋଦ ନାୟକ ଧନ୍ୟବାଦ ଦେଇଥିଲେ।

## ବୈତାଳି କ୍ଲଷ୍ଟରରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

ବରଗଡ଼, ୧୬।୭ (ସମିସ): ଝାରବନ୍ଧ ବ୍ଲକ ବୈତାଳି କ୍ଲଷ୍ଟର ଅନ୍ତର୍ଗତ ବିଦ୍ୟାଳୟ ଗୁଡିକରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନେ ମା'ମାନଙ୍କ ସହ ଚାରାରୋପଣ କରିଥିଲେ। କ୍ଲଷ୍ଟର ସିଆରସିସି ଦିବସ କୁମାର ସାହୁ ପ୍ରଥମେ



ସମସ୍ତ ବିଦ୍ୟାଳୟର ଇକୋ କ୍ଲବ ଫର ମିଶନ ଲାଇଫର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକମାନଙ୍କ ସହ ଏକ ବୈଠକ କରି ସମସ୍ତ ଛାତ୍ରଛାତ୍ରୀ ନିଜ ମା'ଙ୍କ ନାମରେ ଗୋଟିଏ ଲେଖାଏଁ ଚାରାରୋପଣ କରିବା ପାଇଁ ଆଲୋଚନା କରିଥିଲେ। ଏଥିପାଇଁ ବିଦ୍ୟାଳୟସ୍ତରକୁ ଆସୁଥିବା ପାଣ୍ଠିର ସୁବିନିଯୋଗ କରି ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଚାରା ଯୋଗେଇ ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଶିକ୍ଷକମାନେ ନିକଟସ୍ଥ ନର୍ସରୀମାନଙ୍କ ଠାରୁ ଚାରା ଆଣି ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରିଥିଲେ। ଛାତ୍ରଛାତ୍ରୀମାନେ ସେହି ଚାରା ନେଇ ଘରେ ନିଜ ମା'ଙ୍କ ସହ ମିଶି ରୋପଣ କରିଛନ୍ତି। ଏହାଦ୍ୱାରା ବୈତାଳି କ୍ଲଷ୍ଟରର ୧୧ଟି ବିଦ୍ୟାଳୟରେ ପାଖାପାଖି ଏକ ହଜାର ଚାରାରୋପଣ ଲକ୍ଷ୍ୟ ରଖାଯାଇଛି।

## ଶିଶୁ ସାମ୍ବାଦିକ ତାଲିମ ପାଇଁ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍‌ର ପତ୍ର

ବରଗଡ଼, ୧୬।୭ (ସମିସ): ଝାରବନ୍ଧ ଶିକ୍ଷା ବିଭାଗରେ ଥିବା ସମସ୍ତ ବିଦ୍ୟାଳୟର ଶିଶୁ ସାମ୍ବାଦିକଙ୍କ ତାଲିକା ପ୍ରଦାନ ଏବଂ ସମସ୍ତ ବିଦ୍ୟାଳୟର ବିଦ୍ୟାଳୟ ମନ୍ତ୍ରୀ ମଣ୍ଡଳକୁ କାର୍ଯ୍ୟକ୍ଷମ କରିବା ସକାଶେ ବୁଧବାର ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧ ତରଫରୁ



ଶୁଭମ କୁମାର ପତିଙ୍କୁ ଏକ ଅନୁରୋଧ ପତ୍ର ପ୍ରଦାନ କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଅନୁପସ୍ଥିତ ଥିବାରୁ ଏବିଇଓ ଦୟାନିଧି କୈବର୍ତ୍ତ ଏହାକୁ ଗ୍ରହଣ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧର ସଭାପତି ମୋତିଲାଲ ବାଗଙ୍କ ସହିତ ସମ୍ପାଦକ ସୋମନାଥ ବାଗ, ମିଡ଼ିଆ ପ୍ରଭାରୀ ନାରାୟଣ ଶତନାମୀ ପ୍ରମୁଖ ସାମିଲ ଥିଲେ। ଚଳିତ ବର୍ଷ ଅଗଷ୍ଟ ମାସ ଶେଷ ସପ୍ତାହ ସୁଦ୍ଧା ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧ ତରଫରୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଅଧୀନରେ ଥିବା ଦଶ ଗୋଟି କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିଶୁ ସାମ୍ବାଦିକଙ୍କୁ ନେଇ ଶିଶୁ ସାମ୍ବାଦିକ ତାଲିମ ଶିବିର ଆୟୋଜନ କରିବାର ପ୍ରସ୍ତାବ ରହିଥିବା ସୂଚନା ମିଳିଛି।

## ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

ବିଜେପୁର, ୧୬।୭ (ସମିସ): ବରଗଡ଼ ଜିଲ୍ଲା ବିଜେପୁର ଥାନା ଅନ୍ତର୍ଗତ ଚାରପାଲି ଗ୍ରାମରେ ୨୦୧୯ ମସିହାରେ ଘଟିଥିବା ଏକ ହତ୍ୟାକାଣ୍ଡ ମାମଲାର ବିଚାରଣା କରି ପଦ୍ମପୁର ଅତିରିକ୍ତ ବିଚାରପତି ସୂର୍ଯ୍ୟନାରାୟଣ ଦ୍ୱିବେଦୀ ହତ୍ୟକାରୀକୁ ଆଜୀବନ କାରାଦଣ୍ଡ ସହ ୨୫ ହଜାର ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ହତ୍ୟାକାରୀ ଜଣକ ହେଲେ ଚାରପାଲି ଗ୍ରାମର ମହାବୀର ସାହୁ। ଘଟଣାକୁ ନେଇ ବିଜେପୁର ଥାନାରେ କେସ ନଂ ୭୯/୨୪.୦୪.୨୦୧୯, ଧାରା-୩୪୧/୩୨୩/୩୦୨/୩୦୭ ଆଇପିସି ଅନୁସାରେ ତତ୍କାଳିନ ଆଇଆଇସି ରାଜେନ୍ଦ୍ର ଶିଆଳ ଏହି ହତ୍ୟାକାଣ୍ଡର ତଦନ୍ତ କରି ଦୋଷୀ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ସରକାରୀ ଓକିଲ ଭାବରେ ଉମେଶ ଚନ୍ଦ୍ର ସାହୁ ଏହି ମାମଲାରେ ପରିଚାଳନା କରିଥିଲେ।

## ଅଘୋଷିତ ବିଦ୍ୟୁତ୍‌କାଟ୍‌କୁ ନେଇ ଅସନ୍ତୋଷ

ପଦ୍ମପୁର, ୧୬।୭ (ସମିସ): ପଦ୍ମପୁର ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍‌କାଟ୍‌କୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ କର୍ତ୍ତୃପକ୍ଷ ମନଇଚ୍ଛା ବିଦ୍ୟୁତ କାଟୁଥିବା ଅଭିଯୋଗ ହୋଇଛି। ଖରା ସମୟରେ ପାଣିର ଅଭାବ ଥିବାରୁ ବିଦ୍ୟୁତ ଉତ୍ପାଦନ କମ୍ ହେଉଥିବା କାରଣରୁ ବିଦ୍ୟୁତ୍‌କଟ୍ ନାମରେ ବିଦ୍ୟୁତ ସରବରାହ ବନ୍ଦ କରୁଥିଲେ। ବର୍ତ୍ତମାନ ପ୍ରଚୁର ପରିମାଣରେ ବର୍ଷା ହେଉଥିଲେ ସୁଦ୍ଧା କୌଣସି କାରଣ ନ ଥାଇ ଅଘୋଷିତ ବିଦ୍ୟୁତକାଟ୍ ହେଉଛି। ବର୍ଷା ଦିନରେ ବିଦ୍ୟୁତ କାଟ ଦ୍ୱାରା ଉପଭୋକ୍ତା ବହୁତ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ତେଣୁ ଉଚ୍ଚ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ୩ ଅଙ୍ଗନବାଡ଼ି କେନ୍ଦ୍ର ମରାମତି କାର୍ଯ୍ୟ ଆରମ୍ଭ

ବରଗଡ଼, ୧୬।୭ (ସମିସ): କଟାପାଲିର ୩ ଅଙ୍ଗନବାଡି କେନ୍ଦ୍ରଗୁଡିକର ମରାମତି କାର୍ଯ୍ୟ ଆଦାନୀ ଫାଉଣ୍ଡେସନ ତରଫରୁ ଆରମ୍ଭ କରାଯାଇଛି। କଟାପାଲି ସରପଞ୍ଚ ରମେଶ ଚନ୍ଦ୍ର ସାହୁ ପୂଜାର୍ଚ୍ଚନା କରିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଠାରେ କୁନି କୁନି ଶିଶୁଙ୍କ ପାଇଁ ଖେଳଣା, ଜୀବ ଜନ୍ତୁ, ଫୁଲ ଫଳ, ପରିବେଶ ସଚେତନତା ଇତ୍ୟାଦି ବିଷୟରେ



ଥିବା ପାଠ୍ୟ ପୁସ୍ତକ ରଖାଯିବ। ଅଙ୍ଗନବାଡି କେନ୍ଦ୍ର ଚାରପାର୍ଶ୍ୱରେ ବୃକ୍ଷରୋପଣ କରାଯାଇ ଖୁବ୍ ସବୁଜ ସୁନ୍ଦର ପରିବେଶ ନିର୍ମାଣ କରାଯିବ। ଖାଇବା ଜିନିଷପତ୍ର ସବୁ ସ୍ୱାସ୍ଥ୍ୟକୁ ଦେଖି ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ଆଦାନୀ ଫାଉଣ୍ଡେସନ ପ୍ଲାଣ୍ଟ ହେଡ୍ ସୁକାନ୍ତ ସାମନ୍ତ କହିଛନ୍ତି। ଆଜିର କାର୍ଯକ୍ରମରେ ଆଦାନୀ ଫାଉଣ୍ଡେସନ ଷ୍ଟାଫ ପ୍ରଦୀପ୍ତ ମହାନ୍ତି, ଅଙ୍ଗନବାଡି କର୍ମୀ ଓ ଗାଁ ପ୍ରମୁଖ ମାନେ ଉପସ୍ଥିତ ଥିଲେ।

### ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ମରୁଡ଼ି

## ୩ ଶ୍ରେଣୀର ୧୫୪ ପିଲାଙ୍କୁ ପଢ଼ାଉଛନ୍ତି ୨ କଳା ଶିକ୍ଷକ

ଦହିତା, ୧୬।୭ (ସମିସ)

**ଖାଲିପଡ଼ିଛି ବିଜ୍ଞାନ, ଗଣିତ ଶିକ୍ଷକ ପଦ**

ପଦ୍ମପୁର ଉପଖଣ୍ଡ ଦହିତାସ୍ଥିତ ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ମରୁଡ଼ି ମୁଖ୍ୟ ସମସ୍ୟା ହୋଇଛି। ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ୧୫୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ପାଇଁ ମାତ୍ର ଦୁଇଜଣ ଶିକ୍ଷକ ରହିଛନ୍ତି। ଉକ୍ତ ଦୁଇଜଣ କଳା ଶିକ୍ଷକ ଥିବା ବେଳେ ବିଜ୍ଞାନ, ଗଣିତ ବିଷୟର ଶିକ୍ଷକ ନଥିବାରୁ ଏହି ବିଷୟର ଅଧ୍ୟୟନରୁ ଛାତ୍ରଛାତ୍ରୀ ବଞ୍ଚିତ ହେଉଛନ୍ତି। ସେହିପରି ନବମ ଦଶମ ଶ୍ରେଣୀ ପାଇଁ ଏଠାରେ ବିଜ୍ଞାନ ଶିକ୍ଷକ ନାହାଁନ୍ତି। ପୂର୍ବରୁ ଏଠାରେ ଅବସ୍ଥାପିତ ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ପୁରେନା ହାଇସ୍କୁଲକୁ ଡେପୁଟେସନରେ ପଠାଯିବା ପରେ ଏଠାରେ ଏହି ପଦ ଖାଲି ପଡ଼ିଛି। ଫଳରେ ନବମ, ଦଶମ ଶ୍ରେଣୀ ପଢୁଥିବା ୨୭୨ ଜଣ ଛାତ୍ରଛାତ୍ରୀ ବିଜ୍ଞାନ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଉଭୟ ଷଷ୍ଠରୁ ଅଷ୍ଟମ ଏବଂ ନବମ, ଦଶମ ଶ୍ରେଣୀ ପାଇଁ ଗଣିତ ବିଜ୍ଞାନ ପାଠପଢ଼ା ନ ହେଲେ ଛାତ୍ରାଛାତ୍ରୀ କିପରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ବୋଲି ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ଏନେଇ ବହୁବାର ବ୍ଲକ ଶିକ୍ଷାଧିକାରୀଙ୍କୁ ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳିପାରୁ ନାହିଁ। ଯୁଦ୍ଧକାଳୀନ ଭିତ୍ତିରେ ଏଠାରେ ଗଣିତ, ବିଜ୍ଞାନ ଶିକ୍ଷକ ଯୋଗାଇ ଦିଆଯିବାକୁ ଅଭିଭାବକମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ବଡ ଧରଣର ଅନ୍ଦୋଳନକୁ ଏଡାଇ ଦିଆଯାଇ ନପାରେ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପେନ୍ଦ୍ର ପଟେଲ କହିଛନ୍ତି।

## ବଜ୍ରପାତ ଓ ସର୍ପଦଂଶନରୁ ରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ

ବରଗଡ଼, ୧୬।୭ (ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ ସ୍ଥିତ ସତିହାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବଜ୍ରପାତରୁ ସୁରକ୍ଷା ଓ ସର୍ପଦଂଶନ ମୃତ୍ୟୁକୁ କମାଇବା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ



ଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୁନିଅର୍ ରେଡକ୍ରସର କାଉନସେଲର ଜ୍ୟୋସ୍ନା ମହାନନ୍ଦ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ବିଷୟରେ ସୂଚନା ଦେଇଥିଲେ। ଶିକ୍ଷୟିତ୍ରୀ ବନ୍ଦିତା ପଧାନ ବଜ୍ରପାତଜନିତ ବିପଦକୁ ଏଡ଼ାଇବା ପାଇଁ କି କି ସାବଧାନତା ଅବଲମ୍ବନ କରିବା ଉଚିତ ସେ ସମ୍ପର୍କରେ ଧାରଣା ଦେଇଥିଲେ। ପ୍ରଶିକ୍ଷକ ଭାବରେ ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଯୋଗଦେଇ ବିଷାକ୍ତ ସାପମାନଙ୍କ ପରିଚୟ, ସୁରକ୍ଷିତ ଅଭ୍ୟାସ, ସର୍ପ ଦଂଶନରେ ପ୍ରାଥମିକ ଚିକିତ୍ସା ଉପରେ ତଥ୍ୟ ପ୍ରଦାନ କରିଥିଲେ। ସର୍ପଦଂଶନ କ୍ଷେତ୍ରରେ ଆଶୁ ଚିକିତ୍ସା ପାଇଁ କଣ କଣ କରିବା ଉଚିତ୍ ସେ ସମ୍ପର୍କରେ ଭଟଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଝସକେତନ ଧରାଇ ଶିକ୍ଷାର୍ଥୀମାନଙ୍କୁ ଧାରଣା ଦେଇଥିଲେ। ଶେଷରେ ଶିକ୍ଷକ ଜ୍ଞାନ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସିଆର୍‌ସିସି ଲୋକନାଥ ମେହେର, ଶିକ୍ଷୟିତ୍ରୀ ଡାଲେଶ୍ୱରୀ ପଟେଲ, ଅନିମା ବାରିକ, ଶିକ୍ଷକ ନୀଳାମ୍ବର ନାୟକ, କିଶୋର ପଧାନ, ମୂଲବାର ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଶ୍ରୀବତ୍ସ ପଧାନ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ବିଜ୍ଞାନ କ୍ଲବ୍, ଶକ୍ତି କ୍ଲବ୍, ଇକୋ କ୍ଲବ୍ ଓ ଜୁନିଅର୍ ରେଡକ୍ରସର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଶକୁନ୍ତଳା ବିଦ୍ୟାଧର ହାଇସ୍କୁଲ, ମୂଲବାର ଓ ପଞ୍ଚାୟତ ହାଇସ୍କୁଲ, ଚଢ଼େଇଗାଁର ଶିକ୍ଷାର୍ଥୀ ଯୋଗ ଦେଇଥିଲେ।

# ଗାଜା ଫୁଡ୍ ସେଣ୍ଟରରେ ଦଳାଚକଟା; ୪୩ ମୃତ




ଗାଜା, ୧୬।୭(ଏଜେନ୍ସି): ଗାଜାରେ ପୁଣି ଏକ ଅଘଟଣ ଘଟିଛି। ବୁଧବାର ଖାନ ୟୁନିସ୍‌ଠାରେ ଏକ ଖାଦ୍ୟ ବଣ୍ଟନ କେନ୍ଦ୍ରରେ ହୋଇଥିବା ଦଳାଚକଟାରେ ୪୩ଜଣ ମୃତ୍ୟୁବରଣ କରିଛନ୍ତି। ୨୧ ଜଣ ବ୍ୟକ୍ତି ଖାଦ୍ୟ ନେବାକୁ ପ୍ରୟାସ କରୁଥିବା ବେଳେ ପ୍ରାଣ ହରାଇଛନ୍ତି। ସେହିପରି ଅନ୍ୟ ୧୫ ଜଣ ଦଳାଚକଟାରେ ଜୀବନ ହାରିଛନ୍ତି। ଗାଜାର ହ୍ୟୁମାନଟାରିଆନ ଫାଉଣ୍ଡେସନ (ଜିଏଚ୍‌ଏଫ୍)ରେ ଏହି ଅଘଟଣ ଘଟିଛି ବୋଲି ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି। ଜାଣିଶୁଣି ଇସ୍ରାଏଲ ଓ ଆମେରିକା ଭୋକିଲା ଲୋକଙ୍କ ନରସଂହାର କରୁଛି ବୋଲି ମନ୍ତ୍ରଣାଳୟ ଅଭିଯୋଗ ଆଣିଛି। ଏହି ଘଟଣାରେ ହମାସ ସହିତ ଜଡିତ ଲୋକମାନେ ମଧ୍ୟ ହିଂସା ସୃଷ୍ଟି କରିଥିଲେ ବୋଲି ଅଭିଯୋଗ କରାଯାଇଛି। ପୂର୍ବରୁ ଜିଏଚ୍‌ଏଫ୍‌କୁ ଏକ ମୃତ୍ୟୁ ଜନ୍ତା ବୋଲି ଜାତିସଂଘ ତରଫରୁ କୁହାଯାଉଛି। ଏହି ଫୁଡ୍ ସେଣ୍ଟର ଓ ଏହାର ଆଖାପାଖ ଅଞ୍ଚଳରେ ୮୭୦ଜଣ ପାଲେଷ୍ଟାଇନ୍ ନାଗରିକ ପ୍ରାଣ ହରାଇଛନ୍ତି।

### ଲଦାଖରେ ଖାଇକୁ ଖସିଲା ମିନି ବସ୍

## ୨ ମୃତ, ୮ ଗୁରୁତର ଆହତ

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଲଦାଖର କାରିଗିଲ ଜିଲ୍ଲାର ଗୁମରିରେ ବୁଧବାର ସାକାଳେ ଏକ ମିନି ବସ ଖାଇକୁ ଖସି ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଫଳରେ ୨ଜଣ ଯାତ୍ରୀ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଛନ୍ତି ଓ ୮ଜଣ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ୬ଜଣ ସାମନ୍ୟ ରୂପେ ଆହତ ହୋଇଛନ୍ତି। ତେବେ ବସ୍ ଡ୍ରାଇଭର ସୁରକ୍ଷତି ଭାବେ ବର୍ତ୍ତି ଯାଇଛନ୍ତି। ଏହି ମିନି ବସରେ ୧୭ ଜଣ ଦ୍ରାସ ସେକ୍ଟରକୁ ଯାତ୍ରା କରୁଥିଲେ। କିନ୍ତୁ ଅଚାନକ ବସ୍ ରାସ୍ତାରେ ନିୟନ୍ତ୍ରଣ ହରାଇ ଖାଇକୁ ଖସିପଡ଼ିଥିଲା। ଦୁର୍ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳେ ପହଞ୍ଚି ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ଏହି ଘଟଣାର ଯାଞ୍ଚ ଆରମ୍ଭ କରାଯାଇଛି। ଦୁର୍ଘଟଣା କାରଣ ସମ୍ପର୍କରେ ଜାଣିବାକୁ ପ୍ରୟାସ କରାଯାଉଛି ବୋଲି ଅଧିକାରୀମାନେ କହିଛନ୍ତି। ଉଲ୍ଲେଖଥାଉ ଗତ ୪ ମାସରେ ଲଦାଖରେ ୪ଟି ଦୁର୍ଘଟଣାରେ ମୋଟ ୧୪ ଜଣ ପ୍ରାଣ ହରାଇଛନ୍ତି। ଗତ ମଙ୍ଗଳବରେ ଡୋଡାରେ ବସ୍ ଖସିବା ଫଳରେ ୫ ଜଣ ମୃତ୍ୟୁବରଣ କରିଥିଲେ।

## ଆମେରିକାରେ ଚୋରି କରି ଧରାପଡ଼ିଲେ ଭାରତୀୟ ମହିଳା



ୱାସିଂଟନ, ୧୬।୭ (ଏଜେନ୍ସି): ଆମେରିକାର ଇଲିନୋଇସ୍‌ର ଏକ ସୁପର ମାର୍କେଟ୍‌ରେ ଚୋରି କରିବା ଅଭିଯୋଗରେ ଜଣେ ଭାରତୀୟ ମହିଳା ଧରାପଡ଼ିଛନ୍ତି। ସେ ସୁପରମାର୍କେଟର ଟାର୍ଗେଟ ଷ୍ଟୋରରେ ଲକ୍ଷେ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଜିନିଷ ଚୋରି କରିଥିବାର ଅଭିଯୋଗ ହୋଇଛି। ମହିଳା ଜଣକ ସୁପରମାର୍କେଟ୍‌ରେ ୭ ଘଣ୍ଟା ବିତାଇବା ପରେ ଓ ପଇସା ନ ଦେଇ ଜିନିଷଗୁଡ଼ିକୁ ବାହାରକୁ ନେବାକୁ ଚେଷ୍ଟା କରିବା ବେଳେ ଧରା ପଡ଼ିଥିଲେ। ୨୦୨୫ ମେ ୧ରେ ଏହି ଘଟଣା ଘଟିଥିଲା। ଏବେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଏହି ମହିଳାଙ୍କ ନାମ ହେଉଛି ଅନୟା ଅବଲାନୀ। ତାଙ୍କ ଅଚରଣକୁ ନେଇ ଷ୍ଟୋର କର୍ମଚାରୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଏହାପରେ ପୁଲିସକୁ ଡାକାଯାଇଥିଲା। ଧରା ପଡ଼ିବା ପରେ ମହିଳା ଜଣକ କ୍ଷମା ମାଗିବା ସହ ପଇସା ଦେବାକୁ ରାଜି ହୋଇଥିଲେ। ବିଲ୍ ଯାଞ୍ଚ କରିବା ପରେ ମହିଳା ପେମେଣ୍ଟ କରି ନଥିବା ଜଣାପଡ଼ିଥିଲା। ଏହାପରେ ହାତକଡ଼ି ପକାଇ ତାଙ୍କୁ ଥାନକୁ ଆଣାଯାଇଥିଲା। ମହିଳାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। କିନ୍ତୁ ଔପଚାରିକ ଭାବେ ତାଙ୍କୁ ଗିରଫ କରାଯାଇନାହିଁ। କିନ୍ତୁ ଖୁବ୍‌ଶୀଘ୍ର ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯିବ ବୋଲି କୁହାଯାଇଛି।

## ନବଜାତ ଶିଶୁକୁ ବସ୍‌ରୁ ଫୋପାଡ଼ି ମାରିଲେ ଦମ୍ପତି

ମୁମ୍ବଇ, ୧୬।୭(ଏଜେନ୍ସି): ଚଳନ୍ତା ବସ୍‌ରେ ଏକ ଶିଶୁକୁ ଜନ୍ମଦେବା ପରେ ତାକୁ ଫୋପାଡି ମାରିବା ଭଳି ଘଟଣା ସମ୍ନାକୁ ଆସିଛି। ଶିଶୁକୁ ଜନ୍ମଦେବା ପରେ ମହିଳା ଓ ତାଙ୍କ ସାଥିରେ ଥିବା ବ୍ୟକ୍ତି ଜଣକ ବସର ଝରକାରୁ ଫୋପାଡି ଦେଇଛନ୍ତି। ଫଳରେ ଶିଶୁଟି ମୃତ୍ୟୁବରଣ କରିଛି। ଏହି ଘଟଣା ମହାରାଷ୍ଟ୍ରର ପରଭଣୀର ପଥରୀ-ସେଲୁ ରୋଡ୍‌ରେ ମଙ୍ଗଳବାର ସକାଳ ୬.୩୦ରେ ଘଟିଛି। ଏହି ମହିଳା ଜଣକ ହେଉଛନ୍ତି ୧୯ ବର୍ଷୀୟା ରତିକା ଢେର। ସେ ଅଲତାଫ ଶେଖଙ୍କ ସହ ଯାତ୍ରା କରୁଥିଲେ। ଶେଖ ମହିଳା ସ୍ୱାମୀ ବୋଲି ପରିଚୟ ଦେଇଛି। ଯାତ୍ରା ଅବସରରେ ରତିକା ପ୍ରସବ ଜନିତ ଯନ୍ତ୍ରଣା ଅନୁଭବ କରିଥିଲେ। ରତିକା ବସ୍‌ରେ ହିଁ ପିଲାକୁ ଜନ୍ମ ଦେଇଥିଲେ। ଏହାପରେ ପିଲାକୁ କପଡ଼ାରେ ଗୁଡାଇ ଦୁହେଁ ବାହାରକୁ ଫୋପାଡି ଦେଇଥିଲେ। ଦୁହେଁ ଏହି ପିଲାର ଲାଳନପାଳନ କରିବାକୁ ଅକ୍ଷମ ଓ ଏଥିପାଇଁ ଏହି ଚରମ ପଦକ୍ଷେପ ନେଇଛନ୍ତି ବୋଲି କହିଛନ୍ତି। ବାହାରକୁ କିଛି ଫୋପାଡିବାରେ ଦେଖାଯିବା ପରେ ଡ୍ରାଇଭର ଦୁହିଁଙ୍କୁ ପ୍ରଶ୍ନ କରିଥିଲେ। ମୋର ବାନ୍ତି ହେଉଛି ବୋଲି ରତିକା ତାଙ୍କୁ କହିଥିଲା। କିନ୍ତୁ ମଝି ରାସ୍ତାରେ ଶିଶୁକୁ ପଡ଼ିଥିବା ଦେଖି ଜଣେ ବ୍ୟକ୍ତି ପୁଲିସ୍‌କୁ ଫୋନ୍ କରିଥିଲେ। ପ୍ରାରମ୍ଭିକ ଯାଞ୍ଚ ପରେ ରତିକା ଓ ଶେଖଙ୍କୁ ପୁଲିସ ଗିରଫ କରିଛି।

# ପୁରୁଣା ଅସ୍ତ୍ରରେ ଆଧୁନିକ ଯୁଦ୍ଧ ଜିତିବା ଅସମ୍ଭବ: ସିଡିଏସ୍



ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ୍ ବୁଧବାର ଯୁଦ୍ଧ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ପୁରୁଣା ଅସ୍ତ୍ରରେ ଆଧୁନିକ ଯୁଦ୍ଧରେ ବିଜୟ ଲାଭକରି ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିଦେଶରୁ ଆଣାଯାଉଥିବା ଟେକ୍ନୋଲୋଜି ଉପରେ ନିର୍ଭର କରିବାର ଅର୍ଥ ଯୁଦ୍ଧ ପାଇଁ ପ୍ରସ୍ତୁତିକୁ ଦୁର୍ବଳ କରିବା। ଏହି ପ୍ରକ୍ରିୟା ହିଁ ଆମକୁ ଦୁର୍ବଳ କରୁଛି। ଅପରେସନ୍ ସିନ୍ଦୂର ଅବସରରେ ସ୍ୱଦେଶୀ ସି- ୟୁଏଏସ୍ (କାଉଣ୍ଟର- ଅନମ୍ୟାନ୍‌ଡ ଏରିଆଲ ସିଷ୍ଟମ) ଅର୍ଥାତ ଆଣ୍ଟି ଡ୍ରୋନ ସିଷ୍ଟମ ଆମ ପାଇଁ କାହିଁକି ଜରୁରୀ ଥିଲା ତାହା ସ୍ପଷ୍ଟ ହୋଇଛି। ଦିଲ୍ଲୀର ମାନିକସା ସେଣ୍ଟରରେ ୟୁଏଭି (ଅନମ୍ୟାନ୍‌ଡ ଏରିଆଲ ଭେଇକଲ) ଓ ସି- ୟୁଏଏସ୍ (କାଉଣ୍ଟର- ଅନମ୍ୟାନ୍‌ଡ ଏରିଆଲ ସିଷ୍ଟମ) ପ୍ରଦର୍ଶନୀରେ ଯୋଗ ଦେଇ ସିଡିଏସ୍ ଏହି କଥା କହିଛନ୍ତି।

ନିଜର ସୁରକ୍ଷା ପାଇଁ ଆମକୁ ନିବେଶ କରିବାକୁ ହେବ ବୋଲି ସେ କହିଛନ୍ତି। ଅପରେସନ୍ ସିନ୍ଦୂରରେ ପାକିସ୍ତାନ ଅନଆର୍ମଡ୍ ଡ୍ରୋନ ବ୍ୟବହାର କରିଥିଲା। ପାକିସ୍ତାନର ଅଧିକାଂଶ ଡ୍ରୋନକୁ ଆମେ ମାରି ଖସାଇବାରେ ସଫଳ ହୋଇଥିଲୁ। ଫଳରେ ଆମର କୌଣସ ସାମରିକ ତଥା ନାଗରିକ ଭିତ୍ତିଭୂମିର କ୍ଷତି ହୋଇ ନଥିଲା। ଆଧୁନିକ ଯୁଦ୍ଧରେ ଡ୍ରୋନର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧିପାଇଛି ଓ ଏହା କ୍ରାନ୍ତିକାରୀ ସାବ୍ୟସ୍ତ ହୋଇଛି। ଭାରତୀୟ ସେନାବାହିନୀ ମଧ୍ୟ ବୈପ୍ଳବିକ ଢ଼ଙ୍ଗରେ ଡ୍ରୋନ ବ୍ୟବହାର କରିଥିଲା। ବିଦେଶୀ ଟେକ୍ନୋଲୋଜି ଉପରେ ଆମେ ନିର୍ଭରଶୀଳ ରହିବା ଉଚିତ ନୁହଁ। ବିଦେଶ ଉପରେ ନିର୍ଭର କଲେ ଆମର ପ୍ରସ୍ତୁତି ଦୁର୍ବଳ ହେବ। ତେଣୁ ବ୍ୟାପକ ଭାବେ ଆମକୁ ଏ ନେଇ ନିବେଶ କରିବାକୁ ହେବ ବୋଲି ସେ କହିଛନ୍ତି। ଅପରେସନ ସିନ୍ଦୂରରେ ପାକିସ୍ତାନର ଯୋଜନା ମାତ୍ର ୮ ଘଣ୍ଟାରେ ଫେଲ୍ ମାରିଥିଲା ବୋଲି ସେ ଜୁନ୍ ୩ରେ କହିଥିଲେ। ମେ ୧୦ରେ ପାକିସ୍ତାନରେ ଭାରତକୁ ୪୮ ଘଣ୍ଟାରେ ପରାସ୍ତ କରିବାକୁ ଯୋଜନା କରିଥିଲା। କିନ୍ତୁ ତା'ର ଯୋଜନା ମାତ୍ର ୮ ଘଣ୍ଟାରେ ହିଁ ଫେଲ୍ ମାରିଥିଲା ବୋଲି ସେ କହିଥିଲେ। ଉଲ୍ଲେଖଥାଉ କି, ମେ ୭ରେ ଭାରତ ଅପରେସନ ସିନ୍ଦୂର ଦ୍ୱାରା ପାକିସ୍ତାନର ୯ଟି ଆତଙ୍କବାଦୀ ଠିକଣା ଉପରେ ମିସାଇଲ୍ ମାଡ କରିଥିଲା ଓ ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ଭାରତୀୟ ସେନା ତରଫରୁ କୁହାଯାଇଥିଲା। ତେବେ ୪ ଦିନପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସନ୍ଧ୍ୟା ୫.୩୦ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା କରିଥିଲେ।

## ଜମ୍ମୁ-କଶ୍ମୀରକୁ ରାଜ୍ୟ ମର୍ଯ୍ୟାଦା ମିଳୁ: ରାହୁଲ



ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଜମ୍ମୁ-କଶ୍ମୀରକୁ ରାଜ୍ୟ ପାହ୍ୟାର ମର୍ଯ୍ୟାଦା ମିଳୁ ବୋଲି ଲୋକସଭାର ବିପକ୍ଷ ନେତା ରାହୁଲ ଗାନ୍ଧୀ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ଚିଠି ଲେଖି ଏ ନେଇ ଅବଗତ କରାଇଛନ୍ତି। ସଂସଦର ଆଗାମୀ ମୌସୁମୀ ଅଧିବେଶନରେ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ଭାବେ ମାନ୍ୟତା ଦେବା ପାଇଁ ବିଲ୍ ଆଣିବାକୁ ସେ କହିଛନ୍ତି। ଏ ସଂକ୍ରାନ୍ତରେ ରାହୁଲ ମୋଦୀ ଦୁଇଟି ପୁରୁଣା ମନ୍ତବ୍ୟକୁ ମନେ ପକାଇଛନ୍ତି। ୨୦୨୪ ମେ ୧୯ରେ ଭୁବନେଶ୍ୱରରେ ଓ ୨୦୨୪ ସେପ୍ଟେମ୍ବର ୧୯ରେ ଶ୍ରୀନଗର ରାଲିରେ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମର୍ଯ୍ୟାଦା ଦେବାକୁ ନିଜ ଭାଷଣରେ କହିଥିଲେ। ପୁଣି ଲାଦାଖକୁ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ସାମିଲ କରିବାକୁ ସେ ଅନୁରୋଧ କରିଛନ୍ତି। ଉଲ୍ଲେଖଥାଉ କି, ୨୦୧୯ ୩୭୦ ଧାରା ଓ ୩୫ଏକୁ ହଟାଇବା ପରେ ଜମ୍ମୁ-କଶ୍ମୀର ଓ ଲାଦାଖକୁ କେନ୍ଦ୍ରଶାସିତ ପ୍ରଦେଶରେ ରୂପାନ୍ତରିତ କରାଯାଇଥିଲା। ସେତେବେଳେ ସ୍ଥିତି ସାମାନ୍ୟ ହେବା ପରେ ପୂର୍ଣ୍ଣ ରାଜ୍ୟର ମର୍ଯ୍ୟାଦା ଦେବାକୁ ସରକାର କଥା ଦେଇଥିଲେ। ଉଲ୍ଲେଖଥାଉ କି, ୩୭୦ ଧାରା ହଟାଇବା ପରେ ୨୦୨୪ରେ ରାଜ୍ୟରେ ପ୍ରଥମ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମୋଟ ୯୦ଟି ଆସନରୁ ନ୍ୟାସନାଲ କନ୍‌ଫରେନ୍ସ ୪୨ ସିଟ୍ ଜିତି ସବୁଠାରୁ ବଡ଼ ପାର୍ଟି ଭାବେ ଉଭା ହୋଇଥିଲା। ସହଯୋଗୀ କଂଗ୍ରେସକୁ ୬ ଓ ସିପିଆଇ(ଏମ୍) ଗୋଟିଏ ଆସନ ଜିତିଥିଲା। ସେହିପରି ବିଜେପି ୨୯ଟି ସିଟ୍ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲା। ୨୦୧୪ ନିର୍ବାଚନରେ ସବୁଠାରୁ ବଡ଼ ପାର୍ଟି ଭାବେ ବିଜୟ ଲାଭ କରିଥିବା ପିଡିପି ୩ଟି ସିଟ୍ ଜିତିଥିଲା।

## ରାଜସ୍ଥାନରେ ପ୍ରବଳ ବର୍ଷା: ୨ ଦିନରେ ୧୮ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଗତ ଦୁଇଦିନ ମଧ୍ୟରେ ରାଜସ୍ଥାନରେ ପ୍ରବଳ ବର୍ଷା ଜାରି ରହିଛି। ବର୍ଷା ଜନିତ ଘଟଣାରେ ଗତ ଦୁଇଦିନ ମଧ୍ୟରେ ୧୮ ଜଣ ଲୋକ ପ୍ରାଣ ହରାଇଛନ୍ତି। ଜୟପୁର, ଚୁରୁ, ବିକାନେର, ଶ୍ରୀଗଙ୍ଗାନଗର, ହନୁମାନଗଡ଼ ଜିଲ୍ଲାର କେତୋଟି ତଳିଆ ଅଞ୍ଚଳରେ ୪ରୁ ୫ ଫୁଟ ପର୍ଯ୍ୟନ୍ତ ପାଣି ଠିଆ ହୋଇ ରହିଛି। ସେହିପରି ବିହାର, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ପ୍ରବଳ ବର୍ଷା ଜାରି ରହିଛି। ହିମାଚଳର ୨୦୦ ଓ ଉତ୍ତରାଖଣ୍ଡର ୫୮ଟି ସଡକ ଭୂସ୍ଖଳନ କାରଣରୁ ବନ୍ଦ ରହିଛି।

## ସିରିଆ ଉପରେ ଇସ୍ରାଏଲ୍‌ର ଆକ୍ରମଣ



ଦାମାସକସ, ୧୬।୭(ଏଜେନ୍ସି): ଇସ୍ରାଏଲ୍ ଆଉ ଏକ ମଧ୍ୟପ୍ରାଚ୍ୟ ଦେଶ ଉପରେ ଆକ୍ରମଣ କରିଛି। ଇସ୍ରାଏଲ୍ ପଡୋସୀ ଦେଶ ସିରିଆର ଉପରେ ବଡ଼ଧରଣର ଏୟାର ଷ୍ଟ୍ରାଇକ୍ କରିଛି। ରାଜଧାନୀ ଦାମାସକାସରେ ରାଷ୍ଟ୍ରପତି ଭବନ ନିକଟସ୍ଥ ସିରିଆ ସେନା ମୁଖ୍ୟାଳୟ ଓ ପ୍ରତିରକ୍ଷା ମନ୍ତ୍ରାଳୟ ଉପରେ ଆକଶମାର୍ଗରୁ ଆକ୍ରମଣ କରିଛି। ଏ ନେଇ ଇସ୍ରାଏଲ ଡିଫେନ୍ସ ଫୋର୍ସ ତରଫରୁ ସୂଚନା ଦିଆଯାଇଛି। ଦକ୍ଷିଣ ସିରିଆର ଦ୍ରୁଜ ନାଗରିକଙ୍କ ଉପରେ ସିରିଆ ସରକାରଙ୍କ ଦାମନମୂଳକ ନୀତିକୁ ବିରୋଧ କରି ଇସ୍ରାଏଲ ଏହି ଆକ୍ରମଣ କରିଛି ବୋଲି କୁହାଯାଇଛି। ସିରିଆରେ ଦ୍ରୁଜ ହେଉଛନ୍ତ ଏକ ଧାର୍ମିକ ଅଳ୍ପସଂଖ୍ୟକ ସମୁଦାୟ। ବିଶ୍ୱରେ ପାଖାପାଖି ୧୦ ଲକ୍ଷ ଡ୍ରୁଜ୍ ରହୁଛନ୍ତି ଓ ଏମାନଙ୍କ ମଧ୍ୟରୁ ଅଧା ସିରିଆରେ ହିଁ ରହୁଛନ୍ତି। ଲେବାନନ ଓ ଇସ୍ରାଏଲ୍ ମଧ୍ୟରେ ବହୁ ସଂଖ୍ୟାରେ ଡ୍ରୁଜ ରହୁଛନ୍ତି। ଲାଇଭ୍ ଟିଭି ଶୋରେ ଇସ୍ରାଏଲ୍‌ର ବୋମା ମାଡ଼ର ଦୃଶ୍ୟ ଦେଖିବାକୁ ମଳିଛି। ଚଳିତ ସପ୍ତାହରେ ହିଁ ଡ୍ରୁଜ ଯୋଦ୍ଧାଙ୍କ କବ୍‌ଜାର ରହିଥିବ ସହର ସ୍ୱେଦାରେ ସିରିଆ ତାଙ୍କର ସୈନ୍ୟଙ୍କୁ ନିୟୋଜିତ କରିବା ପରେ ଏହି ସଂଘର୍ଷ ଆରମ୍ଭ ହୋଇଥିଲା। ଏହି ଆକ୍ରମଣରେ ଜଣେ ବ୍ୟକ୍ତି ମୃତ୍ୟୁ ବରଣ କରିଥିବା ବେଳେ ୩୪ ଜଣ ଆହତ ହୋଇଛନ୍ତି।

## ନ୍ୟାୟାଳୟଗୁଡ଼ିକରେ ଟଏଲେଟ୍ ଅଭାବ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଦେଶରେ ନ୍ୟାୟାଳୟଗୁଡ଼ିକରେ ଟଏଲେଟ ଭଳି ମୌଳିକ ସୁବିଧାସୁଯୋଗର ଅଭାବ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହେବା ସହ ଆଭିମୁଖ୍ୟ କଡ଼ା କରିଛନ୍ତି। ଦେଶରୁ ୨୫ରୁ ୨୦ଟି ହାଇକୋର୍ଟ ଏପର୍ଯ୍ୟନ୍ତ ଟଏଲେଟ୍‌ର ସୁବିଧା ନେଇ କି ପଦକ୍ଷେପ ନେଇଛନ୍ତି, ସେନେଇ କିଛି କହିନାହାନ୍ତି। ୨୦୨୫ ଜାନୁଆରୀ ପହିଲାରେ ଏ ନେଇ ସୁପ୍ରିମକୋର୍ଟ ଏ ସଂକ୍ରାନ୍ତରେ ସବୁ ହାଇକୋର୍ଟ, ରାଜ୍ୟ ସରକାର ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ନ୍ୟାୟଳୟରେ ପୁରୁଷ, ମହିଳା, ଦିବ୍ୟାଙ୍ଗ ଓ ଟ୍ରାନ୍ସ ଜେଣ୍ଡରଙ୍କ ପାଇଁ ଭିନ୍ନ ଭିନ୍ନ ଟଏଲେଟ୍‌ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବିଧାନର ଦାରା ୨୧ ଅନୁସାରେ ସମସ୍ତଙ୍କୁ ସ୍ୱଚ୍ଛତାର ସବୁପ୍ରକାର ମୌଳିକ ଅଧିକାର ମିଳିବା ଉଚିତ ବୋଲି କୁହାଯାଇଛି। ବିଚାରପତି ଜେବି ପାରଦିବାଲା ଓ ମହାଦେବନ ବୁଧବାର ସବୁ ହାଇକୋର୍ଟକୁ ଆଗମୀ ୮ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏଥର ରିପୋର୍ଟ ନ ଦିଆଯାଏ, ତେବେ ହାଇକୋର୍ଟର ରେଜିଷ୍ଟାର ଜେନେରାଲଙ୍କୁ ନିଜେ ସୁପ୍ରିମକୋର୍ଟରେ ହାଜର ହେବାକୁ ପଡ଼ିବ ବୋଲି କୁହାଯାଇଛି। ଏ ନେଇ ୫ଟି ହାଇକୋର୍ଟ ଯଥା ଝାଡଖଣ୍ଡ, ମଧ୍ୟପ୍ରଦେଶ, କୋଲକାତା, ଦିଲ୍ଲୀ ଓ ପାଟନା ସେମାନଙ୍କ ରିପୋର୍ଟ ଦେଇଛନ୍ତି। ତେବେ ବାକି ୨୦ଟି ହାଇକୋର୍ଟ ରିପୋର୍ଟ ଦେଇନାହାନ୍ତି।

## ଉତ୍ତରାଖଣ୍ଡର ସରକାରୀ ବିଦ୍ୟାଳୟରେ ଗୀତା ଶ୍ଳୋକ ଆବୃତ୍ତି କରାଯିବ

ଡେରାଡୁନ, ୧୬।୭(ଏଜେନ୍ସି): ଉତ୍ତରାଖଣ୍ଡର ସରକାରୀ ସ୍କୁଲଗୁଡ଼ିକରେ ଶ୍ରୀମଦ୍ ଭାଗବତ ଗୀତାର ଶ୍ଳୋକ ଆବୃତ୍ତି କରାଯିବ। ଏ ନେଇ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟଗୁଡ଼ିକର ପ୍ରାର୍ଥନା ସଭାରେ ଗୀତାର ଗୋଟିଏ ଶ୍ଳୋକ ଉଚ୍ଚାରଣ କରାଯିବ ବୋଲି ମାଧ୍ୟମିକ ଶିକ୍ଷାର ନିର୍ଦ୍ଦେଶକ ମୁକୁଲ କୁମାର ସତି ସବୁ ମୁଖ୍ୟ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଦିନ ଉଚ୍ଚାରଣ କରାଯାଉଥିବା ଶ୍ଳୋକଗୁଡ଼ିକର ଅର୍ଥ ଓ ବୈଜ୍ଞାନିକ ପ୍ରାସଙ୍ଗିକତା ଛାତ୍ରମାନଙ୍କୁ ବୁଝାଇବାକୁ କୁହାଯାଇଛି। ଆଧୁନିକ ଶିକ୍ଷା ସହ ପାରମ୍ପରିକ ଭାରତୀୟଜ୍ଞାନ ଶୃଙ୍ଖଳାର ମିଶ୍ରଣ କରାଯିବା ସହ ଛାତ୍ରଛାତ୍ରୀଙ୍କ ଉତ୍ତମ ଚରିତ୍ର ଗଠନ ଉପର ଧ୍ୟାନ ଦେବାକୁ କୁହାଯାଇଛି।

### ଅଳ୍ପକେ ବର୍ତ୍ତିଲେ ୧୭୩ ଯାତ୍ରୀ

## ରନ୍‌ୱେ ଛୁଇଁ ପୁଣି ଉଡ଼ିଲା ବିମାନ

ପାଟନା, ୧୬।୭(ଏଜେନ୍ସି): ପାଟନା ବିମାନବନ୍ଦରରେ ଏକ ଇଣ୍ଡିଗୋ ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ଦିଲ୍ଲୀରୁ ଆସୁଥିବା ଇଣ୍ଡିଗୋ ବିମାନ (୬ଇ-୨୪୮୨) ଅବତରଣ କରିବା ପରେ ଟଚ୍ଚିଂ ପଏଣ୍ଟକୁ ଛୁଇଁ ପାରି ନଥିଲା। ଫଳରେ ବିମାନଟି ଆଗକୁ ମାଡିଯାଇଥିଲା। ସ୍ଥିତିର ଗମ୍ଭୀରତାକୁ ଉପଲବ୍ଧି କରି ପାଇଲଟ୍ ତୁରନ୍ତ ବିମାନର ଟେକ୍‌ଅଫ୍ କରାଯାଇଥିଲେ। ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଓ ବିଚକ୍ଷଣତା ଯୋଗୁଁ ବିମାନଟି ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା ବୋଲି କୁହାଯାଉଛି। ଏହି ବିମାନରେ ୧୭୩ ଜଣ ଯାତ୍ରୀ ଥିଲେ ଓ ଏମାନଙ୍କ ଜୀବନ ବଞ୍ଚିଯାଇଛି ବୋଲି କୁହାଯାଉଛି। ସବୁ ଯାତ୍ରୀ ସୁରକ୍ଷିତ ରହିଛନ୍ତି। ଏୟାରପୋର୍ଟ ପ୍ରଶାସନ ଏହି ମାମଲାର ଯାଞ୍ଚ ଆରମ୍ଭ କରିଛି। ବୁଧବାର ସକାଳ ୯ଟାରେ ଏହି ବିମାନ ଦିଲ୍ଲୀ ପାଟନା ଆସିଥିଲା। ବିମାନ ଦ୍ୱିତୀୟଥର ପାଇଁ ଟେକ୍‌ଅଫ୍ କରିବା ପରେ ଆକାଶରେ ୪ଥର ରାଉଣ୍ଡ ମାରିଥିଲା। ୫ ମିନିଟ୍ ପର୍ଯ୍ୟନ୍ତ ଯାତ୍ରୀମାନେ କ'ଣ ଘଟୁଛି କିଛି ବୁଝିବାକୁ ସକ୍ଷମ ହୋଇ ନଥିଲେ। ଫଳରେ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ। ରନୱେ ଛୋଟ ଥିବାରୁ ବିମାନକୁ ଠିକ ସମୟରେ ରୋକି ପାରିବେ ନାହିଁ ବୋଲି ପାଇଲଟଙ୍କ ହୃଦୟଙ୍ଗମ ହୋଇଥିଲା। ଏଥିପାଇଁ ସେ ବିମାନକୁ ଦ୍ୱିତୀୟଥର ପାଇଁ ଟକ୍ ଅଫ୍ କରାଇଥିଲେ। ଫଳରେ ଯାତ୍ରୀମାନେ ଭୟଭିତ ହୋଇ ପଡ଼ିଥିଲେ। କିନ୍ତୁ କ୍ରୁ ମେମ୍ବରମାନେ ଯାତ୍ରୀମାନଙ୍କୁ ଏ ନେଇ ଅବଗତ କରାଇଥିଲେ ଓ ସମସ୍ତେ ସୁରକ୍ଷିତ ବୋଲି ବୁଝାଇବାକୁ ପ୍ରୟାସ କରିଥିଲେ। ୪ରୁ ୫ ମିନିଟ ଆକାଶରେ ରାଉଣ୍ଡ ମାରିବା ପରେ ବିମାନ ପୁଣି ଥରେ ଅବତରଣ କରିଥିଲା। ଫଳରେ ଯାତ୍ରୀମନେ ଆସ୍ୱସ୍ତି ଅନୁଭବ କରିଥିଲେ। ଉଲ୍ଲେଖଥାଉ କି, ୨୦୦୦ ଜୁଲାଇ ୧୭ରେ ଏହି ଭଳି ଘଟଣା ଘଟିଥିଲା। କୋଲାକାତାରୁ ଦିଲ୍ଲୀ ଯାଉଥିବା ବିମାନ ପାଟନାରେ ଲ୍ୟାଣ୍ଡିଂ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଲ୍ୟାଣ୍ଡିଂର ଠିକ୍ ପୂର୍ବରୁ ବୈଷୟିକ ତ୍ରୁଟି କାରଣରୁ ପାଇଲଟ ବିମାନକୁ ପୁଣି ଟେକ୍‌ଅଫ୍ କରାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଫଳରେ ବିମାନ ଯାଇ ଆଗକୁ ଯାଇ ଖସି ପଡ଼ିଥିଲା। ଏଥିରେ ମୋଟ୍ ୬୬ ଜଣ ମୃତ୍ୟୁବରଣ କରିଥିଲେ।




## ପହଲ୍‌ଗାମ୍ ଆକ୍ରମଣ ପରେ ଗୁଳି ଫୁଟାଇ ଉତ୍ସବ ମନାଇଥିଲେ ଆତଙ୍କବାଦୀ

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣର ତଦନ୍ତରେ ଏବେ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ୨୬ ଜଣ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ହତ୍ୟା କରି ଜଘନ୍ୟ କାଣ୍ଡ ଘଟାଇବା ପରେ ଆତଙ୍କବାଦୀମାନେ ଖୁସି ମନାଇଥିଲେ। ଏହି କ୍ରମରେ ଉପରକୁ ମନଇଚ୍ଛା ଗୁଳି କରି ୩ ଜଣ ଆତଙ୍କବାଦୀ ନିଆରା ଢଙ୍ଗରେ ଖୁସି ମନାଥିଲେ ବୋଲି ରାଷ୍ଟ୍ରୀୟ ଯାଞ୍ଚ ଏଜେନ୍ସି (ଏନ୍‌ଆଇଏ)ର ଯାଞ୍ଚରୁ ଜଣାପଡ଼ିଛି। ପହଲଗାମ ଆକ୍ରମଣର ମୁଖ୍ୟ ସାକ୍ଷୀ ଏ ନେଇ ସୂଚନା ଦେଇଛି ବୋଲି ଏଜେନ୍ସି ତରଫରୁ କୁହାଯାଇଛି। ପର୍ଯ୍ୟଟକମାନଙ୍କୁ ନିର୍ମମ ଭାବେ ଗୁଳି କରି ହତ୍ୟା କରିବା ପରେ ୩ ଆତଙ୍କୀ ବାଇସରନ ଉପତ୍ୟାକାରେ ଉପରକୁ ୪ ରାଉଣ୍ଡ ଗୁଳି ଫୁଟାଇ ଆନନ୍ଦରେ ନାଚି ଥିଲେ ବୋଲି ସାକ୍ଷୀ ଜଣକ କହିଛି। ତଦନ୍ତ ଅବସରରେ ଏନ୍‌ଆଇଏକୁ ଏକ ସ୍ଥାନୀୟ ବ୍ୟକ୍ତି ମିଳିଥିଲେ ଓ ତଙ୍କୁ ମୁଖ୍ୟ ସାକ୍ଷୀ ବନା ଯାଇଛି ଓ ସେ ଏ ବିଷୟରେ ସୂଚନା ଦେଇଛନ୍ତି। ଏହି ମାମଲାରେ ଆତଙ୍କବାଦୀଙ୍କୁ ସହଯୋଗ କରିବା ଅଭିଯୋଗରେ ପରଭେଜ ଅହମ୍ମଦ ଓ ବସିର ଅହମ୍ମଦଙ୍କୁ ଗିରଫ କରାଯାଥିଲା।

## ବଙ୍ଗାଳୀଙ୍କ ସହ ଭେଦଭାବ ନେଇ ମମତାଙ୍କ ପଦଯାତ୍ରା




କୋଲକାତା, ୧୬।୭(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ବିଜେପି ଶାସିତ ରାଜ୍ୟରେ ବଙ୍ଗାଳିଙ୍କ ସହ ଭେଦଭାବ କରିବାକୁ ବିରୋଧ କରି ପଦଯାତ୍ରା ବାହର କରିଛନ୍ତି। ବଙ୍ଗଳା ଭାଷା କହୁଥିବା ନାଗରିକଙ୍କ ପ୍ରତି ବିଜେପିର ବୈମାତୃକ ମନୋଭାବ କାରଣରୁ ନିରାଶ ହୋଇଛି ବୋଲି ସେ କହିଛନ୍ତି। ଏବେଠାରୁ ଅଧିକରୁ ଅଧିକ ବଙ୍ଗଳା ଭାଷାରେ କହିବି। ଯଦି ମତେ ବିଜେପି ଡିଟେନସନ କ୍ୟାମ୍ପରେ ରଖିବାକୁ ଚାହେଁ, ତାହେଲେ ରଖୁ ବୋଲି ସେ କହିଛନ୍ତି। ଏହି ପଦଯାତ୍ରା କୋଲକାତାର କଲେଜ ସ୍କୋୟାରରୁ ବାହରି ଧର୍ମତାଲାର ଦୋରିନା କ୍ରସିଂ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ସମେତ ତୃଣମୂଳ କଂଗ୍ରେସ୍‌ର ଏକାଧିକ ବଡ଼ ନେତା ଅଂଶଗ୍ରହଣ କରିଥିଲେ। କୋଲକାତାକୁ ବାଦ୍ ଦେଲେ ରାଜ୍ୟର ସବୁ ଜିଲ୍ଲା ମୁଖ୍ୟାଳୟରେ ଏହି ମାମଲାକୁ ନେଇ ବିରୋଧ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ଆସିବାର କାର୍ଯ୍ୟକ୍ରମ ରହିଥିଠବା ବେଳେ ଏଭଳି ବିରୋଧ ପ୍ରଦର୍ଶନ ଜାରି ରହିଛି। ଅପରପକ୍ଷରେ ମମତାଙ୍କ ପଦଯାତ୍ରାକୁ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ନିନ୍ଦା କରିଛନ୍ତି। ଅବୈଧ ଭାବେ ଭାରତକୁ ପସି ଆସିଥିବା ଲୋକଙ୍କୁ ବଞ୍ଚାଇବାକୁ ମମତା ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି। ବିଭିନ୍ନ ବିଷୟରେ ନିଜର ପ୍ରଶାସନିକ ବିଫଳତାକୁ ଲୁଚାଇବା ପାଇଁ ମମତା ଏପରି ପଦଯାତ୍ରାର ବାହନା କରୁଛନ୍ତି ବୋଲି ସେ ପାଲଟା ଅଭିଯୋଗ କରିଛନ୍ତି।

# ବାଂଲାଦେଶରେ ସତ୍ୟଜିତ୍ ରୟଙ୍କ ପୈତୃକ ଘର ଭଙ୍ଗାଯିବା ନେଇ ରାଜନୀତି




କୋଲକାତା, ୧୬।୭(ଏଜେନ୍ସି): ପ୍ରଖ୍ୟାତ ଭାରତୀୟ ସିନେମା ନିର୍ଦ୍ଦେଶକ ସତ୍ୟଜିତ ରୟଙ୍କ ପୈତୃକ ଘର ଭଙ୍ଗାଯିବା ନେଇ ରାଜନୀତି ଆରମ୍ଭ ହୋଇଛି। ବାଂଲାଦେଶର ମିମେନସିଂ ସହରରେ ସତ୍ୟଜିତ୍‌ଙ୍କ ପୁରୁଣା ପୈତୃକ ଘର ରହିଛି। ଏହି ଘରକୁ ବାଂଲାଦେଶ ସରକାର ଭାଙ୍ଗିବା ପାଇଁ ଯୋଜନା କରୁଛନ୍ତି। ଏବେ ଏ ନେଇ ଶାସକ ତୃଣମୂଳ କଂଗ୍ରେସ ଓ ବିରୋଧୀ ବିଜେପି ତରଫରୁ ଚିନ୍ତା ପ୍ରକଟ କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ସୂଚନା ଦେଇଥିଲେ। ତେବେ ଏହି ଘର ୧୦୦ ଉର୍ଦ୍ଧ୍ୱ ବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିଲା ବୋଲି ବାଂଲାଦେଶ ଡିପୋର୍ଟମେଣ୍ଟ ଅଫ୍ ଆର୍କିଓଲୋଜି ତରଫରୁ କୁହାଯାଇଛି। ୧୯୪୭ରେ ଦେଶ ବିଭାଜନ ହେବା ପରେ ଏହା ସରକାରଙ୍କ ଅଧିନକୁ ଆସିଥିଲା। ଗତ ୧୦ ବର୍ଷ ହେବ ଏହି ବଙ୍ଗଳା ପରିତ୍ୟକ୍ତ ହୋଇ ପଡ଼ିରହିଛି। ଏହା ସେଠାରେ ଖେଳୁଥିବା ଛୋଟପିଲାଙ୍କ ପ୍ରତି ବିପଦ ସୃଷ୍ଟି କରିଛି ବୋଲି କୁହାଯାଉଛି। ବାଂଲାଦେଶ ପ୍ରତିଷ୍ଠାତା ଶେଖ ମୁଜିବୁର ରହମାନ ଓ ରବୀନ୍ଦ୍ରନାଥ ଟାଗୋରଙ୍କ ପରେ ଏବେ ସତ୍ୟଜିତ ରଏଙ୍କ ଘରକୁ ଇସଲାମିକ କଟରପନ୍ଥୀମାନେ ଟାର୍ଗେଟ କରିଛନ୍ତି ବୋଲି କୁହାଯାଉଛି। ଅନ୍ୟପଟେ ଏହି ବଙ୍ଗାଳାର ପୁନର୍ଗଠନ୍ ପାଇଁ ଭାରତ ସରକାର ସହଯୋଗ କରିବ ବୋଲି ବାଂଲାଦେଶକୁ କହିଛି। ମମତା ଏହି ବଙ୍ଗଳାର ରକ୍ଷଣାବେକ୍ଷଣ ପାଇଁ ବାଂଲାଦେଶର ମହମ୍ମଦ ୟୁନୁସ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହି ବାସଭବନ ବେଙ୍ଗଲର ସାଂସ୍କୃତିକ ଇତିହାସ ସହ ଗଭୀର ଭାବେ ଜଡିତ ରହିଛି। ଏ ନେଇ ଭାରତ ସରକାର ପଦକ୍ଷେପ ନିଅନ୍ତୁ ବୋଲି ମମତା ଅପିଲ କରିଛନ୍ତି। ଉଲ୍ଲେଖଥାଉ କି, ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ନିର୍ଯାତନା ଚରମସୀମାରେ ପହଞ୍ଚିଛି। ଶେଖ ହସିନାଙ୍କୁ ଗାଦିଚ୍ୟୁତ କରାଯିବା ପରେ ଏହା ଦେଶରେ ହିନ୍ଦୁ ସମ୍ପ୍ରଦାୟ ଉପରେ ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି।





# ଜୁଲାଇ ୧୮ରେ 'ଇନ୍ଦ୍ରଧନୁ'

ସା ତୋଟି ଛୋଟ ଛୋଟ କାହାଣୀକୁ ଏକାଠି ଗୁନ୍ଥି ଖୁବ୍ ଶୀଘ୍ର ବଡ଼ପରଦାକୁ ଆସୁଛି ଓଡ଼ିଆ ଚଳଚ୍ଚିତ୍ର 'ଇନ୍ଦ୍ରଧନୁ'। ଆସନ୍ତା ଜୁଲାଇ ୧୮ ତାରିଖରେ 'ଇନ୍ଦ୍ରଧନୁ' ମୁକ୍ତିଲାଭ କରିବାକୁ ଯାଉଛି। ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦୀ, ନାରଙ୍ଗୀ ଓ ଲାଲ - କ୍ରମରେ ଆକାଶରେ ସତରଙ୍ଗର ଇନ୍ଦ୍ରଧନୁ ଦିଶିବା ପରି ପରଦାର ଏ ଇନ୍ଦ୍ରଧନୁରେ ବି ସମ-କ୍ରମିକତାରେ ରହିଛି ସାତୋଟି ରଙ୍ଗଭିତ୍ତିକ କାହାଣୀ। 'ଇନ୍ଦ୍ରଧନୁ'ର ନିର୍ଦ୍ଦେଶନା, ଚିତ୍ରଗ୍ରହଣ ଓ ସମ୍ପାଦନା କରିଛନ୍ତି ଯୁବ ନିର୍ଦ୍ଦେଶକ ଅର୍ଜୁନ ସାମନ୍ତରାୟ। ସିନେମାର ପରିକଳ୍ପନା କରିଛନ୍ତି ଯୁବ ସାହିତ୍ୟିକ ସୂର୍ଯ୍ୟସ୍ନାତ ତ୍ରିପାଠୀ। ରାଜେନ୍ଦ୍ର ମହାନ୍ତଙ୍କ ଦ୍ୱାରା ପ୍ରଯୋଜିତ ଏ ସିନେମାଟିରେ ସହ-ପ୍ରଯୋଜକ ଭୂମିକାରେ ଅଛନ୍ତି ସୂର୍ଯ୍ୟସ୍ନାତ ଓ ସୁରଭି ପଟ୍ଟନାୟକ। 'ଇନ୍ଦ୍ରଧନୁ'ର କାହାଣୀ ନିଖିଳେଶ ମିଶ୍ର, ସରୋଜ ବଳ, ବାବଲ ମହାନ୍ତି ଓ ସୂର୍ଯ୍ୟସ୍ନାତଙ୍କ ଦ୍ୱାରା ଲିଖିତ ହୋଇଥିବା ବେଳେ ସିନେମାଟିକୁ ସଂଗୀତରେ ସଜେଇଛନ୍ତି ଅନୁରାଗ ପଟ୍ଟନାୟକ। ଦେବଦାସ ଛୋଟରାୟଙ୍କ ଦ୍ୱାରା ଲିଖିତ ଶିର୍ଷକ ଗୀତକୁ ବରିଷ୍ଠ ସଂଗୀତ ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତିଙ୍କ ସଂଗୀତରେ ସ୍ୱର ଦେଇଛନ୍ତି ସ୍ମୃତିରେଖା ଦାସ ଓ ରଚିକାନ୍ତ ଶତପଥୀ। ଏହାର ମୁଖ୍ୟ ଭୂମିକାରେ ଅଛନ୍ତି ଚୌଧୁରୀ ବିକାଶ ଦାସ, ଦୀପାନ୍ୱିତ ଦାଶମହାପାତ୍ର, ସ୍ମିତା ମହାନ୍ତି, ରମାକାନ୍ତ ମିଶ୍ର, ଭାସ୍କତୀ ବସୁ, ଦେବଦତ୍ତ ପତି, ଅଭିଷେକ ଗିରି, ଧରିତ୍ରୀ ଖୁଣ୍ଟିଆ, ସୁଧାଶ୍ରୀ ମଧୁସ୍ମିତା, ରିଙ୍କୁ ପ୍ରଧାନ, ସୌମ୍ୟ ରଞ୍ଜନ, ସମର୍ପିତା, ବିଶାଖା ଦେବଞ୍ଜନା, ସାଗର ଷଡ଼ଙ୍ଗୀ, ଅମିଷା ମହାନ୍ତି, ରୂପଶ୍ରୀ ଓ ଅନ୍ୟମାନେ। 'ଇନ୍ଦ୍ରଧନୁ' ସିନେ ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଉଛି।




# ବର୍ଲିନରେ କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ର

ଓ ଲିଉଡ୍ ଅଭିନେତ୍ରୀ ପିଙ୍କି ପ୍ରଧାନଙ୍କ ଦକ୍ଷତା କେବଳ ଅଭିନୟରେ ସୀମିତ ନୁହେଁ, ଏବେ ସେ ନିର୍ଦ୍ଦେଶନାରେ ପାଦ ଥାପିଛନ୍ତି। ନିର୍ଦ୍ଦେଶନାରେ ବି ତାଙ୍କୁ ସଫଳତା ମିଳିଛି। 'ପିଙ୍କଉଡ୍ କ୍ରିଏସନ୍ସ' ନିବେଦିତ ତାଙ୍କ ନିର୍ଦ୍ଦେଶିତ ପ୍ରଥମ କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ର 'ଅନୁଭବ- ଏ ଟେଲ୍ ଅଫ୍ ଲଭ୍ ଆଣ୍ଡ ସାକ୍ରିଫାଇସ୍' ଇଂରାଜୀ ସବ୍‌ଟାଇଟଲ୍ ସହ ବର୍ଲିନରେ ପ୍ରଶଂସା ସାଉଁଟିଛି। ଏଠାରେ ଇଣ୍ଡୋ-ଜର୍ମାନ ଫିଲ୍ମ ୱିକ୍‌ରେ ଏହାକୁ ପ୍ରଦର୍ଶିତ କରାଯାଇଥିଲା। ଜୁଲାଇ ୫ରୁ ଜୁଲାଇ ୯ ପର୍ଯ୍ୟନ୍ତ ବେବିଲନ୍ ଥିଏଟର୍‌ରେ ଦର୍ଶକେ ଏହାକୁ ଦେଖିବାକୁ ପାଇଥିଲେ। ପୁଣି ଜୁଲାଇ ୧୪ ତାରିଖରେ ଏହାର ଦ୍ୱିତୀୟ ସ୍କ୍ରିନିଂ ହୋଇଛି। ଏହି ଫିଲ୍ମର ଅବଧି ୧୮ ମିନିଟ୍। ସିନେମାଟିରେ ଗୋଟିଏ ମଧ୍ୟବିତ୍ତ ପରିବାରର ବାପା-ମା ଓ ପୁଅର କାହାଣୀ ଦେଖିବାକୁ ମିଳିଛି। ସିନେମାରେ ପ୍ରେମ, ସ୍ନେହ, ତ୍ୟାଗ, ପରିବାର ଓ ସମ୍ପର୍କର କଥା ରହିଛି। ସେହିପରି ସିନେମାଟି ମଧୁସୂଦନ ରାଓଙ୍କ 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର'ରୁ ପ୍ରେରିତ ହୋଇ ନିର୍ମାଣ କରାଯାଇଛି। ସିନେମାର ମୁଖ୍ୟ ଚରିତ୍ରରେ ଚୌଧୁରୀ ଜୟ ପ୍ରକାଶ, ପିଙ୍କି ପ୍ରଧାନ, ସଂଶିତ ପ୍ରମୁଖ ଅଭିନୟ କରିଛନ୍ତି। ଏହି ସିନେମା ମାଧ୍ୟମରେ ପିଙ୍କି ଅଭିନୟ, ପ୍ରଯୋଜନା, ନିର୍ଦ୍ଦେଶନା, ଚିତ୍ରନାଟ୍ୟରେ ନିଜ ଦକ୍ଷତାକୁ ପ୍ରମାଣିତ କରିଛନ୍ତି। ସିନେମାର କାହାଣୀ ପଣ୍ଡିତ କୁମାର ଗୌଡ଼ ଲେଖିଥିବା ବେଳେ ସଙ୍ଗୀତ ସହ କଣ୍ଠଦାନ କରିଛନ୍ତି ଦୀପ୍ତିମାନ। ସିନେମାର ଗୀତ ରଚନା କରିଛନ୍ତି ଦେବଦାସ ଛୋଟରାୟ।



# 'ମନ୍ତ୍ରମୁଗ୍ଧ'ର ସୁଟିଂ ଆରମ୍ଭ

ଭୁବନେଶ୍ୱରର ସିମ୍ଫୋନୀ ମଲ୍‌ରେ 'ମନ୍ତ୍ରମୁଗ୍ଧ'ର ସୁଟିଂ ଆରମ୍ଭ ହୋଇଛି। ସୁଟିଂ ଆରମ୍ଭ ହେବା ପୂର୍ବରୁ ଏହାର ଟିମ୍ ପ୍ରଥମେ ପୁରୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇଛନ୍ତି। ଏହି ଚଳଚ୍ଚିତ୍ର ଓଡ଼ିଆ ସିନେମାର କାହାଣୀରେ ନୂଆ ଫର୍ଦ୍ଦ ଯୋଡ଼ିବାକୁ ଯାଉଛି । 'ଅମିୟ ପଟ୍ଟନାୟକ ପ୍ରଡକ୍ସନ' ବ୍ୟାନରରେ ନିର୍ମିତ ହେବାକୁ ଥିବା ଏହି ସିନେମାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ବର୍ଷା ପଟ୍ଟନାୟକ। ପ୍ରଥମ ଥର ପାଇଁ ଭୂମିକା ଦାଶ ପ୍ରଯୋଜନା ସଂସ୍ଥା ସହ ଯୋଡ଼ି ହୋଇଛନ୍ତି। ଏଥିରେ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଦମ୍‌ଦାର ଭୂମିକାରେ ନଜର ଆସିବେ । ସନୋଜ କୁମାର, ମନ୍ମୟ ଦେ, ସାର୍ଥକ ଭରଦ୍ୱାଜ, ଦୀପନ୍‌ବିତ ଦାଶମହାପାତ୍ର ମଧ ଏଥିରେ ଅଭିନୟ କରୁଛନ୍ତି । ଅନ୍ୟ ପ୍ରମୁଖ କଳାକାରଙ୍କ ମଧ୍ୟରେ ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଥିଆ, ସୋମା ହୋତା ଓ ଭକ୍ତି ଦାସ ରହିଛନ୍ତି । ଟେଲି ଅଭିନେତ୍ରୀ ପିହୁ ମହାପାତ୍ର ଓ ଡିଜିଟାଲ୍ କ୍ରିଏଟର୍ ମିଷ୍ଟର ରାଉତଙ୍କୁ ବି ଫିଲ୍ମରେ ନିଆଯାଇଛି। ଚଳଚ୍ଚିତ୍ରରେ ଉଦୀୟମାନ ନବାଗତମାନଙ୍କ ଏକ ସୁନ୍ଦର ସମନ୍ୱୟ ରହିଛି। କାହାଣୀ ଅନୁପମ ଓ ରୋଶନ ବିଶୋଇ ଲେଖିଥିବା ବେଳେ ଏହାକୁ ଚିତ୍ରନାଟ୍ୟରେ ସଜାଇଛନ୍ତି ରୋହିତ ଗେହଲୋଟ ଓ ଅନୁପମ ପଟ୍ଟନାୟକ। ଏହାର ସଂଳାପ ରଚନା କରିଛନ୍ତି ପ୍ରଣବ ରଥ। ଚିତ୍ରନାଟ୍ୟ ଓ ସଂଳାପର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି ନିଶାନ୍ତ ମାଜିଥିଆ। ଆଶିଷ ପ୍ରଧାନ,ଅନୁରାଗ ପଟ୍ଟନାୟକ, ସଂଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ରୌମ୍ୟ ରାଜ ପ୍ରଧାନ ପ୍ରମୁଖ ପାଞ୍ଚ ଜଣ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଯାହା ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ପ୍ରଥମ। ଏହାର ମୁଖ୍ୟ ଚରିତ୍ର ଓ କାହାଣୀ ହାସ୍ୟରସ ଓ ରୋମାଞ୍ଚରେ ଭରପୂର। ଏହି ସିନେମାରେ କେବଳ ହାସ୍ୟ ରସ କି ରୋମାଞ୍ଚ ନୁହେଁ, ବରଂ ପ୍ରଚଳିତ ସାମାଜିକ ବିଧି ବ୍ୟବସ୍ଥାକୁ ଆହ୍ୱାନ ଦେଉଥିବା ଏକ ବଳିଷ୍ଠ କାହାଣୀ ରହିଛି।



# ଶେଷ ପର୍ଯ୍ୟାୟରେ 'ଲାଣ୍ଡୋ'

'ସତ୍ୟଭାମା ସିନେ ପ୍ରଡକ୍ସନ' ବ୍ୟାନରରେ ନିର୍ମିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଲାଣ୍ଡୋ-ମାଟିର ମଣିଷ'ର ପ୍ରଥମ ପର୍ଯ୍ୟାୟ ସୁଟିଂ ଇତିମଧ୍ୟରେ ଶେଷ ହୋଇଛି। ସୁଟିଂ ପାଇଁ ପୂରା ୟୁନିଟ୍ ୨୫ ଦିନ ପର୍ଯ୍ୟନ୍ତ ନୟାଗଡ଼ ସହରରେ ଡେରା ପକେଇ ଥିଲା। ଏହି ୟୁନିଟ୍‌ରେ ନିର୍ମାତା, ନିର୍ଦ୍ଦେଶକ, କଳାକାର ଓ ଟେକ୍ନିସିଆନଙ୍କ ସମେତ ମୋଟ ୭୫ ଜଣ ସଦସ୍ୟ ଥିଲେ। ଦଶପଲ୍ଲା, ସିଙ୍ଗପଡ଼ା ଓ ଏହାର ଆଖ ପାଖ ଅଞ୍ଚଳରେ ସୁଟିଂ ସମ୍ପନ୍ନ ହୋଇଥିଲା। ଏବେ ମାତ୍ର ପାଞ୍ଚ ଦିନର ପ୍ୟାଚ୍ ୱାର୍କ ବାକି ରହିଛି, ଯାହା ଭୁବନେଶ୍ୱର, ଖୋର୍ଦ୍ଧା ଓ ଢେଙ୍କାନାଳରେ ଅନୁଷ୍ଠିତ ହେବ। 'ଲାଣ୍ଡୋ' କେବଳ ଏକ ମନୋରଞ୍ଜନ ଧର୍ମୀ ସିନେମା ନୁହେଁ, ଏଥିରେ ସମାଜ ପାଇଁ ବାର୍ତ୍ତା ବି ରହିଛି। ଚଳଚ୍ଚିତ୍ରର କାହାଣୀ ଓ ଚିତ୍ରନାଟ୍ୟ ରଚନା ସାଙ୍ଗକୁ ନାୟକ ଭୂମିକାରେ ଅଛନ୍ତି ଶୁଭମ ସାଗର। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ଅର୍ଲିନ ଅଙ୍କିତା ଓ ସଞ୍ଜନା ପ୍ରଧାନ। ଅନ୍ୟାନ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, କେକେ, ଉଦିତ ଗୁରୁ, ବଡ଼ୁ ଭାଇ ଓ ରାଜଶ୍ରୀ। 'ଲାଣ୍ଡୋ'ର ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ବିଶ୍ୱାଳ। ବିଜୟ ରାଉଳ ସଂଳାପ ଲେଖିଥିବା ବେଳେ ଏଥିରେ ସଙ୍ଗୀତ ଦେଇଛନ୍ତି ସୋମେଶ ଶତପଥୀ। ଡ. ନିର୍ମଳ ନାୟକ ଓ ଜେପି ୱାର୍ଡସ୍ମିଥ୍‌ଙ୍କ ଗୀତରେ କଣ୍ଠଦାନ କରିଛନ୍ତି କୁଲଦୀପ, ଅନନ୍ୟା ଶ୍ରୀତମ ନନ୍ଦ, ଗୌରବ ଆନନ୍ଦ, ଅସୀମା ପଣ୍ଡା ଓ ମଣ୍ଟୁ ଛୁରିଆ। ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ବିଦ୍ରୁ। ଏହା ଏକ ବ୍ୟୟବହୁଳ ସିନେମା ହୋଇଥିବା ବେଳେ ସୁଟିଂରେ କୌଣସି ପ୍ରକାର ଊଣା କରାଯାଇ ନ ଥିବା ଏହାର ନିର୍ଦ୍ଦେଶକ କହିଛନ୍ତି।

## ପରଦା ପଛର କାହାଣୀ



# ବାଥ୍‌ରୁମ୍‌ରେ ଫିଲ୍ମ ଗୀତ ରେକର୍ଡିଂ

ଚଳଚ୍ଚିତ୍ର ନିର୍ମାଣ ପାଇଁ ବିଭିନ୍ନ ସୁନ୍ଦର ଓ ଆକର୍ଷଣୀୟ ସ୍ଥାନରେ ଫିଲ୍ମ ସୁଟିଂ ହୋଇଥାଏ। ସେଥିମଧ୍ୟରୁ କିଛି ଫିଲ୍ମ ହିଟ୍ ହୋଇଥିବାବେଳେ, କିଛି ଫ୍ଲପ୍ ସାବ୍ୟସ୍ତ ହୋଇଥାଏ। କିନ୍ତୁ କିଛି ଫିଲ୍ମ ଥାଏ, ଯାହା ଇତିହାସ ସୃଷ୍ଟି କରେ। ୧୯୬୦ ମସିହାରେ ମୁକ୍ତିଲାଭ କରିଥିବା ସେଭଳି ଏକ ହିନ୍ଦୀ ଫିଲ୍ମ ହେଉଛି 'ମୁଗଲ-ଏ-ଆଜମ'। ଏହି ଫିଲ୍ମ ନିର୍ମାଣ ହେବାକୁ ପାଖାପାଖି ୧୬ ବର୍ଷ ସମୟ ଲାଗିଥିଲା। କେ. ଅସିଫ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଗୀତଗୁଡ଼ିକ ଏବେ ମଧ ବେଶ୍ ଲୋକପ୍ରିୟ। ସେଥିମଧ୍ୟରୁ ଗୋଟିଏ ହେଉଛି, 'ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା...'। ଏହି ଗୀତକୁ ଗାଇଥିଲେ ଲତା ମଙ୍ଗେସକର। ଆଜି ମଧ ଏହି ଗୀତ ଶୁଣିବାକୁ ଲୋକେ ବେଶ୍ ପସନ୍ଦ କରନ୍ତି। ନିର୍ଦ୍ଦେଶକ ଅସିଫ୍ ଗୀତକୁ ସୁପରହିଟ୍ କରିବା ପାଇଁ ଏଥିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ତେବେ ସେ ସମୟରେ ଗୀତ ମିକ୍ସିଂ ସୁବିଧା ନ ଥିବାରୁ ସଂଗୀତ ନିର୍ଦ୍ଦେଶକ ନୌସାଦ ଏଥିରେ ପ୍ରତିଧ୍ୱନି ସୃଷ୍ଟି କରିବା ପାଇଁ ଲତା ମଙ୍ଗେସକରଙ୍କୁ ଏହି ଗୀତ ଷ୍ଟୁଡିଓରେ ଥିବା ବାଥ୍‌ରୁମ୍‌ରେ ଗାଇବା ପାଇଁ କହିଥିଲେ। ଏହି ଗୀତକୁ ଶକୀଲ ବଦାୟୁନୀ ଲେଖିଥିଲେ। ସେ ଏହାକୁ ୧୦୫ ଥର ଲେଖିବା ପରେ ଗୀତଟିକୁ ଶେଷ କରିଥିଲେ। ଏହାପରେ ସଙ୍ଗୀତ ନିର୍ଦ୍ଦେଶକଙ୍କଠାରୁ ଏହି ଗୀତକୁ ସ୍ୱୀକୃତି ମିଳିଥିଲା। ଏହି ଗୀତ ମୁକ୍ତିଲାଭ କରିବା ପରେ ସୁପରହିଟ୍ ହୋଇଥିଲା। ଏହି ଯନ୍ତ୍ରଣାଦାୟକ ଗୀତ ଶୁଣି ଲୋକମାନେ ଦୁଃଖରେ କାନ୍ଦିଥିଲେ। 'ମୁଗଲ-ଏ-ଆଜମ' ହେଉଛି ଭାରତର ଦାମୀ ଫିଲ୍ମ ମଧ୍ୟରୁ ଅନ୍ୟତମ।

## ସାକ୍ଷାତକାର

# "କଳାକାର ହେବା ପାଇଁ ପରିଶ୍ରମ ଓ ଧୈର୍ଯ୍ୟ ଆବଶ୍ୟକ"

**ସମ୍ଭବ ମାନସିଂ, ଅଭିନେତା**





ନୃତ୍ୟ କେବଳ ଏକ କଳା ନୁହେଁ, ଏହା ହେଉଛି ଭାବ, ଅନୁଭୂତି ଓ ଆତ୍ମାର ଅଭିବ୍ୟକ୍ତି। ସେଥିପାଇଁ ସେ ନୃତ୍ୟକୁ ସବୁକିଛି ମାନି ନେଇଥିଲେ। ନୃତ୍ୟ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ହେଲେ ନୃତ୍ୟ ପରିବେଷଣ କରିବା ଭିତରେ ଅଭିନୟ କରିବା ତାଙ୍କ ପାଇଁ ପେସା ହୋଇଗଲା। ସେଭଳି ଜଣେ କଳାକାର ହେଉଛନ୍ତି ନୟାଗଡ଼ର ସମ୍ଭବ ମାନସିଂହ। ଓଡ଼ିଆ ସିନେମା 'ମିଠା ମିଠା'ରୁ କ୍ୟାରିୟର ଆରମ୍ଭ କରିଥିବା ସମ୍ଭବ ୧୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓ କରିଛନ୍ତି। 'ଆସିକ୍ ସରେଣ୍ଡର ହୁଆ' ଫିଲ୍ମରେ ଅଭିନୟ କରିବାକୁ ସେ ସୁଯୋଗ ପାଇଥିଲେ। ଏବେ ସେ 'ସୁନା ଝିଅ' ଧାରାବାହିକରେ ସମ୍ଭବ ଚରିତ୍ରରେ ଦମ୍‌ଦାର ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଜିଣିଛନ୍ତି। ତେବେ ନୃତ୍ୟଶିଳ୍ପୀରୁ ରଙ୍ଗିନ ଦୁନିଆକୁ ସେ କେମିତି ଆସିଲେ ଜାଣିବା ତାଙ୍କ ମୁହଁରୁ।

**ନୃତ୍ୟଶିଳ୍ପୀରୁ ଅଭିନୟର ଯାତ୍ରା କେମିତି ଥିଲା?**

- ପିଲାଦିନରୁ ମୁଁ ନୃତ୍ୟ କରୁଥିଲି। ମୁଁ ଜଣେ ପ୍ରଫେସନାଲ ନୃତ୍ୟଶିଳ୍ପୀ। ନୃତ୍ୟ ସହିତ ଅଭିନେତା ହେବାକୁ ଇଚ୍ଛା ଥିଲା। ଆଉ ନୃତ୍ୟ ମୋତେ ଅଭିନୟ କ୍ଷେତ୍ରକୁ ଟାଣି ଆଣିଲା। 'ମିଠା ମିଠା' ଓଡ଼ିଆ ଚଳଚ୍ଚିତ୍ର ମୋର ପ୍ରଥମ ଫିଲ୍ମ। ସୌଭାଗ୍ୟବଶତଃ ବିଭିନ୍ନ ପ୍ଲାଟଫର୍ମରେ ଅଡିସନ୍ ଦେଇ ଅନେକ ମ୍ୟୁଜିକ୍ ଭିଡ଼ିଓ ଏବଂ ଦୁଇଟି ସିନେମାରେ କାମ କରିପାରିଥିଲି। 'ଏ ମନ ମୋ ମନ', 'ଫଗୁଣ', 'ରେ ମନ', 'ଆଖିରେ ଆଖି' ଆଦି ଅନେକ ମ୍ୟୁଜିକ୍ ଭିଡିଓ ମୋତେ ଲୋକପ୍ରିୟତା ଦେଇଛି। ଏବେ ପ୍ରତି ସପ୍ତାହକୁ ମୋର ଦୁଇରୁ ତିନିଟି ମ୍ୟୁଜିକ ଭିଡିଓ ରିଲିଜ୍ ହେଉଛି। ନିକଟରେ ଦେବଜାନୀଙ୍କ ସହ 'ଭାରି ବେଇମାନି ଏହି ପୁରୁଷ ଜାତି' ମ୍ୟୁଜିକ ଭିଡିଓ ରିଲିଜ୍ ହୋଇଛି। ୭ ବର୍ଷ ପୂର୍ବରୁ ମୁଁ ଓ ପ୍ରକୃତି ମିଶ୍ର ମିଶି ପ୍ରଥମ ମ୍ୟୁଜିକ୍ ଭିଡ଼ିଓ 'ନଜଦିକିଆଁ' କରିଥିଲୁ। ସେତେବେଳେ ଏହା ବହୁତ ଟ୍ରେଣ୍ଡରେ ଥିଲା।

**'ସୁନାଝିଅ'ରେ କାମ କରିବାକୁ କାହିଁକି ମନ ବଳାଇଲେ?**

- ମୋ ମନ ଚାହୁଁଥିବା ପରି ସିନେମା ମିଳି ନ ଥିଲା, କି ଯେଉଁ ସିନେମା କରିଥିଲି ସେଥିରେ ସଫଳ ହେଲିନି। ହୃଦ୍‌ବୋଧ ହେଲା ଯେ, ଧାରାବାହିକରେ କାମ କରି ଓଡ଼ିଆ ଲୋକଙ୍କ ହୃଦୟରେ ରହିପାରିବି। ଆଗରୁ ଧାରାବାହିକରେ କାମ ପାଇଁ ଅଫର୍ ଥିଲା, ତେଣୁ ବିଳମ୍ବ ନ କରି 'ସୁନା ଝିଅ'ରେ ପିଢ଼ି ପରିବର୍ତ୍ତନ ହେବା ସମୟରେ ମୁଁ ମୁଖ୍ୟ ଚରିତ୍ରରେ କାମ ଆରମ୍ଭ କରିଥିଲି।

**ସମ୍ଭବ ଚରିତ୍ରକୁ ନେଇ କ'ଣ କହିବେ?**

- ଏଥିରେ ମୁଁ ଜଣେ କଲେଜ ପ୍ରଫେସର । ମୋ ଧର୍ମପତ୍ନୀଙ୍କୁ ସହଯୋଗ କରୁଛି, ଭୁଲ୍‌କୁ ପ୍ରଶ୍ରୟ ଦେଉନି। ବାସ୍ତବ ଜୀବନରେ ବି ସମ୍ଭବ ଭୁଲ୍ କଥାକୁ କେବେ ସମର୍ଥନ କରେନି। ଧାରାବାହିକ ନାଁ'ରେ ଲୋକେ ଜଣେ ନାୟକକୁ ଚିହ୍ନୁଥିବାବେଳେ ଏହି ଧାରାବାହିକରେ ମୋ ଚରିତ୍ରର ନାଁ, ନିଜ ନାଁ ସହିତ ସମାନ ରହିଛି।

**ସୁଟିଂ ନ ଥିଲେ କ'ଣ କରନ୍ତି?**

- ସୁଟିଂ ନଥିଲେ ମୁଁ ମୋ ପରିବାର ସହ ସମୟ ବିତାଏ। ଧର୍ମପତ୍ନୀଙ୍କ ସହ ସିନେମା ଦେଖେ।

**ଏ କ୍ଷେତ୍ରରେ ତିଷ୍ଠି ରହିବାକୁ ପରିଶ୍ରମ କେତେ ଜରୁରି?**

- ସିନେମା କି ମ୍ୟୁଜିକ୍ ଭିଡିଓ କରିବା ପୂର୍ବରୁ ମୋ' ଜୀବନରେ ମୁଁ ବହୁତ ସଂଘର୍ଷ କରିଛି। କେବେ ବି କାମରେ ବିରକ୍ତି ପ୍ରକାଶ କରିନି। ବର୍ଷ ବର୍ଷ ଧରି ନିଜ ପ୍ରୋଫାଇଲ୍ ଧରି ମୁଁ ଧାଇଁଛି, ଝୁଣ୍ଟିଛି ଆଉ ତା' ଭିତରେ ବି ଆଗକୁ ବଢ଼ିବାକୁ ସାହାସ ପାଇଛି। ତେଣୁ ଜଣେ କଳାକାର ପାଇଁ ପରିଶ୍ରମ, ଧୈର୍ଯ୍ୟ ଆଉ ଅଭ୍ୟାସ ଏ ସବୁ ନିହାତି ଆବଶ୍ୟକ।

**ଡ୍ରିମ୍ ରୋଲ କ'ଣ?**

- କୌଣସି ଏକ ନିର୍ଦ୍ଦିଷ୍ଟ ଚରିତ୍ର ନୁହେଁ, ଅନେକ ଚରିତ୍ରରେ ମୋର ଅଭିନୟ କରିବାକୁ ଇଚ୍ଛା ଅଛି।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

- ମା'ଙ୍କୁ ଦେଇ ଦେଇଥିଲି।

**ଆପଣଙ୍କ ଜୀବନର ଲକ୍ଷ୍ୟ?**

- ଗୋଟିଏ ସିନେମା କରିବି, ତାହା ପ୍ୟାନ୍ ଇଣ୍ଡିଆରେ ରିଲିଜ୍ ହେବ।

# ପଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍ ଆୱାର୍ଡ ଜିତିଲେ ଦୀପିକା

## ପୁରସ୍କାର ପାଇବାରେ ପ୍ରଥମ ଭାରତୀୟ ହକି ଖେଳାଳି

ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ଭାରତୀୟ ମହିଳା ହକି ଦଳର ଯୁବ ଫରୱାର୍ଡ ଦୀପିକା ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ହକି ଖେଳାଳି ଭାବେ ସମ୍ମାନଜନକ 'ପଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍' ଆୱାର୍ଡ ଜିତିଛନ୍ତି। ଶେଷ ହୋଇଥିବା ଏଫ୍ଆଇଏଚ୍ ପ୍ରୋ ଲିଗ୍ ସିଜନରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ବିଶ୍ୱର ଏକ ନମ୍ବର ଦଳ ନେଦରଲାଣ୍ଡସ ବିପକ୍ଷ ମ୍ୟାଚରେ ଦୀପିକା ଚମତ୍କାର ଭାବେ ବଲ୍‌କୁ ଡ୍ରିବଲିଂ କରି ପ୍ରତିପକ୍ଷ ଖେଳାଳିଙ୍କୁ ଚକ୍‌ମା ଦେଖାଇ ଏକାକୀ ଗୋଲ୍‌ସ୍କୋର କରିଥିଲେ। ଭାରତ ଓ ନେଦରଲାଣ୍ଡସ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚର ୩୫ତମ ମିନିଟ୍‌ରେ ୨୧ ବର୍ଷୀୟା ଦୀପିକା ବାମ ପାର୍ଶ୍ୱରୁ ଏକାକୀ ବଲ୍‌କୁ ଧରି ଅଗ୍ରସର ହୋଇଥିଲେ। ସେ ଏଭଳି ଚମତ୍କାର ଡ୍ରିବଲିଂ କୌଶଳ ପ୍ରଦର୍ଶିତ କରିଥିଲେ ଯେ ଏକାଧିକ ନେଦରଲାଣ୍ଡସ ଡିଫେଣ୍ଡର ଓ ଗୋଲ୍‌ରକ୍ଷକଙ୍କୁ ପରାସ୍ତ କରି ବଲ୍‌କୁ ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଏହି ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର ରହିଥିଲା। ପରେ ସୁଟ୍‌ଆଉଟ୍‌ରେ ଭାରତ ମ୍ୟାଚକୁ ବାଜିମାତ୍ କରିନେଇଥିଲା।

ଉକ୍ତ ଦର୍ଶନୀୟ ଗୋଲ୍ ପାଇଁ ଦୀପିକାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଜୁଲାଇ ୪ରୁ ୧୩ ତାରିଖ ପର୍ଯ୍ୟନ୍ତ ହୋଇଥିବା ଭୋଟିଂ ପ୍ରକ୍ରିୟାରେ ବିଶ୍ୱର କୋଣ ଅନୁକୋଣରୁ ହକି ପ୍ରଶଂସକ ଭାଗନେଇ ଦୀପିକାଙ୍କ ଗୋଲ୍‌କୁ ଚଳିତ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ସବୁଠାରୁ ଶ୍ରେଷ୍ଠ ସୃଜନଶୀଳ ଓ କୁଶଳୀ ମୁହୂର୍ତ୍ତ ଭାବେ ବିବେଚିତ କରିଛନ୍ତି। ଏହି ପୁରସ୍କାର ଦୌଡ଼ରେ ପୁରୁଷ ଓ ମହିଳା ବିଭାଗରେ ମୋଟ୍ ୬ଜଣ ଖେଳାଳି ରହିଥିଲେ। ପୁରୁଷ ବିଭାଗରେ ବେଲ୍‌ଜିୟମର ଭିକ୍ଟର ୱେଗନେଜ ଏହି ପୁରସ୍କାର ଜିତିଛନ୍ତି। ଉଲ୍ଲେଖଯୋଗ୍ୟ, ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ 'ପଲିଗ୍ରାସ ମ୍ୟାଜିକ୍ ସ୍କିଲ୍ ଆୱାର୍ଡ' ଲିଗ୍‌ର ସବୁଠାରୁ ସୃଜନଶୀଳ ଓ କୁଶଳୀ ଗୋଲ୍ ମୁହୂର୍ତ୍ତକୁ ପ୍ରଦାନ କରାଯାଇଥାଏ। ପଲିଗ୍ରାସ ହକି ଟର୍ଫ ପ୍ରସ୍ତୁତ କରିଥାଏ। ଏହା ବିଶ୍ୱର ସର୍ବଶ୍ରେଷ୍ଠ ହକି ଟର୍ଫ ପ୍ରସ୍ତୁତ କରିବାରେ ଖ୍ୟାତି ଅର୍ଜନ କରିଛି। ଆଗାମୀ ୨୦୨୮ ଲସ୍ ଆଞ୍ଜେଲ ଅଲିମ୍ପିକ୍ସର ହକିରେ ମଧ୍ୟ ପଲିଗ୍ରାସ ଟର୍ଫ ବ୍ୟବହୃତ ହେବ।



# ଆରମ୍ଭ ହେଲା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା



ଭୁବନେଶ୍ୱର, ୧୬ ।୭ (ସମିସ): ଜର୍ମାନୀର ଡୁଇସବର୍ଗ ସହରରେ ବୁଧବାର ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହାସଂଘ (ଏଫଆଇଏସ୍‌ୟୁ) ଆନୁକୂଲ୍ୟରେ ଆୟୋଜିତ ଏହି ମେଗା ଇଭେଣ୍ଟ ଜୁଲାଇ ୨୭ରେ ଉଦ୍‌ଯାପିତ ହେବ। ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବରେ ଅସି ଚାଳିକା ଜଗମିତ୍ କୌର (ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ) ଓ ଅଭୟ ସିନ୍ଧେ (ବାବାସାହେବ ଆମ୍ବେଦକର ମରାଠୱାଡା ବିଶ୍ୱବିଦ୍ୟାଳୟ) ଭାରତୀୟ ପ୍ରତିନିଧି ଦଳର ପତାକା ବାହକ ରହିଥିଲେ। ଏହି ସମ୍ମାନଜନକ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତର ୩୦୦ରୁ ଉର୍ଦ୍ଧ୍ୱ ଆଥ୍‌ଲେଟ୍ ଅଂଶଗ୍ରହଣ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ ଭାରତୀୟ ଦଳର ଉପମୁଖ୍ୟ ଭାବେ କ୍ରୀଡ଼ାବିତ୍‌ଙ୍କ ସହ ଜୁଲାଇ ୧୪ରେ ଜର୍ମାନୀ ଗସ୍ତ କରିଥିଲେ। ଉଲ୍ଲେଖଯୋଗ୍ୟ, ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଲାଗି କିଟ୍ ନୋଡାଲ୍ ବିଶ୍ୱବିଦ୍ୟାଳୟ ରହିଥିଲା। ଏଠାରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳର ବ୍ୟାଡ୍‌ମିଣ୍ଟନ, ଟେନିସ, ଟେବଲ୍ ଟେନିସ, ଆଥ୍‌ଲେଟିକ୍ସ, ମହିଳା ଭଲିବଲ୍ ଚୟନ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଭାରତୀୟ ଦଳର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ଭାରତ-ଇଂଲଣ୍ଡ ପ୍ରଥମ ଯୁଥ୍ ଟେଷ୍ଟ ଡ୍ର

ବେକେନହାମ୍, ୧୬ ।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଏଠାରେ ଅନୁଷ୍ଠିତ ପ୍ରଥମ ଯୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟ ଡ୍ର' ରହିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୩୫୦ ରନର ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ଯୁଥ୍ ଦଳ ଅନ୍ତିମ ତଥା ୪ର୍ଥ ଦିବସରେ ଅଧିନାୟକ ହାମଜା ଶେଖ୍‌ଙ୍କ ଶତକୀୟ ପାଳି ସତ୍ତ୍ୱେ ୬୩ ଓଭରରେ ୭ ୱିକେଟ୍ ହରାଇ ୨୭୦ ରନ କରିପାରିଥିଲା। ଭାରତୀୟ ବୋଲର ମଧ୍ୟ ଆଉ ୩ଟି ୱିକେଟ୍ ନେଇ ମ୍ୟାଚକୁ ଜିତିବାକୁ ଶତ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ଭାରତ ଏହି ମ୍ୟାଚର ପ୍ରଥମ ପାଳିରେ ୫୪୦ ରନର ବିଶାଳ ସ୍କୋର କରିଥିଲା। ନିଜେ ଅଧିନାୟକ ଆୟୁଷ ମହାତ୍ରେ ୧୦୨ ରନର ପାଳି ଖେଳିଥିଲେ। ଜବାବରେ ଇଂଲଣ୍ଡ ୪୩୯ ରନରେ ପ୍ରଥମ ପାଳି ସୀମିତ ରହିଥିଲା। ୯୯ ରନରେ ଅଗ୍ରଣୀ ରହିଥିବା ଭାରତ ଏହାପରେ ୨ୟ ପାଳିରେ ୨୪୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଆଇପିଏଲ୍ ତାରକା ବୈଭବ ସୂର୍ଯ୍ୟବଂଶୀ ଏହି ମ୍ୟାଚରେ ୭୦ ରନ ସହ ୨ଟି ୱିକେଟ୍ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ସିରିଜର ଅନ୍ତିମ ତଥା ୨ୟ ଟେଷ୍ଟ ଜୁଲାଇ ୨୦ରୁ ଆରମ୍ଭ ହେବ।

# ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍
# ଶୀର୍ଷକୁ ଫେରିଲେ ରୁଟ୍

ଦୁବାଇ, ୧୬ ।୭ (ଏଜେନ୍ସି):

ଇଂଲଣ୍ଡର ପୂର୍ବତନ ଅଧିନାୟକ ଜୋ ରୁଟ୍ ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ଶୀର୍ଷ ସ୍ଥାନକୁ ଫେରିଛନ୍ତି। ରୁଟ୍ ନିଜ ଦେଶର ହ୍ୟାରୀ ବ୍ରୁକଙ୍କୁ ପଛରେ ପକାଇ ଗୋଟିଏ ପାହାଚ ଲମ୍ଫ ପ୍ରଦାନ କରି ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଭାରତ ବିପକ୍ଷ ୩ୟ ଟେଷ୍ଟର ଉଭୟ ପାଳିରେ ରୁଟ୍ ଯଥାକ୍ରମେ ୧୦୪ ଓ ୪୦ ରନର ଉପଯୋଗୀ ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ ମଧ୍ୟ ୩ୟରୁ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ଅପରକ୍ଷରେ ବ୍ରୁକ୍ ଶୀର୍ଷ ସ୍ଥାନ ହରାଇବା ସହ ୩ୟକୁ ଖସିଯାଇଛନ୍ତି।

୩୪ ବର୍ଷୀୟ ରୁଟ୍ ତାଙ୍କ କ୍ୟାରିୟରରେ ୮ ମଥର ଲାଗି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଏକ ନମ୍ବର ସ୍ଥାନରେ ରହିଛନ୍ତି। ବୟୋଜ୍ୟେଷ୍ଠ ଖେଳାଳି ଭାବେ କୁମାର ସାଙ୍ଗାକାରା ୨୦୧୪ରେ ୩୭ ବର୍ଷ ବୟସରେ ଟେଷ୍ଟରେ ଏକ ନମ୍ବର ସ୍ଥାନ ହାସଲ କରିଥିଲେ। ଅପରପକ୍ଷରେ ଇଂଲଣ୍ଡ ବିପକ୍ଷରେ ୩ୟ ଟେଷ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ଯଶସ୍ୱୀ ଜୟସ୍ୱାଲ ଗୋଟିଏ ପାହାଚ ତଳକୁ ଖସି ୫ମ ସ୍ଥାନରେ ରହିଛନ୍ତି। ଚତୁର୍ଥ ସ୍ଥାନ ଲାଭ କରିଥିବା ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥଙ୍କ ଗୋଟିଏ ସ୍ଥାନ ଉନ୍ନତି ହୋଇଛି। ଟେଷ୍ଟ ମାନ୍ୟତାର ବ୍ୟାଟିଂ ତାଲିକାରେ ଟପ୍-୧୦ରେ ଆଉ ଦୁଇ ଭାରତୀୟ ଭାବେ ଉପଅଧିନାୟକ ଋଷଭ ପନ୍ତ ୮ମ ଓ ଅଧିନାୟକ ଶୁବମନ ଗିଲ୍ ୯ମ ସ୍ଥାନରେ ରହିଛନ୍ତି। ପନ୍ତ ଗୋଟିଏ ସ୍ଥାନ ଓ ଗିଲ୍ ୩ଟି ସ୍ଥାନ ହରାଇଛନ୍ତି। ବୋଲିଂ ତାଲିକାରେ ଭାରତର ଯଶପ୍ରୀତ୍ ବୁମ୍‌ରା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ୩ୟ ଟେଷ୍ଟରେ ହ୍ୟାଟ୍ରିକ ଅର୍ଜନ କରିଥିବା ଅଷ୍ଟ୍ରେଲିଆର ସ୍କଟ୍ ବୋଲାଣ୍ଡ ୧୨ରୁ ୬ଷ୍ଠ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ବୋଲିଂ ତାଲିକାର ଟପ୍-୧୦ରେ ବୋଲାଣ୍ଡଙ୍କ ସହ ୫ଜଣ ଅଷ୍ଟ୍ରେଲୀୟ ଖେଳାଳି ରହିଛନ୍ତି। ସେମାନେ ହେଲେ ପ୍ୟାଟ୍ କମିନ୍ସ (୩ୟ), ଜୋଶ୍ ହାଜଲେଉଡ୍ (୪ର୍ଥ), ନାଥନ ଲାୟନ (୮ମ) ଓ ମିଚେଲ ଷ୍ଟାର୍କ (୧୦ମ)।



## ଇଂଲଣ୍ଡ ଦଳକୁ ଜରିମାନା

ଲର୍ଡ୍ସ, ୧୬ ।୭ (ଏଜେନ୍ସି): ଚଳିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ୩ୟ ଟେଷ୍ଟ ମ୍ୟାଚକୁ ଇଂଲଣ୍ଡ ରୋମାଞ୍ଚଭ ଭାବେ ୨୨ ରନରେ ବିଜୟୀ ହୋଇଥିଲା। ତେବେ ଏହି ମ୍ୟାଚରେ ଧୀମା ବୋଲିଂ କରିଥିବାରୁ ଘରୋଇ ଇଂଲଣ୍ଡ ଦଳ ଉପରେ ଆଇସିସି ଜରିମାନା ଲଗାଇଛି। ଧାର୍ଯ୍ୟ ସମୟରେ ଇଂଲଣ୍ଡ ଦଳ ୨ ଓଭର କମ୍ ବୋଲିଂ କରିଥିଲା। ଫଳରେ ପ୍ରତ୍ୟେକ ଖେଳାଳିଙ୍କ ମ୍ୟାଚ୍ ପାଉଣାର ୧୦ ପ୍ରତିଶତ ଜରିମାନା କରାଯାଇଛି। ସେହିଭଳି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ପଏଣ୍ଟରୁ ଇଂଲଣ୍ଡର ୨ ପଏଣ୍ଟ କାଟିଦିଆଯାଇଛି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି'ର ମ୍ୟାଚ୍ ରେଫରି ରିଚି ରିଚାର୍ଡସନ୍ ଏହି ସୂଚନା ଦେଇଛନ୍ତି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଏହି ଦଣ୍ଡକୁ ସ୍ୱୀକାର କରିଛନ୍ତି। ଦୁଇ ଦଳ ମଧ୍ୟରେ ୪ର୍ଥ ଟେଷ୍ଟ ମ୍ୟାଚ୍ ଜୁଲାଇ ୨୩ରୁ ଆରମ୍ଭ ହେବ।

# ସାହାଣୀ କପ୍ ଉଦ୍‌ଘାଟିତ
# ଅସୀମଙ୍କ ଦୁଇଟି ଗୋଲ୍; ଭୁବନେଶ୍ୱର ବିଜୟୀ



କେନ୍ଦୁଝର ଜୋନ୍

କଟକ,୧୬।୭ (ସମିସ): ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ବୁଧବାରଠାରୁ ଆରମ୍ଭ ହୋଇଛି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କେନ୍ଦୁଝର, କେନ୍ଦ୍ରାପଡ଼ା, ବ୍ରହ୍ମପୁର ଏବଂ ବୌଦ୍ଧ ଜୋନ୍‌ରେ ଏକ ସଙ୍ଗରେ ମ୍ୟାଚ୍ ଖେଳାଯାଉଛି। ପ୍ରତ୍ୟେକ ଜୋନ୍‌ରେ ଆଜି ୨ଟି ଲେଖାଏ ମ୍ୟାଚ୍ ଆୟୋଜନ ହୋଇଥିଲା।

ବୌଦ୍ଧ ଜୋନ୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ସମ୍ବଲପୁର ୩-୦ ଗୋଲରେ କନ୍ଧମାଳକୁ ହରାଇଛି। ଏହି ଜୋନ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ବୌଦ୍ଧ ୧-୦ ଗୋଲରେ ନୂଆପଡାକୁ ହରାଇଥିଲା। ବୌଦ୍ଧ ତରଫରୁ ସମୀର ପ୍ରଧାନ ଏକମାତ୍ର ଗୋଲ ସ୍କୋର କରିଥିଲେ। କେନ୍ଦ୍ରାପଡ଼ା ଜୋନ୍‌ରେ ଝାରସୁଗୁଡା ୨-୧ ଗୋଲରେ ଜଗତସିଂହପୁରକୁ ଓ ଭଦ୍ରକ ୨-୦ ଗୋଲରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଥିଲା। ସେହିଭଳି କେନ୍ଦୁଝର ଜୋନ୍‌ରେ ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଏବଂ କେନ୍ଦୁଝର ବିଜୟୀ ହୋଇଥିଲେ। ଷ୍ଟିଲ ପ୍ଲାଣ୍ଟ ଦଳ ୪-୧ ଗୋଲରେ ଯାଜପୁରକୁ ଓ କେନ୍ଦୁଝର ୧-୦ ଗୋଲରେ ଅନୁଗୋଳକୁ ହରାଇଛି। ବ୍ରହ୍ମପୁର ଜୋନ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର ୩-୦ ଗୋଲରେ ନବରଙ୍ଗପୁରକୁ ପରାସ୍ତ କରିଥିଲା। ଭୁବନେଶ୍ୱରର ଅସୀମ ଡୁଙ୍ଗଡୁଙ୍ଗ ୨ଟି ଗୋଲ୍ ଦେଇଥିଲେ। ଏଠାରେ ଗଞ୍ଜାମ ଓ ଗଜପତି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। କେନ୍ଦୁଝର ଜୋନ୍‌ରେ ଜିଲ୍ଲାପାଳ ବିଶାଳ ସିଂହ, ଏସପି ନୀତିନ କୁଶଳ କର, ସାହାଣୀ କପ୍ ଆବାହକ ଗଣେଶ୍ୱର ମହାନ୍ତୋ, କେନ୍ଦ୍ରାପଡ଼ା ଜୋନରେ ବିଧାୟକ ପ୍ରତାପ କେଶରୀ ଦେବ, ଅତିରିକ୍ତ ଏସପି ଦେବାଶିଷ ଧଳ, ଫାଓ ଉପସଭାପତି ବିଜୟ ଦାସ, ବ୍ରହ୍ମପୁର ଜୋନରେ ଏସ୍‌ପି ସୁବର୍ଣ୍ଣା ବିବେକ, ଫାଓ କୋଷାଧକ୍ଷ ଭକ୍ତ ବତ୍ସଳ ଦାସ, ସଦସ୍ୟ ନବକିଶୋର ମିଶ୍ର, ବୌଦ୍ଧ ଜୋନରେ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।


# ସେପ୍ଟେମ୍ବରରେ ଭାରତ ଆସିବେ ବୋଲ୍ଟ

ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ବିଶ୍ୱର ମହାନ ସ୍ପ୍ରିଣ୍ଟର ତଥା ଧାବକ ଉସେନ ବୋଲ୍ଟ ଆସନ୍ତା ସେପ୍ଟେମ୍ବର ୨୬ରେ ଭାରତ ଗସ୍ତରେ ଆସିବେ। ୮ଥରର ଅଲିମ୍ପିକ ଚାମ୍ପିଅନ ବୋଲ୍ଟ ଏହି ୩ ଦିନିଆ ଗସ୍ତରେ ଦିଲ୍ଲୀ ଓ ମୁମ୍ବଇରେ କେତୋଟି ପ୍ରମୋସନାଲ କାର୍ଯ୍ୟକ୍ରମରେ ଯୋଗଦେବାର ରହିଛି। ବୋଲ୍ଟଙ୍କ ଏହା ଦ୍ୱିତୀୟ ଭାରତ ଗସ୍ତ ହେବ। ଏଥିପୂର୍ବରୁ ୨୦୧୪ରେ ସେ ଭାରତ ଗସ୍ତରେ ଆସିଥିଲେ। ସେହି ସମୟରେ ସେ ୨୦୧୧ ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ୍ ଦଳର ଖେଳାଳିଙ୍କ ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥିଲେ।

# ଟି-୨୦ ସିରିଜ ଜିତିଲା ବାଂଲାଦେଶ

କଲମ୍ବୋ, ୧୬ ।୭ (ଏଜେନ୍ସି): ସ୍ଥାନୀୟ ଆର୍ ପ୍ରେମଦାସ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟି-୨୦ ମ୍ୟାଚରେ ବାଂଲାଦେଶ ୮ ୱିକେଟ୍‌ରେ ଘରୋଇ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୩୩ ରନର ଲକ୍ଷ୍ୟକୁ ବାଂଲାଦେଶ ୧୬.୩ ଓଭରରେ ୨ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଓପନର୍ ତାନଜିଦ୍ ହାସନ ତାମିମଙ୍କ ଅପରାଜିତ ୭୩ ରନ ଓ ମେହଦୀ ହାସନଙ୍କ ୪ ୱିକେଟ୍ ସଫଳତା ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏଥିସହ ଭ୍ରମଣକାରୀ ବାଂଲାଦେଶ ଟି-୨୦ ସିରିଜକୁ ୨-୧ରେ ଜିତିନେଇଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ଶ୍ରୀଲଙ୍କା ୭ ୱିକେଟ୍‌ରେ ଓ ଦ୍ୱିତୀୟ ମ୍ୟାଚକୁ ବାଂଲାଦେଶ ୮୩ ରନରେ ଜିତିଥିଲା।

# ଦୌଡ଼କୁଦରେ ୧୫ ନୂଆ ଜାତୀୟ ରେକର୍ଡ



ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି):

ବର୍ଷ ୨୦୨୫ ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟ୍‌ଙ୍କ ପାଇଁ ବେଶ୍ ଉଲ୍ଲେଖନୀୟ ରହିଛି। ଚଳିତ ବର୍ଷର ପ୍ରଥମ ୭ ମାସ ଅତିକ୍ରାନ୍ତ କରିବାକୁ ଥିବାବେଳେ ଭାରତୀୟ ଆଥ୍‌ଲେଟ୍‌ମାନେ ଏସୀୟ ଓ ବିଶ୍ୱସ୍ତରରେ ଉର୍ଜନେରୁ ଉର୍ଦ୍ଧ୍ୱ ୧୫ଟି ନୂତନ ଜାତୀୟ ରେକର୍ଡ ପ୍ରତିଷ୍ଠା କରି ଏକ ସ୍ମରଣୀୟ ସଫଳତା ପାଇଛନ୍ତି। ଏଥିରେ ସ୍ପ୍ରିଣ୍ଟ ଇଭେଣ୍ଟ ସମେତ ଥ୍ରୋ ଓ ପୋଲ୍ ଉପରେ ଭାରତୀୟ ଆଥ୍‌ଲେଟ୍‌ମାନେ ଆଶ୍ଚର୍ଯ୍ୟଜନକ ଲମ୍ଫ ପ୍ରଦାନ କରିଛନ୍ତି। ଏହି ବର୍ଷ ଭାରତୀୟ ଆଥ୍‌ଲେଟ୍‌ମାନେ ଦୌଡ଼କୁଦରେ ପ୍ରତିଷ୍ଠା କରିଥିବା ରେକର୍ଡ ଉପରେ ସଂକ୍ଷେପରେ ନଜର ପକାଇବା।

**ନୀରଜ ଚୋପ୍ରା:** ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ମଧ୍ୟ ତାଙ୍କ କ୍ୟାରିୟରରେ ପ୍ରଥମଥର ୯୦ ମିଟର ଜାଭେଲିନ ଫିଙ୍ଗି ଦେଶ ପାଇଁ ନୂଆ ରେକର୍ଡ ସୃଷ୍ଟି କରିଥିଲେ। ଦୋହା ଡାଏମଣ୍ଡ ଲିଗରେ ସେ ୯୦.୨୩ ମିଟର ଜାଭେଲିନ ଫିଙ୍ଗିଥିଲେ।

**ପୁରୁଷ ୮୦୦ ମିଟର:** ମେ ୯ରେ ଦୁବାଇରେ ଅନୁଷ୍ଠିତ ୟୁଏଇ ଆଥ୍‌ଲେଟିକ୍ସ ଗ୍ରାଁପ୍ରିରେ ଭାରତର ମହମ୍ମଦ ଅଫଜାଲ ୧ ମିନିଟ୍ ୪୫.୬୧ ସେକେଣ୍ଡରେ ୮୦୦ ମିଟରକୁ ଶେଷ କରି ନୂଆ ଜାତୀୟ ରେକର୍ଡ କରିଥିଲେ। ଏହାପରେ ଜୁଲାଇ ୫ରେ ପୋଲାଣ୍ଡରେ ଏକ ଇଭେଣ୍ଟରେ ଅଫଜାଲ୍ ୧ ମିନିଟ୍ ୪୪.୯୩ ସେକେଣ୍ଡରେ ଫିନିଶ କରି ପୁଣିଥରେ ରେକର୍ଡ ନିଜ ନାମରେ କରିଥିଲେ।

**୧୦୦୦୦ ମିଟର:** ୨୯ ମାର୍ଚ୍ଚରେ ଗୁଲବୀର ସିଂହ ୨୭ ମିନିଟ୍ ୦.୨୨ ସେକେଣ୍ଡରେ ଫିନିଶ କରି ନିଜ ନାମରେ ଥିବା ପୁରୁଣା (୨୭:୧୪.୮୮ ସେକେଣ୍ଡ) ରେକର୍ଡକୁ ପଛରେ ପକାଇଥିଲେ।

**୪ ଗୁଣା ୧୦୦ମି. ରିଲେ:** ଅନିମେଶ, ମଣିକାନ୍ତ, ଗୁରିନ୍ଦର ଓ ଅମ୍ଲାନଙ୍କୁ ନେଇ ଗଠିତ ଭାରତୀୟ ରିଲେ ଦଳ ପୁରୁଷ ୪ ଗୁଣା ୧୦୦ ମିଟର ରିଲେ ରେସକୁ ୩୮.୬୯ ସେକେଣ୍ଡରେ ଫିନିଶ କରି ୧୫ ବର୍ଷ ତଳର ଜାତୀୟ ରେକର୍ଡ ଭାଙ୍ଗିଥିଲେ।

ସ୍ମରଣୀୟ ୨୦୨୫

**ପୁରୁଷ ପୋଲ୍ ଭଲ୍ଟ:** ଏପ୍ରିଲ ୨୨ରେ ଦେବ ମୀନା ପୁରୁଷ ପୋଲ୍ ଭଲ୍ଟରେ ୫.୩୫ ମିଟର ଉଚ୍ଚକୁ ଡେଇଁ ନୂଆ ଜାତୀୟ ରେକର୍ଡ କରିଥିଲେ। ଏଥିସହ ଦୁଇ ମାସ ପୂର୍ବରୁ ଜାତୀୟ କ୍ରୀଡ଼ାରେ ନିଜେ ପ୍ରତିଷ୍ଠା କରିଥିବା ରେକର୍ଡ (୫.୩୨ ମିଟର)କୁ ପଛରେ ପକାଇଥିଲେ।

**ଷ୍ଟିପଲେଚେଜ୍:** ମହିଳା ୩୦୦୦ ମିଟର ଷ୍ଟିପଲେଚେଜ୍‌ରେ ପାରୁଲ ଚୌଧୁରୀ ଚଳିତ ବର୍ଷ ୨ଥର ଜାତୀୟ ରେକର୍ଡ କରିଛନ୍ତି। ପ୍ରଥମେ ୧୬ ମେ'ରେ ସେ ଏହି ଦୂରତାକୁ ୯ ମିନିଟ୍ ୧୩.୩୯ ସେକେଣ୍ଡରେ ଫିନିଶ କରି ଦୁଇ ବର୍ଷ ତଳେ ନିଜେ ପ୍ରତିଷ୍ଠା କରିଥିବା ରେକର୍ଡକୁ ଭାଙ୍ଗିଥିଲେ। ଏହାପରେ ମେ ୩୦ରେ ଏସିଆନ ଚାମ୍ପିଅନସିପ୍‌ରେ ପାରୁଲ ୯ ମିନିଟ୍ ୧୨.୪୬ ସେକେଣ୍ଡରେ ରେସ ଶେଷ କରି ପୁଣିଥରେ ନୂଆ ଜାତୀୟ ରେକର୍ଡ କରିଥିଲେ।

## ଅନିମେଶ କୁଜୁରଙ୍କ ସଫଳତା

ଓଡ଼ିଶାର ଧାବକ ଅନିମେଶ କୁଜୁର ଉଭୟ ୧୦୦ ଓ ୨୦୦ ମିଟରରେ ନିଜର ଶ୍ରେଷ୍ଠତ୍ୱ ନିକଟରେ ପ୍ରଦର୍ଶିତ କରିଛନ୍ତି। ୧୦୦ ମିଟରରେ ଚଳିତ ବର୍ଷ ୨ଥର ଜାତୀୟ ରେକର୍ଡ ପ୍ରତିଷ୍ଠା ହୋଇଛି। ମେ ୨୮ରେ ଗୁରିନ୍ଦରବୀର ସିଂହ ୧୦.୨୦ ସେକେଣ୍ଡ ସମୟ ନେଇ ମଣିକାନ୍ତ ହୋବ୍ଲିଦାର (୨୦୨୩ରେ ୧୦.୨୩ ସେକେଣ୍ଡ)ଙ୍କ ନାମରେ ଥିବା ରେକର୍ଡକୁ ଭାଙ୍ଗିଥିଲେ। ତେବେ ଜୁଲାଇ ୫ରେ ଗ୍ରୀସରେ ଅନୁଷ୍ଠିତ ଏକ ଇଭେଣ୍ଟରେ ଅନିମେଶ ୧୦.୧୮ ସେକେଣ୍ଡରେ ୧୦୦ ମିଟରକୁ ଫିନିଶ କରି ଗୁରିନ୍ଦରଙ୍କୁ ପଛରେ ପକାଇ ନୂଆ ଜାତୀୟ ରେକର୍ଡ କରିଥିଲେ। ଅପରପକ୍ଷରେ ପୁରୁଷ ୨୦୦ ମିଟରରେ ଅନିମେଶ ଦୁଇଥରର ନୂଆ ରେକର୍ଡ କରିଛନ୍ତି। ଏପ୍ରିଲ ୨୪ରେ ସେ ୨୦.୪୦ ସେକେଣ୍ଡରେ ରେସ୍ ଶେଷ କରିଥିଲେ। ଫଳରେ ୨୦୨୨ରେ ଅମ୍ଲାନ ବୋରଗୋହେଁ (୨୦.୫୨ ସେକେଣ୍ଡ) ପ୍ରତିଷ୍ଠା କରିଥିବା ୨୦୦ ମିଟର ରେକର୍ଡକୁ ଅନିମେଶ ଭାଙ୍ଗିଥିଲେ। ଏହାର କିଛି ମାସ ପରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଅନିମେଶ ୨୦୦ ମିଟରକୁ ୨୦.୩୨ ସେକେଣ୍ଡରେ ଫିନିଶ କରି ନିଜ ନାମରେ ଥିବା ରେକର୍ଡକୁ ଭାଙ୍ଗିଥିଲେ।

■ ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ୍

# ନ୍ୟୁଜିଲାଣ୍ଡର ବିଜୟ ଅଭିଯାନ

ହରାରେ, ୧୬ ।୭ (ଏଜେନ୍ସି): ଜିମ୍ବାୱେରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ନ୍ୟୁଜିଲାଣ୍ଡ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ୨ୟ ମ୍ୟାଚରେ ନ୍ୟୁଜିଲାଣ୍ଡ ୨୧ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏଥିସହ ୨ ପଏଣ୍ଟ ପାଇଁ ନ୍ୟୁଜିଲାଣ୍ଡ ଖାତା ଖୋଲିଛି। ଅପରପକ୍ଷରେ ପ୍ରଥମ ମ୍ୟାଚରେ ଜିମ୍ବାୱେକୁ ହରାଇଥିବା ଦକ୍ଷିଣ ଆଫ୍ରିକା ୨ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ସିରିଜର ପରବର୍ତ୍ତୀ ମ୍ୟାଚ୍ ଶୁକ୍ରବାର ଘରୋଇ ଜିମ୍ବାୱେ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ଦୁଇଥର ଲେଖାଏ ଖେଳିବେ। ଏହାପରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଜୁଲାଇ ୨୬ରେ ଫାଇନାଲ ଅନୁଷ୍ଠିତ ହେବ।



ଟିମ୍ ରବିନସନ

ବୁଧବାର ଖେଳାଯାଇଥିବା ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ଟିମ୍ ରବିନସନଙ୍କ ଅପରାଜିତ ଦ୍ରୁତ ଅର୍ଦ୍ଧଶତକ ବଳରେ ୫ ୱିକେଟ୍‌ରେ ୧୭୩ ରନ କରିଥିଲା। ରବିନସନ ୬ ଚୌକା ଓ ୩ ଛକା ସହ ୫୭ ବଲରୁ ୭୫ ରନ କରିଥିଲେ। ସେହିଭଳି ବେଭନ ଜାକବ୍ସ ମଧ୍ୟ ୩୦ ବଲରେ ୪୪ ରନ କରି ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ କ୍ୱିନା ମଫାକା ୨ଟି ୱିକେଟ ନେଇଥିଲେ। ଜବାବରେ ୬୨ ରନରେ ଅଧା ବ୍ୟାଟର୍‌ଙ୍କୁ ହରାଇଥିବା ଦକ୍ଷିଣ ଆଫ୍ରିକା ୧୮.୨ ଓଭରରେ ୧୫୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଡେୱାଲ୍ଡ ବ୍ରେଭିସ ୩୫, ଜର୍ଜ ଲିଣ୍ଡେ ୩୦, ଲୁଆନ-ଡ୍ରି ପ୍ରିଟୋରିଅସ ୨୭, ରିଜା ହେଣ୍ଡ୍ରିକ୍ସ ୧୬ ରନ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ମ୍ୟାଟ୍ ହେନରୀ ଓ ଜାକବ ଡଫୀ ୩ଟି ଲେଖାଏ ଏବଂ ଇଶ୍ ସୋଧୀ ୨ଟି ୱିକେଟ୍ ନେଇ ନ୍ୟୁଜିଲାଣ୍ଡକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS